ସକାଳ
THE SAKALA
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
VOLUME- 43 ◆ISSUE-82 ◆MONDAY ◆15 SEPTEMBER 2025 ◆PAGE-12 ◆₹ 6.00
BHUBANESWAR
◆ବର୍ଷ-୪୩ ◆ସଂଖ୍ୟା-୮୨ ◆ସୋମବାର ◆୧୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିଣିଲେ **ଜୟସ୍ମିନ-ମୀନାକ୍ଷୀ**

▶କ୍ରୀଡ଼ା ପୃଷ୍ଠାରେ...


METRO GROUP
www.metrogroup.ind.in
90 900 484 84

CELEBRATING 33 Years

33 YEARS OF BUILDING LANDMARKS, SHAPING ODISHA
80+ SIGNATURE PROJECTS
10,000+ FAMILIES SERVED
5+ MILLION SQ.FT. IN ACTIVE DEVELOPMENT
5X TIMES BUSINESS AWARD - EXCELLENCE IN REAL ESTATE

*For over three decades, Metro Group has been more than a developer - we have been a partner in creating homes, spaces and futures . From landmark projects in Odisha to communities across the state, Your trust has been our greatest achievement.*







*Thank You for Your Unwavering Trust !*

THE JOURNEY CONTINUES...

ORERA Regn No. : RP/19/2024/01115 | rera.odisha.gov.in | ORERA Regn No. : Phase1- MP/19/2022/00770

ସକାଳ THE SAKALA



**ଶାରଦୀୟ ଆରାଧନା**

# ଶକ୍ତିପୀଠରେ ମା'ଙ୍କ ଷୋଡ଼ଶ ଉପଚାର ଆରମ୍ଭ


ଯାଜପୁରରେ ମା' ବିରଜା


କଟକରେ ମା' କଟକ ଚଣ୍ଡୀ


କାକଟପୁରରେ ମା' ମଙ୍ଗଳା


ଝଙ୍କଡ଼ରେ ମା' ଶାରଳା


ଖୋର୍ଦ୍ଧାରେ ମା' ଉଗ୍ରତାରା

## ୨୦ରେ ବିଧାନସଭା ଘେରିବେ ଶିକ୍ଷକ

ଭୁବନେଶ୍ୱର,୧୪।୯ (ସମିସ): ଶିକ୍ଷା ଅଧିକାର ଆଇନକୁ ରାଜ୍ୟରେ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଶିକ୍ଷାଦାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ଲକ୍ଷାଧିକ ଶିକ୍ଷକ ପଦ ଖାଲି ପଡ଼ିଛି। ଠିକା, ଚୁକ୍ତି ବା ସ୍କିମ୍‌ରେ ଉଚ୍ଚଶିକ୍ଷିତ ଯୁବକଯୁବତୀଙ୍କୁ ନିଯୁକ୍ତ କରି ଶୋଷଣ କରୁଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ପୂରଣ ହେଉନାହିଁ। ଅନୁରୂପ ଭାବେ ଶିକ୍ଷକଙ୍କ ଏକାଧିକ ଦାବିକୁ ମଧ୍ୟ ଦୀର୍ଘ ଦିନ ଧରି ସରକାର ଅଣଦେଖା କରୁଛନ୍ତି। ବାରମ୍ବାର ଆଲୋଚନା କରୁଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ବାହାର କରୁନାହାନ୍ତି। ଏଣୁ, ଆସନ୍ତା ୨୦ ତାରିଖରେ ବିଧାନସଭା ଘେରାଉ କରିବା ପାଇଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ନିଷ୍ପତ୍ତି ନେଇଛି।

ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ ୨୦୧୧ ପରେ ଶିକ୍ଷକତା ପାଇଁ ଓଟିଇଟି ପରୀକ୍ଷା ବାଧ୍ୟତାମୂଳକ କରିବାକୁ ୨୦୧୯ ମସିହାରେ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାର ପ୍ରାୟ ୧୫ ବର୍ଷ ପରେ, ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ମଧ୍ୟ ଓଟିଇଟି ବାଧ୍ୟତାମୂଳକ କରିବା ନିନ୍ଦନୀୟ। ଏହାକୁ ଆଳ କରି ୪ବର୍ଷ ହେଲା ପଦୋନ୍ନତି ଦିଆଯାଉନାହିଁ। ସେହିପରି, ୨୭ଟି ରାଜ୍ୟରେ କେନ୍ଦ୍ରୀୟ ଢାଞ୍ଚାରେ ଦରମା ୪୨୦୦ ଗ୍ରେଡ୍ ପେ', ଚାକିରି ସର୍ତ୍ତାବଳୀ, ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉଥିବା ବେଳେ ରାଜ୍ୟର ଶିକ୍ଷକଙ୍କୁ ୨୨୦୦ ଗ୍ରେଡ୍-ପେ' ଦିଆଯାଉଛି।

ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ଉଚ୍ଛେଦ ପାଇଁ ଘୋଷଣା ହୋଇଥିଲେ ମଧ୍ୟ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏଣୁ, ତୁରନ୍ତ ସ୍କିମାଟିକ୍ ଉଚ୍ଛେଦ ସହ କେନ୍ଦ୍ରୀୟ ହାରରେ ଦରମା, ୬ ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, ସ୍ୱାସ୍ଥ୍ୟବୀମା ଓ ପୁରୁଣା ପେନସନ୍ ପରି ପ୍ରମୁଖ ଦାବିକୁ ସରକାର ଗୁରୁଦିବସରେ ପୂରଣ କରିବେ ବୋଲି ସଂଘ ଆଶା ରଖିଥିଲା। ହେଲେ ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ଆସନ୍ତା ୨୦ତାରିଖରେ ବିଧାସଭା ଘେରିବେ ବୋଲି ଶ୍ରମିକ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ସମେତ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସୁଧାଂଶୁ ମଣ୍ଡଳ, ଟୁଲୁ ଦେଇ, ଚିନ୍ତାମଣି ପାଢ଼ୀ, ଅଗାଧୁ ସେଠୀ, କେଶବ ଚନ୍ଦ୍ର ଦଳାଇ, ଗୋପାଳ ସେନ, ମୁକ୍ତିରାମ ପାଣିଗ୍ରାହୀ, ବିପିନ ବିହାରୀ ପାତ୍ର, ବିରୂପାକ୍ଷ ସେଠୀଙ୍କ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଏଆଇସିସି ସଂଗଠନ ସମ୍ପାଦକଙ୍କ ମାରାଥନ ବୈଠକ**

## 'ଓଡ଼ିଶାରେ ଠିକଣା ରାସ୍ତାରେ ଚାଲୁଛି କଂଗ୍ରେସ'

ଭୁବନେଶ୍ୱର, ୧୪।୯ (ସମିସ): କେହି ବଡ଼ କି ଛୋଟ ନେତା ନୁହନ୍ତି। ସମସ୍ତେ କଂଗ୍ରେସ ନେତା। ୨୦୨୯ କଂଗ୍ରେସର। ଓଡ଼ିଶାରେ କଂଗ୍ରେସ ଠିକଣା ବାଟରେ ଚାଲିଛି। ଓଡ଼ିଶା ଗସ୍ତରେ ଆସିଥିବା ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି ବେଣୁଗୋପାଳ ମାରାଥନ ବୈଠକ କରି ଦଳର ନେତା ଓ କର୍ମୀଙ୍କୁ ଏହା କହିଛନ୍ତି। ରବିବାର ସନ୍ଧ୍ୟାରେ କଂଗ୍ରେସ ଭବନରେ ପ୍ରଥମେ ଦଳର ରାଜନୈତିକ ବ୍ୟାପାର କମିଟି ବୈଠକ ଓ ପରେ ପିସିସି କାର୍ଯ୍ୟକର୍ତ୍ତା, ସମସ୍ତ ବିଭାଗ, ଛାମୁଆ ସଂଗଠନ ଓ ସେଲ୍‌ର ମୁଖ୍ୟ ତଥା ସଂଗଠନ ସୃଜନ ଅଭିଯାନରେ ଦାୟିତ୍ୱ ନିଭାଇଥିବା ପିସିସି ପର୍ଯ୍ୟବେକ୍ଷକମାନଙ୍କ ସହ ଶ୍ରୀ ବେଣୁଗୋପାଳ ବୈଠକ କରିଥିଲେ।

ଏହି ଅବସରରେ ସେ କହିଛନ୍ତି ଯେ ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା ଓଡ଼ିଶାର ସମସ୍ତ ୩୫ ସାଂଗଠନିକ ଜିଲ୍ଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ। ଦଳର ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହେବ।

ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକରେ




ଦଳର ସମସ୍ତ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ସେ ଆହୁରି କହିଥିଲେ, ଦଳ ଏବେ ଜନସାଧାରଣଙ୍କ ଦୃଷ୍ଟିରେ ଓଡ଼ିଶାରେ ପ୍ରମୁଖ ବିରୋଧୀ ଦଳର ମାନ୍ୟତା ପାଉଛି। ପ୍ରତି ତିନି ମାସରେ ଥରେ ନବନିଯୁକ୍ତ ଜିଲ୍ଲା ସଭାପତିମାନଙ୍କ କାର୍ଯ୍ୟ ସମୀକ୍ଷା କରାଯିବ। ଅକ୍ଟୋବରରେ କଂଗ୍ରେସ ସମସ୍ତ ବ୍ଲକରେ ପହଞ୍ଚିବ। ନଭେମ୍ବର-ଡିସେମ୍ବରରେ ଭୋଟ୍ ଚୋରି ପ୍ରସଙ୍ଗକୁ ତୃଣମୂଳସ୍ତର ଯାଏଁ ପହଞ୍ଚାଇବା ସହ ବୁଥ୍ କମିଟି ଗଠନ କାର୍ଯ୍ୟ ସାରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପିଏସି ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି ଯେ କଂଗ୍ରେସ ଏବେ ରାଜ୍ୟରେ ଉଠୁଛି। ଓଡ଼ିଶାରେ ପିସିସି ଯେଉଁ ଗତିରେ କାମ କରୁଛି, ସେହି ଧାରା ଅବ୍ୟାହତ ରହିଲେ ୨୦୨୯ ରେ ଆମକୁ ରୋକିବା ଅସମ୍ଭବ ହେବ। ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ସଂଗଠନ ସୃଜନରେ ଅଗଣିତ କଂଗ୍ରେସ ନେତା ଓ କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ବୃଥା ଯିବ ନାହିଁ। ଆସନ୍ତା ଅକ୍ଟୋବର ୨ରୁ ବର୍ଷବ୍ୟାପୀ ପଦଯାତ୍ରାରେ ଭାଗ ନେବାକୁ ସେ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି।

ଅନ୍ୟପଟେ, ଆଗାମୀ ଦିନରେ ଦଳର ବରିଷ୍ଠ ନେତାମାନଙ୍କୁ ୩ଟି ଲେଖାଏଁ ନିର୍ବାଚନମଣ୍ଡଳୀ ଦାୟିତ୍ୱ ଦିଆଯିବ ବୋଲି ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ବରିଷ୍ଠ ନେତାମାନେ ଜିଲ୍ଲା ସଭାପତିଙ୍କ ସହ ମିଶି ଦଳୀୟ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି। ରାଜନୈତିକ ବ୍ୟାପାର କମିଟି ବୈଠକରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନାଙ୍କ ସମେତ ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂହ ସାଲୁଜା, ରମେଶ ଜେନା, ସୋଫିଆ ଫିର୍ଦ୍ଦୋଷ, ଶ୍ରୀକାନ୍ତ ଜେନା, ସପ୍ତଗିରି ଉଲାକା ଓ ଡ. ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇ ଅନେକ ପ୍ରସ୍ତାବ ରଖିଥିଲେ।

**ବାଇକ୍‌କୁ ଧକ୍କା ଦେଲା ଟ୍ରେଲର**

## ସ୍ତ୍ରୀ ଆଗରେ ଚାଲିଗଲେ ସ୍ୱାମୀ

**ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ**



ସାରସକଣା,୧୪।୯ (ସମିସ): ସ୍ତ୍ରୀ ଆଖି ଆଗରେ ଚାଲିଗଲା ସ୍ୱାମୀଙ୍କ ଜୀବନ। ସାରସକଣା ବ୍ଲକ୍ ଝାରପୋଖରିଆ ଥାନା ଅଧୀନ ୧୮ ଓ ୪୯ ନଂ. ଜାତୀୟ ରାଜପଥର ମିଳନସ୍ଥଳ ବମ୍ବେ ଛକ ଓଭରବ୍ରିଜ୍ ତଳ ସର୍ଭିସ୍ ରୋଡ୍‌ରେ ଆଜି ଏହି ଅଘଟଣ ଘଟିଛି। ମୃତକ ହେଲେ, ଚାନ୍ଦୁଆ ଥାନା ଅନ୍ତର୍ଗତ ରଜାବସା ଗ୍ରାମର ସୁରେଶ ବିନ୍ଧାଣି (୩୫)।

ସୂଚନାନୁସାରେ, ସୁରେଶଙ୍କ ଶ୍ୱଶୁରଘର ଝାଡ଼ଖଣ୍ଡ ରାଜ୍ୟ ଘୋଡ଼ାବାନ୍ଧା ଥାନା ମାଙ୍କଡ଼ି ଗ୍ରାମରେ। ଆଜି ସେ ଶ୍ୱଶୁରଘରୁ ସ୍ତ୍ରୀଙ୍କୁ ନେଇ ବାଇକ୍‌ରେ ଫେରୁଥିବା ବେଳେ ବମ୍ବେ ଛକ ଓଭରବ୍ରିଜ୍ ନିକଟରେ ଏକ ଲୁହାବୋଝେଇ ଟ୍ରେଲର୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସୁରେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ।

ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଓଭରବ୍ରିଜ୍ ପାଇଁ ବାରମ୍ବାର ଦୁର୍ଘଟଣାରେ ଜୀବନ ଯାଉଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଝାରପୋଖରିଆ ଅଞ୍ଚଳବାସୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଶହଶହ ଯାନବାହନ ଚଳାଚଳ ଅଟକି ରହିଥିଲା। ଖବର ପାଇ ଝାରପୋଖରିଆ ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ। ପ୍ରତିଦିନ ଦୁଇଜଣ ହୋମ୍‌ଗାର୍ଡଙ୍କୁ ଓଭରବ୍ରିଜ୍ ତଳେ ଡ୍ୟୁଟି କରିବା, ମୁଖ୍ୟ ରାସ୍ତା ଉପରେ ବାରିକେଡ୍ ଦେବା ଏବଂ ହମ୍ପସ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସାରସକଣା ଅତିରିକ୍ତ ତହସିଲଦାର ରେଡକ୍ରସ୍ ପକ୍ଷରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଝାରପୋଖରିଆ ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା। ଅପରପକ୍ଷେ, ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ୍ ଅଟକ ରଖି ତଦନ୍ତ ଚଳାଇଛି।

### ଦୁର୍ଘଟଣାରେ ୨ ମୃତ

ଯୋଡ଼ା, ୧୪।୯ (ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ବାରବାଙ୍କ ଘାଟି ଜଙ୍ଗଲ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କୋଇଡ଼ା ଥାନା କାଦଡିହି ଗ୍ରାମର ରାମ ମୁଣ୍ଡା(୨୦) ଓ ସାମୁଏଲ ମୁଣ୍ଡା(୧୬)। ଦୁହେଁ ଏକ ଜନ୍ମଦିନ କାର୍ଯ୍ୟକ୍ରମରେ ଯୋଗଦେଇ ବଡ଼ବିଲରୁ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ବାରବାଙ୍କ ଘାଟି ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରୁଗୁଡ଼ି ପୁଲିସ ଶବଦ୍ୱୟକୁ ଜବତ କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏନେଇ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବାପାଙ୍କ ଶବ ନେଇ ଆସୁଥିବା ପୁଅ ଶବ ହୋଇଗଲା

ଠାକୁରମୁଣ୍ଡା, ୧୪।୯ (ସମିସ): କଟକରୁ ବାପାଙ୍କ ମୃତଦେହ ଆମ୍ବୁଲାନ୍ସରେ ନେଇ ଫେରୁଥିବା ବେଳେ ବାଟରେ ଦୁର୍ଘଟଣା ନେଇଗଲା ପୁଅର ଜୀବନ। ମୃତ ଯୁବକ ହେଲେ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ମିଟୁଆଣି ଗ୍ରାମର ଶୁଭ ପ୍ରକାଶ ନାୟକ। ଦିନକରେ ବାପା-ପୁଅଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।



ସୂଚନାନୁଯାୟୀ, ଶୁଭଙ୍କ ବାପା ଗୋପବନ୍ଧୁ ନାୟକ (୬୫)ଙ୍କ ଉଚ୍ଚ ରକ୍ତଚାପ ଥିଲା। ଏଥିଯୋଗୁଁ ପ୍ରାୟ ୩ ମାସ ତଳେ ସେ ଘର ସମ୍ମୁଖରେ ପଡ଼ି ଗୁରୁତର ହୋଇଥିଲେ। ଅଧିକ ଚିକିତ୍ସା ପାଇଁ କିଛି ଦିନ ତଳେ ଶୁଭ ତାଙ୍କୁ କଟକର ଏକ ମେଡିକାଲରେ ଭର୍ତ୍ତି କରାଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋପବନ୍ଧୁଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ଶୁଭ ଏକ ଆମ୍ବୁଲାନ୍ସରେ ବାପାଙ୍କ ମୃତଦେହକୁ ଠାକୁରମୁଣ୍ଡା ଆଣୁଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ପାଣିକୋଇଲି-ଯାଜପୁର ରୋଡ୍ ମଧ୍ୟରେ ଥିବା ମାଧପୁର ନିକଟରେ ଆମ୍ବୁଲାନ୍ସ ଅଟକିଥିଲା। ଶୁଭ ଆମ୍ବୁଲାନ୍ସରୁ ଓହ୍ଲାଇ ଏକ ଦୋକାନକୁ ପାଣି ଆଣିବାକୁ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ପିକଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଶୁଭଙ୍କୁ ପ୍ରଥମେ ଯାଜପୁର ରୋଡ୍ ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

**ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶ**

## 'ବେଆଇନ ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ'

ଭୁବନେଶ୍ୱର, ୧୪।୯ (ସମିସ): ବିନା ଅନୁମତିରେ ରାଜ୍ୟ ସାରା ମାଳମାଳ ପ୍ରି-ସ୍କୁଲ୍ ଖୋଲିଛି। ମୌଳିକ ସୁବିଧା ନଥିବା ସତ୍ତ୍ୱେ କୋମଳମତି ଶିଶୁଙ୍କୁ ଶିକ୍ଷାଦାନ ଦିଆଯାଉଛି। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏନେଇ ନଜର ନାହିଁ। ଏପରି ଅଣ-ସ୍ୱୀକୃତିପ୍ରାପ୍ତ ଏବଂ ବେଆଇନ ଶିକ୍ଷାନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ମାନବାଧିକାର ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାସନାଲ୍ ପ୍ୟାରେଣ୍ଟ ଫେଡେରେସନ୍ ସଭାପତି ଭୂମୋହନ ବେବର୍ତ୍ତା ପଟ୍ଟନାୟକ ଦାୟର କରିଥିବା ମାମଲାର ଶୁଣାଣି କରି ଆୟୋଗ ଏହି ନିର୍ଦ୍ଦେଶ ଦେବା ସହ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗକାରୀ ଶ୍ରୀ ପଟ୍ଟନାୟକ ଦର୍ଶାଇଛନ୍ତି ଯେ ଓଡ଼ିଶା ଶିକ୍ଷା ଆଇନ ଏବଂ ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରି ରାଜ୍ୟରେ ପ୍ରାୟ ୧୫ଶହ ବେସରକାରୀ ବିଦ୍ୟାଳୟ ଚାଲୁଛି। ଛାତ୍ରଛାତ୍ରୀଙ୍କ ନିରାପତ୍ତା, ସୁରକ୍ଷା ଏବଂ ଭବିଷ୍ୟତକୁ ବିପଦ ଭିତରକୁ ଠେଲି ଦେଇଛନ୍ତି। ଏପରି କରୁଥିବା ବିଦ୍ୟାଳୟଠାରୁ ଜରିମାନା ଆଦାୟ କରିବା ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉନାହିଁ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୦୧୮ ରୁ କ୍ରମାଗତ ଭାବେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏ ସମ୍ପର୍କରେ ନ୍ୟାସନାଲ୍ ପ୍ୟାରେଣ୍ଟ ଫେଡେରେସନ୍ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ବିଭାଗୀୟ ସଚିବଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ଶ୍ରୀ ପଟ୍ଟନାୟକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷାକୁ ସରକାର ପ୍ରାଥମିକତା ଦେବାକୁ ଫେଡେରେସନ୍ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପଦେଷ୍ଟା ନାଗାର୍ଜୁନ ସେଠୀ, ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ, ନିର୍ମଳ ରାଉତ, ସଂପାଦକ ରମେଶ ଭାରତୀ ଏବଂ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ଇଏସ୍‌ଆଇକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

## କମ୍ପାନୀ ପରିସର ପାଖରେ ସ୍ୱାସ୍ଥ୍ୟ ସୁବିଧା ଯୋଗାଅ

କଟକ, ୧୪।୯ (ସମିସ): ଏକ ନିର୍ମାଣ କମ୍ପାନୀ କର୍ମଚାରୀମାନଙ୍କ ପାଇଁ ସେହି ପ୍ରତିଷ୍ଠାନ ନିକଟବର୍ତ୍ତୀ ଅଞ୍ଚଳରେ ଇଏସ୍‌ଆଇ ହସପିଟାଲ କିମ୍ବା ଡିସପେନସାରୀ ସୁବିଧା ନ ଥିବା ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ସମ୍ପୃକ୍ତ ପ୍ରତିଷ୍ଠାନ ନିକଟବର୍ତ୍ତୀ ଅଞ୍ଚଳରେ କର୍ମଚାରୀଙ୍କୁ ଚିକିତ୍ସା ସୁବିଧା ପ୍ରଦାନ ପାଇଁ ରାଜ୍ୟ କର୍ମଚାରୀ ବୀମା ନିଗମ (ଇଏସ୍‌ଆଇ)କୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଜୟ କୁମାର ଭ୍ରମରବର ରାୟଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଭିନ୍ନ ସମୟରେ ଇଏସ୍‌ଆଇ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ଏପରି କାର୍ଯ୍ୟ ୬ ମାସ ମଧ୍ୟରେ କରିବାକୁ ଅଦାଲତ କହିଛନ୍ତି। ଅନ୍ୟପଟରେ ଇଏସ୍‌ଆଇ ଆଇନର ଧାରା ୮୫-ବି ଅନ୍ତର୍ଗତ ୨୦ ଡିସେମ୍ବର, ୨୦୨୧ ତାରିଖରେ ଆବେଦନକାରୀଙ୍କ ଦାବିକୁ ଖାରଜ କରି ଇଏସ୍‌ଆଇର ଉପ-ନିର୍ଦ୍ଦେଶକ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ଗୁମାଡେରାରେ ଅବସ୍ଥିତ ମେସର୍ସ ଅଜୟ କନଷ୍ଟ୍ରକ୍ସନର ମାଲିକ। ଇଏସ୍‌ଆଇ ଆଇନ ଅନୁସାରେ ଗତ ୨୦୧୭ରେ ତାଙ୍କର ପ୍ରତିଷ୍ଠାନ ପଞ୍ଜୀକୃତ କରାଯାଇଥିଲା। ଇଏସ୍‌ଆଇ ବାବଦରେ କର୍ମଚାରୀଙ୍କ ତରଫରୁ କମ୍ପାନୀ ଅର୍ଥ ଜମା କରିଆସୁଥିଲେ ମଧ୍ୟ ନିକଟବର୍ତ୍ତୀ ଅଞ୍ଚଳରେ କୌଣସି ଚିକିତ୍ସା ସୁବିଧା ଉପଲବ୍ଧ ନଥିଲା। ୨୨ କି.ମି ଦୂରରେ ଇଏସ୍‌ଆଇ ହସପିଟାଲ ରହିଥିଲା। କର୍ମଚାରୀଙ୍କ ବିରୋଧ ତଥା ଚିକିତ୍ସା ସୁବିଧା ନଥିବାରୁ କମ୍ପାନୀ ଇଏସଆଇ ଅର୍ଥ ଜମା କରୁନଥିଲା। ପରବର୍ତ୍ତୀ ସମୟରେ କାରଣଦର୍ଶାଅ ନୋଟିସ ପାଇ କମ୍ପାନୀ ସମସ୍ତ ଟଙ୍କା ଜମା କରିଥିଲେ ସୁଦ୍ଧା କମ୍ପାନୀ ଉପରେ ୩ ଲକ୍ଷ ୮୩ ହଜାର ୯୯୯ ଟଙ୍କା କ୍ଷତିପୂରଣ ଭରଣା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ବେଲପାହାଡ଼ କିମ୍ବା ଆଖପାଖରେ ଚିକିତ୍ସା ଭିତ୍ତିଭୂମି ଯୋଗାଇବା ପାଇଁ କମ୍ପାନୀ ପକ୍ଷରୁ ଦାବି କରାଯାଇ ଆସିଥିଲେ ସୁଦ୍ଧା ଏହାକୁ ଖାରଜ କରି ଦିଆଯାଇଥିଲା। ଏହା ବିରୋଧରେ କମ୍ପାନୀ ମାଲିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ହୋମ୍‌ଗାର୍ଡ ଇଣ୍ଟରଭ୍ୟୁ ବେଳେ ଅଘଟଣ**

## ଦୌଡ଼ିବା ବେଳେ ଟଳିପଡ଼ିଲେ ଆଶାୟୀ

ଛତ୍ରପୁର, ୧୩।୮ (ସମିସ): ହୋମ୍‌ଗାର୍ଡ ଇଣ୍ଟରଭ୍ୟୁ ବେଳେ ଅଘଟଣ। ଦୌଡ଼ ପରୀକ୍ଷା ବେଳେ ଅଧାରେ ଟଳି ପଡ଼ିଲେ ଆଶାୟୀ। ଗଞ୍ଜାମ ପୁଲିସ ଜିଲ୍ଲା ଅଧୀନ ଛତ୍ରପୁରଠାରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ତାରସିଂ ଥାନା ତୁଳସୀପଲ୍ଲୀ ଅଞ୍ଚଳର ଶିବରାମ ପ୍ରଧାନ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ସୂଚନାନୁଯାୟୀ, ଆଜି ଗଂଜାମ ପୁଲିସ୍ ଜିଲ୍ଲାରେ ହୋମ୍‌ଗାର୍ଡ ଆଶାୟୀଙ୍କ ଶାରୀରିକ ଦକ୍ଷତା ପରୀକ୍ଷା ଛତ୍ରପୁରଠାରେ ଅନୁଷ୍ଠିତ ହେଉଥିଲା। ଦୌଡ଼ ପରୀକ୍ଷା ବେଳେ ଶିବରାମ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଛତ୍ରପୁର ମେଡିକାଲ ନିଆଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣା ଯୋଗୁ ଅପରାହ୍ଣରେ ପରୀକ୍ଷାକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ଆଶାୟୀମାନେ ନିଜନିଜ ଘରକୁ ଫେରିଯାଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ପରେ ପୁଣି ଇଣ୍ଟରଭ୍ୟୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

**ପୁଲିସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ବେଳେ ହୃଦ୍‌ଘାତ**

## ନେପାଳୀ ଯୁବକ ମୃତ

ଝାରସୁଗୁଡ଼ା, ୧୪।୯ (ସମିସ): ଝାରସୁଗୁଡ଼ା ରିଜର୍ଭ ପୁଲିସ୍ ପଡ଼ିଆରେ ଆଜି ଏକ ଅଘଟଣ ଘଟିଛି। ଆସନ୍ତା ସପ୍ତାହରେ ହେବାକୁ ଥିବା ଓଡ଼ିଶା ସ୍ପେଶାଲ୍ ଆର୍ମଡ୍ ପୁଲିସ୍ (ଓଏସଏପି) ନିଯୁକ୍ତି ପରୀକ୍ଷା ପାଇଁ ଅଭ୍ୟାସ କରୁଥିବା ଜଣେ ନେପାଳୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗୋବିନ୍ଦ କୁମାଲ। ସେ ନେପାଳର ବାଗଲୁଙ୍ଗ ଜିଲ୍ଲା, ବାଡିଗାଡ଼ ପଞ୍ଚାୟତ, ୱାର୍ଡ ୨ର ଦୁର୍ଗା ବହାଦୁର କୁମାଲଙ୍କ ପୁଅ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ହେବାକୁ ଥିବା ଓଏସଏପି ଦ୍ୱିତୀୟ ବାଟାଲିଅନ୍‌ର ନିଯୁକ୍ତି ପରୀକ୍ଷା ପାଇଁ ଗୋବିନ୍ଦ ଝାରସୁଗୁଡ଼ା ଆସିଥିଲେ। ଆଜି ସେ ପଡ଼ିଆରେ ଶାରୀରିକ ପରୀକ୍ଷା ପାଇଁ ଅଭ୍ୟାସ କରୁଥିବା ବେଳେ ତାଙ୍କୁ ହୃଦ୍‌ଘାତ ହୋଇଥିଲା ଏବଂ ସେ ଟଳି ପଡ଼ିଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଅନ୍ୟମାନେ ତାଙ୍କୁ ନିକଟସ୍ଥ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।






ଏସିଆ କପ୍

## ଦୁବାଇରେ ଭାରତର ଦମ୍‌ଦାର ବିଜୟ; ଧୂଳି ଚାଟିଲା ପାକିସ୍ତାନ

▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-82 ◆MONDAY ◆15 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୨ ◆ସୋମବାର ◆୧୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







**ଲକ୍ଷ୍ନୌ ବିମାନବନ୍ଦରରେ ଟଳିଲା ବଡ଼ ଦୁର୍ଘଟଣା**

# ଅଳ୍ପକେ ବର୍ତ୍ତିଲେ ଡିମ୍ପଲ ଯାଦବଙ୍କ ସମେତ ୧୫୧ ଯାତ୍ରୀ




ରନ୍‌ୱେରେ ବ୍ରେକ୍ ଲଗାଇ ରୋକିଲେ ପାଇଲଟ୍

■ **ଲକ୍ଷ୍ନୌ, ୧୪।୯ (ଏଜେନ୍ସି):** ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ବିମାନ ବନ୍ଦରରେ ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ଶନିବାର ସକାଳ ୧୧.୧୦ରେ ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଆରମ୍ଭ ବେଳେ ରନୱେରେ ଇଣ୍ଡିଗୋ(୬-ଇ-୨୧୧୧) ବିମାନ ଇଞ୍ଜିନକୁ ଥ୍ରଷ୍ଟ ତଥା ଚାପ ନ ମିଳିବାରୁ ପାଇଲଟ ଉପସ୍ଥିତ ବୁଦ୍ଧି ଖଟାଇ ବିମାନକୁ ଉଡ଼ିବା ପୂର୍ବରୁ ବ୍ରେକ୍ ଲଗାଇ ରୋକି ଦେଇଥିଲେ। ଏଥିଯୋଗୁଁ ୧୫୧ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। ଏହି ଯାତ୍ରୀଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ପତ୍ନୀ ଡିମ୍ପଲ ଯାଦବ ସାମିଲ ଥିଲେ। ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇ ଅନ୍ୟଏକ ବିମାନରେ ଦିଲ୍ଲୀ ପଠାଯାଇଥିଲା। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ଘଟଣାର ରିପୋର୍ଟ ମାଗିଛି। ବୈଷୟିକ ତ୍ରୁଟି ଯୋଗୁଁ ଟେକଅଫ୍ ପୂର୍ବରୁ ରୋକିବାକୁ ପଡ଼ିଲା ବୋଲି ଇଣ୍ଡିଗୋ ତରଫରୁ କୁହାଯାଇଛି।

# ବୀମାରେ ୧୦୦% ଏଫ୍‌ଡିଆଇ

## ଶୀତ ଅଧିବେଶନରେ ଆସିବ ବିଲ୍




■ **ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି):** ଭାରତୀୟ ବଜାରରେ ବଢ଼ିବ ବିଦେଶୀ ବୀମା କମ୍ପାନୀଙ୍କ ଦବ୍‌ଦବା। କାରଣ ଦେଶର ବୀମା କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ସଂସଦର ଆଗାମୀ ଶୀତ ଅଧିବେଶନରେ ଏ ସମ୍ପର୍କରେ ଏକ ବିଲ୍ ଆଗତ ହେବାର ସମ୍ଭାବନା ରହିଛି। ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବୀମା କ୍ଷେତ୍ରରେ ଏଫ୍‌ଡିଆଇ ସୀମା ଶେଷ ଥର ପାଇଁ ୨୦୨୧ରେ ୪୯%ରୁ ୭୪%କୁ ବୃଦ୍ଧି କରାଯାଇଥିଲା। ସେହିପରି ୨୦୧୫ରେ ମଧ୍ୟ ସରକାର ଏଫ୍‌ଡିଆଇ ସୀମା ୨୬% ରୁ ୪୯%କୁ ବୃଦ୍ଧି କରିଥିଲେ। ଚଳିତବର୍ଷର ବଜେଟ୍ ଭାଷଣରେ, ଅର୍ଥମନ୍ତ୍ରୀ ନୂତନ ପିଢ଼ିର ଆର୍ଥିକ କ୍ଷେତ୍ର ସଂସ୍କାର ଅଧୀନରେ ବୀମା କ୍ଷେତ୍ରରେ ବିଦେଶୀ ନିବେଶ ସୀମାକୁ ବର୍ତ୍ତମାନର ୭୪% ରୁ ୧୦୦%କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବର୍ଦ୍ଧିତ ସୀମା ସେହି କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ହେବ ଯେଉଁମାନେ ସେମାନଙ୍କର ସମ୍ପୂର୍ଣ୍ଣ ପ୍ରିମିୟମ୍ ଭାରତରେ ନିବେଶ କରନ୍ତି।

ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ଶେଷ ଭାଗରେ ଆରମ୍ଭ ହୁଏ ଏବଂ ଖ୍ରୀଷ୍ଟମାସ ପୂର୍ବରୁ ଶେଷ ହୋଇଥାଏ। ଏ ପର୍ଯ୍ୟନ୍ତ, ଭାରତର ବୀମା କ୍ଷେତ୍ର ଏଫ୍‌ଡିଆଇ ମାଧ୍ୟମରେ ୮୨,୦୦୦ କୋଟି ଟଙ୍କା ଆକର୍ଷିତ କରିଛି। ଅର୍ଥ ମନ୍ତ୍ରଣାଳୟ ବୀମା ଆଇନ ୧୯୩୮ର ବିଭିନ୍ନ ବ୍ୟବସ୍ଥାରେ ସଂଶୋଧନ ପ୍ରସ୍ତାବ ଦେଇଛି, ଯେଉଁଥିରେ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ନିବେଶକୁ ୧୦୦%କୁ ବୃଦ୍ଧି କରିବା, ଦେୟପ୍ରାପ୍ତ ପୁଞ୍ଜି ହ୍ରାସ କରିବା ଏବଂ ଏକ ମିଶ୍ରିତ ଲାଇସେନ୍ସ ପାଇଁ ବ୍ୟବସ୍ଥା ଅନ୍ତର୍ଭୁକ୍ତ।

ପ୍ରସ୍ତାବିତ ସଂଶୋଧନଗୁଡ଼ିକ ମୁଖ୍ୟତଃ ପଲିସିଧାରକଙ୍କ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା, ସେମାନଙ୍କର ଆର୍ଥିକ ସୁରକ୍ଷା ବୃଦ୍ଧି କରିବା ଏବଂ ବୀମା ବଜାରରେ ଅଧିକ କମ୍ପାନୀଗୁଡ଼ିକର ପ୍ରବେଶକୁ ସହଜ କରିବା ଉପରେ କେନ୍ଦ୍ରିତ। ଏହି ପଦକ୍ଷେପ ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି କରିବ ବୋଲି ସରକାରଙ୍କ ଆଶା। ବର୍ତ୍ତମାନ, ଭାରତରେ ୨୫ଟି ଜୀବନ ବୀମା କମ୍ପାନୀ ଏବଂ ୩୪ଟି ଅଣ-ଜୀବନ କିମ୍ବା ସାଧାରଣ ବୀମା କମ୍ପାନୀ କାର୍ଯ୍ୟରତ।

**ପ୍ରବାସୀ ବିରୋଧୀଙ୍କ ବିଶାଳ ବିକ୍ଷୋଭ**

# ବ୍ରିଟେନ ଥରହର



■ **ଲଣ୍ଡନ, ୧୪।୯ (ଏଜେନ୍ସି):** ବ୍ରିଟେନରେ ଦିନକୁ ଦିନ ପ୍ରବାସୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିସହ ଅବୈଧ ଅନୁପ୍ରବେଶ ମଧ୍ୟ ବଢ଼ିଚାଲିଛି। ଏହି ପ୍ରସଙ୍ଗକୁ ନେଇ ଆଜି(ରବିବାର) ଲକ୍ଷଲକ୍ଷ ଲୋକ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। 'ୟୁନାଇଟ୍ ଦ କିଙ୍ଗଡମ୍' ନାମରେ ବିକ୍ଷୋଭ ସମୟରେ ସ୍ଥାନୀୟ ଜନସାଧାରଣ 'ଲଢ଼ ନଚେତ୍ ମର' ସ୍ଲୋଗାନ ଦେଇ ବିକ୍ଷୋଭକାରୀମାନେ ରାଜପଥ କମ୍ପାଇଛନ୍ତି। ବିରୋଧ କ୍ରମଶଃ ହିଂସାତ୍ମକ ରୂପ ନେବା ପରେ ବିକ୍ଷୋଭକାରୀଙ୍କୁ ରୋକିବାକୁ ଗ୍ରେଟ ବ୍ରିଟେନ୍ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଛି। ଆନ୍ଦୋଳନକାରୀମାନେ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ବିରୋଧରେ ସ୍ଲୋଗାନ ଦେଇ ବେଆଇନ ଅନୁପ୍ରବେଶକାରୀଙ୍କୁ ଘରକୁ ପଠାଇବାକୁ ଦାବି କରିଛନ୍ତି।

ସମ୍ପ୍ରତି ବ୍ରିଟେନର ଜନସଂଖ୍ୟାର ମୋଟ ୧୬% ପ୍ରବାସୀ ଅଛନ୍ତି ଓ ଏମାନଙ୍କ ମଧ୍ୟରୁ ଅନେକ ବେଆଇନ ଭାବରେ ପ୍ରବେଶ କରିଥିବା ଅଭିଯୋଗ ହୋଇଛି। କେବଳ ୨୦୨୪ରେ ୪ ଲକ୍ଷରୁ ଅଧିକ ପ୍ରବାସୀ ବ୍ରିଟେନ୍‌ରେ ପ୍ରବେଶ କରିଛନ୍ତି ଓ ଏମାନଙ୍କ ମଧ୍ୟରୁ ୨୮ ହଜାରରୁ ଅଧିକ ପ୍ରବାସୀ ଇଂଲିଶ ଚ୍ୟାନେଲ ଦେଇ ବେଆଇନ ଭାବରେ ବ୍ରିଟେନରେ ପହଞ୍ଚିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅବୈଧ ପ୍ରବାସୀଙ୍କ ମଧ୍ୟରେ ସର୍ବାଧିକ ମଧ୍ୟପ୍ରାଚ୍ୟ ଓ ଏସିଆ ମହାଦେଶରୁ ଯାଇଥିବା ଏବଂ ଏମାନଙ୍କ ମଧ୍ୟରେ ୪.୧ ନିୟୁତ ଏକ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ଟମି ରବିନ୍‌ସନ୍ ଏହି ଧର୍ମାବଲମ୍ବୀର ଲୋକଙ୍କ ବିରୋଧରେ ସ୍ଲୋଗାନ ଦେଇ ସବୁ ଅଶାନ୍ତି ଓ କ୍ରୁର ଆଚରଣ ପଛରେ ସେମାନଙ୍କ ହାତ ଥିବା କହିଥିଲେ। ଲଣ୍ଡନରେ ହୋଇଥିବା ଏହି ରାଲିକୁ ଦେଶର ସବୁଠୁ ବଡ଼ ଦକ୍ଷିଣପନ୍ଥୀ ରାଲି କୁହାଯାଉଛି।


- ରାସ୍ତାକୁ ଓହ୍ଲାଇଲେ ଲକ୍ଷଲକ୍ଷ ସ୍ଥାନୀୟ ବାସିନ୍ଦା
- ପ୍ରଧାନମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଦାବି
- ବ୍ରିଟେନର ମୋଟ ଜନସଂଖ୍ୟାର ୧୬% ପ୍ରବାସୀ
- ଗୋଟିଏ ବର୍ଷରେ ୪ ଲକ୍ଷ ଅବୈଧ ଅନୁପ୍ରବେଶ

ବେଆଇନ ପ୍ରବାସୀ ପ୍ରସଙ୍ଗରେ ଲକ୍ଷଲକ୍ଷ ସ୍ଥାନୀୟ ଜନସାଧାରଣ ଲଣ୍ଡନ ରାଜରାସ୍ତାକୁ ଓହ୍ଲାଇଥିବାବେଳେ ଏମିରେଟ୍ସ ଷ୍ଟାଡ଼ିୟମରେ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ପୁଅ ସହ ଫୁଟବଲ୍ ମ୍ୟାଚ ଦେଖୁଥିଲେ। ବିକ୍ଷୋଭକାରୀମାନେ ୟୁନିଅନ ଜ୍ୟାକ୍ ଏବଂ ଲାଲ-ଧଳା ରଙ୍ଗର ସେଣ୍ଟ ଜର୍ଜ କ୍ରସ୍ ପତାକା ଧରି ସଂସଦ ଅଭିମୁଖେ ଯିବା ସମୟରେ ପୁଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ଉଭୟ ବିକ୍ଷୋଭକାରୀ ଓ ପୁଲିସ ମଧ୍ୟରେ ସଂଘର୍ଷରେ ଶତାଧିକ ଆହତ ହୋଇଛନ୍ତି ଓ ଏହି ଘଟଣାରେ ଅନେକ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଥିଲା।

ଅନ୍ୟପକ୍ଷରେ ଆମେରିକା ରାଜନୀତିରେ ବିଫଳ ହୋଇଥିବା ଶିଳ୍ପପତି ଏଲନ ▶ପୃଷ୍ଠା-୭

**ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ**

# ଅକ୍ଟୋବରରୁ ଓଡ଼ିଶା ଛାଡ଼ିବ




■ **ଭୁବନେଶ୍ୱର, ୧୪।୯ (ସମିସ):** ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଛି। ରବିବାର ରାଜସ୍ଥାନର କିଛି ଅଞ୍ଚଳରୁ ମୌସୁମୀ ଅପସରି ଯାଇଛି। ସେପ୍ଟେମ୍ବର ୧୭ ଅର୍ଥାତ ସ୍ୱାଭାବିକ ତାରିଖର ୩ ଦିନ ପୂର୍ବରୁ ମୌସୁମୀ ଅପସାରଣ ଆରମ୍ଭ ହୋଇଛି। ଆଗାମୀ ୨-୩ ଦିନ ମଧ୍ୟରେ ରାଜସ୍ଥାନର ଆଉ କିଛି ଅଞ୍ଚଳ ସହ ପଞ୍ଜାବ ଓ ଗୁଜୁରାଟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହେବାକୁ ▶ପୃଷ୍ଠା-୭

**ଗୁମର ଖୋଲିଦେଲେ ବାଲେଶ୍ୱର ସାଂସଦ**

# ପୁଲିସ-ତହସିଲ-ଖଣି ବିଭାଗ ଅସାଧୁ ମେଣ୍ଟ

- ରାଜ୍ୟରେ ପଥର-ବାଲି ଚୋରି ଅଣାୟତ୍ତ
- ଆଖି ବୁଜିଦେଇଛନ୍ତି ଏସ୍‌ପି-ଜିଲ୍ଲାପାଳ
- ତୁରନ୍ତ ମାମଲା ରୁଜୁ କରିବାକୁ ପରାମର୍ଶ



■ **ଭୁବନେଶ୍ୱର, ୧୪।୯ (ସମିସ):** ସାରା ରାଜ୍ୟରେ ସୀମା ଟପିଛି ଲଘୁ ଖଣିଜ ସାମଗ୍ରୀ ବାଲି, ପଥରର ଚୋରା ଚାଲାଣ। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ଏପରି ଅଭିଯୋଗ ଆସୁଛି, ମାତ୍ର ସରକାର ଓ ବିଭାଗୀୟ ମନ୍ତ୍ରୀମାନେ ଏହାକୁ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି। ଗଣମାଧ୍ୟମ ପ୍ରଶ୍ନ କଲେ ରାଜସ୍ୱ ମନ୍ତ୍ରୀ ପ୍ରମାଣ ମାଗୁଛନ୍ତି। ମାତ୍ର ଏହି କଳା ସତ ଓ ସରକାରଙ୍କ ମିଛକୁ ପଦାରେ ପକାଇଛନ୍ତି ଖୋଦ ଶାସକ ଦଳର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଭୋଗରାଇର ସୁବର୍ଣ୍ଣରେଖା ନଦୀପଠାକୁ ନିଜେ ସାଂସଦ ଅଚାନକ ଗସ୍ତରେ ଯାଇ ବାଲି ଚୋରା ଚାଲାଣ ଆଖିରେ ଦେଖିଛନ୍ତି। ଘଟଣାସ୍ଥଳରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଫୋନ କରି ଶ୍ରୀ ଷଡ଼ଙ୍ଗୀ ପୁଲିସ-ତହସିଲ- ଖଣି ବିଭାଗ ମିଳିତ ଭାବେ ଟଙ୍କା ଖାଇ ବାଲି ଚୋରିକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି। ▶ପୃଷ୍ଠା-୭

# ଭଗବାନଙ୍କ ଭରସାରେ ଉପକୂଳ ସୁରକ୍ଷା

## ତଟ ଜଗିବାକୁ ନାହାନ୍ତି ପୁଲିସ ବାବୁ ■ ୩ ଥାନା ଦାୟିତ୍ୱରେ ଜଣେ ଅଧିକାରୀ




- ୫୪ଟି ସବ୍‌ଇନ୍ସପେକ୍ଟର ପଦରେ କାର୍ଯ୍ୟ କରୁଛନ୍ତି ୯ ଜଣ
- ଡ୍ରାଇଭର ନ ଥିବାରୁ ଖତ ଖାଉଛି ସାମୁଦ୍ରିକ ଥାନା ଗାଡ଼ି

■ **ଭୁବନେଶ୍ୱର, ୧୪।୯ (ସମିସ):** ପଡ଼ୋଶୀ ଦେଶମାନଙ୍କରେ ଅରାଜକତା ଏବେ ଦେଶର ଉପକୂଳ ରାଜ୍ୟଗୁଡ଼ିକ ପାଇଁ ସମସ୍ୟା ପାଲଟିଛି। ସମୁଦ୍ର ପଥରେ ଉପକୂଳବର୍ତ୍ତୀ ରାଜ୍ୟରେ ଅନୁପ୍ରବେଶର ଆଶଙ୍କା ବଢ଼ିଛି ଓ କୌଣସି ସମୟରେ ବି ଆତଙ୍କବାଦୀମାନେ ଏହି ରାଜ୍ୟରେ ପ୍ରବେଶ କରି କିଛି ବି ଅଘଟଣ ଘଟାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ଏପରି ସମୟରେ ଉପକୂଳ ସୁରକ୍ଷାକୁ ଓଡ଼ିଶା ପୁଲିସ ଗୁରୁତ୍ୱ ଦେଉଛି ବୋଲି ପୁଲିସ ଅଧିକାରୀମାନେ କରୁଥିବା ଦାବୀର ବାସ୍ତବିକତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର ଦୀର୍ଘ ମୁକୁଳା ଉପକୂଳ ଦେଇ ଅନୁପ୍ରବେଶ ରୋକିବାକୁ ନା ଅଛନ୍ତି କର୍ମଚାରୀ ନା ଅଛି ପାଟ୍ରୋଲିଂ ପାଇଁ ଅନୁରୂପ ବ୍ୟବସ୍ଥା। ଓଡିଶା ତଟକୁ ଜଗିବାପାଇଁ ଥିବା ସାମୁଦ୍ରିକ ଥାନାରେ କିନ୍ତୁ ଆବଶ୍ୟକ ସୁରକ୍ଷାକର୍ମୀ ନାହାନ୍ତି। ଏହିସବୁ ଥାନାପାଇଁ ଯେତିକି ମଞ୍ଜୁରୀପ୍ରାପ୍ତ ପଦ ରହିଛି ତାହାଠାରୁ ଢେର କମ୍ କର୍ମଚାରୀ ଅଛନ୍ତି ଓ ଥାନାକୁ ମିଳିଥିବା ଯାନବାହନ ବି ଅଚଳ ହୋଇ ପଡ଼ିଛି। ଏପରି ସ୍ଥିତିରେ ଉପକୂଳ ସୁରକ୍ଷା କେବଳ ଘୋଷଣାରେ ଅଟକି ଯାଇଥିବା ଅଭିଯୋଗ ହୋଇଛି।

ରାଜ୍ୟର ୪୮୦ କିଲୋମିଟର ବ୍ୟାପ ସମୁଦ୍ର ତଟର ସୁରକ୍ଷା ପାଇଁ ୧୮ଟି ଉପକୂଳ ଥାନା ସ୍ଥାପନ ହୋଇଛି। ଏହି ଥାନାପାଇଁ ▶ପୃଷ୍ଠା-୭

**ସାର ସଙ୍କଟ**

# ଆଜି ରାଜଭବନ ଘେରିବ ବିଜେଡି

■ **ଭୁବନେଶ୍ୱର, ୧୪।୯ (ସମିସ):** ରାଜ୍ୟବ୍ୟାପୀ ସାର ସଙ୍କଟ ବିରୋଧରେ ଆସନ୍ତାକାଲି ରାଜଭବନ ଆଗରେ ଧାରଣା ଦେବ ବିଜୁ ଜନତା ଦଳ। ଏଥିପାଇଁ ବିଜେଡିର ଛାମୁଆ ସଂଗଠନଗୁଡ଼ିକ ରବିବାର ନିଜର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଧାରଣା ସମ୍ପର୍କରେ ସୂଚନା ଦେଇ ବିରୋଧୀ ଦଳ ଉପନେତା ତଥା ବରିଷ୍ଠ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ପ୍ରତିନିଧି ଯୋଗଦେବେ। ଏହାପରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟବ୍ୟାପୀ ଚାଷୀ କହୁଛନ୍ତି, ଆମକୁ ସାର ମିଳୁନାହିଁ; ସରକାର କହୁଛନ୍ତି ପର୍ଯ୍ୟାପ୍ତ ପରିମାଣରେ ସାର ମିଳୁଛି। ତା' ହେଲେ କଣ ଚାଷୀ ଅସତ୍ୟ କହୁଛନ୍ତି ଏବଂ ସରକାର ସତ୍ୟ କହୁଛନ୍ତି କି ବୋଲି ପ୍ରସନ୍ନ ପ୍ରଶ୍ନ କରିଛନ୍ତି। ସରକାର ଏଭଳି ଭେଳିକି କାହିଁକି ସୃଷ୍ଟି କରିଛନ୍ତି। ମୁଁ ସରକାରଙ୍କୁ ଆହ୍ୱାନ କରୁଛି, ଭୁବନେଶ୍ୱରରେ ବିବୃତ୍ତି ନଦେଇ ମନ୍ତ୍ରୀମାନେ ଗ୍ରାମାଞ୍ଚଳକୁ ଯାଆନ୍ତୁ। ବାସ୍ତବିକ ସ୍ଥିତିର ଅନୁଧ୍ୟାନ କରନ୍ତୁ। ସେମାନେ ଯଦି ନିଜେ ଉପଲବ୍ଧି କରିବେ, ଚାଷୀଙ୍କୁ ସଠିକ୍ ଭାବେ ମିଳୁଛି, ଆମେ ତାହାକୁ ଗ୍ରହଣ କରିବୁ। ବସ୍ତାଏ ସାର ପାଇଁ ଚାଷୀଟିଏ ସାରା ରାତି ଲମ୍ବା ଲାଇନରେ ଛିଡ଼ା ହେଉଛି। ମାତ୍ର ସାର ମିଳୁନାହିଁ। ପାକ୍ସରେ ସାର ମିଳୁନଥିବା ବେଳେ ଖୋଲା ବଜାରରୁ ଚାଷୀ ତିନିଗୁଣ ଚାରିଗୁଣ ଦାମରେ ସାର କିଣୁଛି। ଏହାର ଅର୍ଥ ସାର ଅଛି, ମାତ୍ର ସାର ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। ସରକାର କଣ ପାଇଁ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସରକାର ସତକୁ ସ୍ୱୀକାର କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।





# ମଲ୍‌ରେ ପୁଣି ଆଦାୟ ହେଲାଣି ପାର୍କିଂ ଫି’

ଭୁବନେଶ୍ୱର,୧୪।୯ (ସମିସ)




ପାର୍କିଂ ଫି’କୁ ନେଇ ବହୁ ହଙ୍ଗାମା ପରେ ୨୦୧୯ ମସିହାରୁ ରାଜଧାନୀର ମଲ୍ ଗୁଡ଼ିକରେ ଫି’ ଆଦାୟ ବନ୍ଦ ରହିଥିଲା। ମଲ୍ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ପାର୍କିଂ ଫି’ ଆଦାୟକୁ ଅବୈଧ ଦର୍ଶାଇ ବିଡିଏ ଏକ ସର୍କୁଲାର ଜାରି କରିଥିଲା। ଏହାପରେ ଭୁବନେଶ୍ୱରର କୌଣସି ମଲ୍‌ରେ ଆଉ ପାର୍କିଂ ଫି’ ଆଦାୟ ହେଲା ନାହିଁ। ହେଲେ ମଲ୍ ମାଲିକମାନେ ୮ ଦିନ ହେବ ନୂଆ ଢଙ୍ଗରେ ପାର୍କିଂ ଫି ଆଦାୟ କରୁଛନ୍ତି। ପାର୍କିଂ ଚାର୍ଜ ବଦଳରେ ‘ପାର୍କିଂ ଫ୍ୟାସିଲିଏସନ୍ ଚାର୍ଜ’ ଲେଖି ପୁରୁଣା ବ୍ୟବସାୟକୁ ଫେରିଛନ୍ତି। ମାତ୍ର ଗୋଟିଏ ଇଂରାଜୀ ଶବ୍ଦ ‘ଫ୍ୟାସିଲିଏସନ୍’ କ’ଣ ବିଡିଏର ସବୁ କଟକଣା ବଦଳାଇ ଦେଲା? ନା ମଲ୍ ମାଲିକ ଏବଂ ପ୍ରଶାସନିକ ଅଧିକାରୀଙ୍କ ଭିତିରି ବୁଝାମଣା ଏହି ଅବୈଧ ବ୍ୟବସାୟକୁ ବୈଧ ରୂପ ଦେବାକୁ ପ୍ରୟାସ କରୁଛି? ଯେଉଁଥି ପାଇଁ ଟଙ୍କା ଗଣୁଛନ୍ତି ଭୁବନେଶ୍ୱରବାସୀ।

ମଲ୍ ମାଲିକମାନଙ୍କ ଯୁକ୍ତି ଅନୁଯାୟୀ ପାର୍କିଂ ଫ୍ୟାସିଲିଏସନ୍ ଚାର୍ଜର ଅର୍ଥ ପାର୍କିଂ ଫି ଆଦାୟ ନୁହେଁ। ପାର୍କିଂକୁ ନିୟନ୍ତ୍ରଣ କରୁଥିବା ସିକ୍ୟୁରିଟି ଗାର୍ଡଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ଏହି ଟଙ୍କା ଆଦାୟ କରାଯାଉଛି। ଏହାସତ୍ତ୍ୱେ ବି ପାର୍କିଂ ନିଜ ଦାୟିତ୍ୱରେ କର ସାଇନ୍ ବୋର୍ଡରେ ଉଲ୍ଲେଖ ରହୁଛି। ଗାଡ଼ି ଭାଙ୍ଗିଲେ କିମ୍ବା ଚୋରି ହେଲେ ମଲ୍ ମାଲିକଙ୍କ କିଛି ଦାୟିତ୍ୱ ନୁହେଁ। ତେବେ ଏହା କି ପ୍ରକାର ସୁବିଧା ବା ଫ୍ୟାସିଲିଏସନ୍ ବୋଲି ଜଣେ ଗ୍ରାହକ ପ୍ରଶ୍ନ କରିଛନ୍ତି।

୮ ଦିନ ତଳେ ଗୋଟିଏ ମଲ୍ ପାର୍କିଂ ଫି ଆଦାୟ କଲା। ଏହାପରେ ରାଜଧାନୀରେ ପାର୍କିଂ ଫି’ ଆଦାୟ କରୁଥିବା ମଲ୍ ଗୁଡ଼ିକର ତାଲିକା ଲମ୍ବିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ରାଜଧାନୀର ୩ଟି ମଲ୍‌ରେ ପାର୍କିଂ ଫି ଆଦାୟ ହେଉଛି। ବିଭାଗୀୟ ମନ୍ତ୍ରୀ, ବିଏମ୍‌ସି କିମ୍ବା ବିଡିଏର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିରବତା ଏଭଳି ଜାରି ରହିଲେ ଆଉ ମାତ୍ର ଏକ ମାସ ମଧ୍ୟରେ ପାର୍କିଂ ଫି ମୁକ୍ତ ଥିବା ରାଜଧାନୀର ମଲ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପାର୍କିଂଯୁକ୍ତ ହୋଇଯିବ। ଦରଦାମ୍ ବୃଦ୍ଧିରେ ଛଟପଟ ହେଉଥିବା ଲୋକଙ୍କୁ ଆଉ ଏକ ଫି’ ଦେବାକୁ ବାଧ୍ୟ କରିଦିଆଯିବ।

ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପାର୍କିଂ ଫି’ ଆଦାୟକୁ ନେଇ ସହରାଞ୍ଚଳ ପ୍ରଶାସନର କିଛି ଅଧିକାରୀ ଏବଂ ମଲ୍ ମାଲିକଙ୍କ ମଧ୍ୟରେ ଭିତିରି ବୁଝାମଣା ହୋଇଛି। କର୍ମଚାରୀ ଅଭାବର ବାହାନା ଦର୍ଶାଇ ହେଉ କିମ୍ବା ଆଇନଗତ ଦିଗର ତର୍ଜମା ଆଳ ହେଉ, ମୁଖ୍ୟ ଉଦ୍ଦେଶ୍ୟ ହେଉଛି କେବଳ ସମୟ ଗଡ଼ିଯାଉ। ଏହି ସମୟ ମଧ୍ୟରେ ଅଧିକାଂଶ ମଲ୍ ଅତି ସହଜରେ ପାର୍କିଂ ଫି’ ଲାଗୁ କରିଦେବେ। ଆଉ ଫି’ ଦେବାରେ ଲୋକଙ୍କର ମଧ୍ୟରେ ଆରମ୍ଭ ହୋଇଥିବା ଅସନ୍ତୋଷ ବି ଶାନ୍ତ ପଡ଼ିଯିବ। ପ୍ରାରମ୍ଭରୁ ମଲ୍ ମାଲିକମାନେ ୧୦ ଟଙ୍କା ଏବଂ ୨୦ ଟଙ୍କା ଆଦାୟ କରୁଛନ୍ତି। ସବୁକିଛି ବ୍ୟବସ୍ଥିତ ହେବା ପରେ ଏହି ମୂଲ୍ୟ ବି ଆଗକୁ ବଢ଼ି ଚାଲିବ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା କରିଛନ୍ତି।

## ସରକାରୀ ଅଧିକାରୀ-ମଲ୍ ମାଲିକଙ୍କ ଭିତିରି ବୁଝାମଣା

ନିର୍ମାଣ ପୂର୍ବରୁ ପ୍ଲାନ୍ ଆପ୍ରୁଭାଲ ବେଳେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ୩୦ ପ୍ରତିଶତ ପର୍ଯ୍ୟନ୍ତ ପାର୍କିଂ ସ୍ଥାନ ଛାଡ଼ିବା ବାଧ୍ୟତାମୂଳକ। ରାସ୍ତାକଡ଼ ପାର୍କିଂକୁ ପ୍ରୋତ୍ସାହନ ନ ଦେବା ଏବଂ ପାର୍କିଂ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାକୁ ମଲ୍ ମାଲିକମାନଙ୍କୁ ଏହି ବାବଦରେ ବହୁ କିଛି ସୁବିଧା କରିବା କଥା। ଲୋକଙ୍କ ନାମରେ ପାଇଥିବା ଏହି ସୁବିଧାକୁ ପରବର୍ତ୍ତୀ ସମୟରେ ଲୋକଙ୍କ ବିରୋଧରେ ବ୍ୟବହାର କରାଯାଉଛି। ଏଥିପାଇଁ ତତ୍‌କାଳୀନ ବିଡିଏ ଭିସି ଏ ନେଇ ସର୍କୁଲାର ଜାରି କରିଥିଲେ। ଏହି ସର୍କୁଲାର ଆଧାରରେ ମଲ୍‌ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନିକ ଅଧିକାରୀଙ୍କୁ କିଏ ଅଟକାଇଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ କରାଯାଇଛି ନା କାର୍ଯ୍ୟାନୁଷ୍ଠାନ ନେବାକୁ ଇଚ୍ଛାଶକ୍ତିର ଅଭାବ ରହିଛି। ଏ ସମ୍ପର୍କରେ ବିଏମ୍‌ସି କମିସନର ଚଞ୍ଚଳ ରାଣା କର୍ପୋରେସନ ବୈଠକ ପରେ କହିଥିଲେ ଆମେ ତର୍ଜମା କରୁଛୁ। ଭୁଲ ଥିଲେ କାର୍ଯ୍ୟାନୁଷ୍ଠାନ ହେବ। ହେଲେ ଏପର୍ଯ୍ୟନ୍ତ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ।

ଏସମ୍ପର୍କରେ ଅର୍ବାନ ପ୍ଲାନର ପୀୟୂଷ ରାଉତ କୁହନ୍ତି ଯେ ଫ୍ୟାସିଲିଏସନ୍ ଶବ୍ଦର ଅର୍ଥ ଲୋକଙ୍କୁ ସୁବିଧା ଦେବା, ଏହା ବଦଳରେ ଟଙ୍କା ନେବା। ଯେପରିକି ବଡ଼ ହୋଟେଲରେ ଗାଡ଼ିକୁ ଲୋକେ ଛାଡ଼ି ଚାଲିଯାଉଛନ୍ତି ହୋଟେଲ କର୍ମଚାରୀ ଚାବି ନେଇ ଗାଡି ପାର୍କିଂ କରାଉଛନ୍ତି ଏହା ବଦଳରେ ଟଙ୍କା ନେଉଛନ୍ତି। ସିକ୍ୟୁରିଟି ଗାର୍ଡ ରଖିବା ମଲ୍‌ର ଦାୟିତ୍ୱ, ମଲ୍ ଲୋକଙ୍କୁ ଅଧିକ କିଛି ସୁବିଧା ଦେଉନି।

## ମହିଳାଙ୍କୁ ବୀମା କର୍ମଚାରୀଙ୍କ ଦୁର୍ବ୍ୟବହାର

**କଟକ,୧୪।୯ (ସମିସ):** ସିଡିଏରେ ବୀମା କର୍ମଚାରୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଜଣେ ମହିଳା ଋଣ ଗ୍ରହିତାଙ୍କୁ ବୀମା କର୍ମଚାରୀମାନେ ଦୁର୍ବ୍ୟବହାର କରିଥିବା ମର୍କତନଗର ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭକରିଛି। ପୁଲିସ ସୂଚନା ଅନୁଯାୟୀ, ସିଡିଏ ସେକ୍ଟର ୬ରେ ରହୁଥିବା ରୂପାଲି ଚକ୍ରବର୍ତ୍ତି ୨୦୨୨ରେ ଏକ କାର୍ କିଣିବାକୁ ଏକ ଘରୋଇ ସଂସ୍ଥାରୁ ଋଣ ଆଣିଥିଲା। ନିୟମିତ ସେ ଋଣ ଟଙ୍କା ସୁଝୁଥିଲେ। କିନ୍ତୁ ମଝିରେ କିଛି ଦିନ ଏଥିରେ ବ୍ୟତିକ୍ରମ ହୋଇଥିଲା। କମ୍ପାନି କର୍ମଚାରୀ ଗତ ୩ ଦିନ ତଳେ ଏହି ମହିଳାଙ୍କ ଘରକୁ ଆସିଥିଲେ। ଏକକାଳୀନ ବକେୟା ଟଙ୍କା ପୈଠ କରିବାକୁ ଆଲୋଚନା ପରେ ମହିଳା ଜଣକ ରାଜି ହୋଇଥିଲେ; କିନ୍ତୁ କୌଣସି କାରଣରୁ ଋଣ କମ୍ପାନି କର୍ମଚାରୀମାନେ ରୂପାଲିଙ୍କୁ ଗାଳିଗୁଲଜ କରିଥିବା ମର୍କତନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଋଣ ପ୍ରଦାନକାରୀ ସଂସ୍ଥାର କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରିଥିବା ସୂଚନା ମିଳିଛି।

## ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**କଟକ,୧୪।୯ (ସମିସ):** ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ବ୍ୟାରେଜ୍‌ଠାରେ ମହାନଦୀକୁ ଡେଇଁ ଆଜି ଜଣେ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତାହା ବିଫଳ ହୋଇଛି। ଘଟଣାସ୍ଥଳରେ ଥିବା ମତ୍ସ୍ୟଜୀବୀ ଏବଂ ବାବୁଲି ନାମକ ଜଣେ ଉଦ୍ଧାରକାରୀ ସମ୍ପୃକ୍ତ ଛାତ୍ରୀଙ୍କୁ ନଦୀ ମଧ୍ୟରୁ ଉଦ୍ଧାର କରିଥିଲେ। ଏହାପରେ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ପହଞ୍ଚି ଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ଦେବା ପରେ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ତେବେ କଣ ପାଇଁ ଛାତ୍ରୀଜଣକ ଆତ୍ମହତ୍ୟା କରିଛନ୍ତି, ତାହା ଜଣାପଡ଼ିନାହିଁ। ଛାତ୍ରୀଙ୍କ ଘର ତୂନଭାଟି ଗଳି ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ‘ଆସ ସ୍କୁଲ ଯିବା’ ପଦଯାତ୍ରା

# ‘ପିଲାଙ୍କ ମଧ୍ୟରେ ସ୍କୁଲ ଯିବା ଓ ପାଠ ପଢ଼ିବାର ବାତାବରଣ ତିଆରି ହେଉ’




ସମ୍ବଲପୁର,୧୪।୯ (ସମିସ)

ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନଥିବା ତଥା ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମ୍ବଲପୁରରେ ରାଜ୍ୟବ୍ୟାପୀ ଅଭିଯାନ ‘ଆସ ସ୍କୁଲ ଯିବା’ ସଚେତନତା ପଦଯାତ୍ରା ଆୟୋଜିତ ହୋଇଛି ।ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି।ପଦଯାତ୍ରା ରିଜର୍ଭ ପୁଲିସ ଗ୍ରାଉଣ୍ଡରୁ ଆରମ୍ଭ ହୋଇ ଗଙ୍ଗାଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ ହେଉଛି ଦେଶର ପ୍ରତ୍ୟେକ ପିଲାଙ୍କୁ ସ୍କୁଲକୁ ଆଣିବା ଏବଂ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା। ଡ୍ରପ୍ ଆଉଟ ହ୍ରାସ କରିବା ସହ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି, ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ସାକ୍ଷରତା ହାର ବୃଦ୍ଧି କରିବା ଦିଗରେ ମଧ୍ୟ ଆମ ସରକାର ଯତ୍ନଶୀଳ।ସମସ୍ତଙ୍କୁ “ବିକଶିତ ଓଡ଼ିଶା’ ଏବଂ “ବିକଶିତ ଭାରତ’ରେ ଯୋଡ଼ିବା ଆମ ସରକାରଙ୍କ ମୂଳ ଉଦ୍ଦେଶ୍ୟ। ଚାଲ ସ୍କୁଲ ଯିବା, ପାଠ ପଢିବାର ବାତାବରଣ ସୃଷ୍ଟି କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେବା ସହ ଆଜିର ସ୍କୁଲ ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ହିଁ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବ ବୋଲି ଶ୍ରୀ ପ୍ରଧାନ କହିଥିଲେ।

ପଦଯାତ୍ରାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ଆରଡିସି ସଚିନ ରାମଚନ୍ଦ୍ର ଜାଧବ, ଉତ୍ତରାଞ୍ଚଳ ଆଇଜି ହିଂମାଂଶୁ ଲାଲ୍, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ କ୍ଷେତ୍ରୀ, ଆଇଏଏସ ପ୍ରୋବେସନର ଶୁଭ୍ରା ପଣ୍ଡା, ପୂର୍ବତନ ବିଧାୟକ ନାଉରୀ ନାୟକ ପ୍ରମୁଖ ସାମିଲ ହୋଇଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଶିକ୍ଷା ଅଧିକାରୀ ଏବଂ ପରିଚାଳନା ସମିତିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।କାର୍ଯ୍ୟକ୍ରମରେ ଏ-ୱାନରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହ ପୂର୍ବରୁ ସ୍କୁଲ ଛାଡିଥିବା ବିଦ୍ୟାର୍ଥୀଙ୍କୁ ସାମିଲ କରାଗଲା। ନୀଟ୍ ପରୀକ୍ଷାରେ ଯୋଗ୍ୟତା ହାସଲ୍ କରିଥିବା ବାମରାର ଲିଜା ମାଝିଙ୍କୁ ବିଶେଷ ସମ୍ମାନିତ କରାଯାଇଥିଲା।

● ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶୁଭାରମ୍ଭ

## ସ୍ୱଚ୍ଛତାକୁ ପର୍ବ ଭଳି ପାଳିବା: ଧର୍ମେନ୍ଦ୍ର

ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ଏବଂ ଆଗାମୀ ପାର୍ବଣ ଋତୁରେ ସ୍ୱଚ୍ଛତାକୁ ଅଧିକ ଦୃଷ୍ଟି ଦେବା। ପର୍ବପର୍ବାଣୀ ଭଳି ଆନନ୍ଦ ଓ ଉତ୍ସାହର ସହ ସ୍ୱଚ୍ଛତା ପର୍ବ ପାଳିବା ସହ ଆମ ସହରକୁ ସ୍ୱଚ୍ଛ ସହରରେ ପରିଣତ କରିବାର ସଂକଳ୍ପ ନେବାକୁ ସମ୍ବଲପୁରବାସୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ରବିବାର ସମ୍ବଲପୁର କ୍ଷେତରାଜପୁର ସ୍ଥିତ ଡିଆରଏମ କାର୍ଯ୍ୟାଳୟରୁ ବଡ଼ବଜାର ଯାଏଁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ “ସ୍ୱଚ୍ଛତା ହିଁ ସେବା-୨୦୨୫’ କାର୍ଯ୍ୟକ୍ରମର ଶୁଭାରମ୍ଭ ଶ୍ରୀ ପ୍ରଧାନ କରିବା ସହ ସ୍ଥାନୀୟ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ମାନିତ କରିଥିଲେ। ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସମ୍ବଲପୁର ଗଢ଼ିବାର ଉଦ୍ୟମକୁ ପ୍ରଶଂସା କରିବା ସହ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ “ସେବା ପକ୍ଷ’ ପାଳନର ପ୍ରସ୍ତୁତି ପୂର୍ବରୁ ରବିବାର ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ଶ୍ରୀ ପ୍ରଧାନ ସମ୍ବଲପୁରରେ ସ୍ୱଚ୍ଛତା ଦାୟିତ୍ୱରେ ଥିବା କର୍ମଚାରୀ ଭାଇ ଭଉଣୀମାନେ, ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟବସାୟିକ ସଂଗଠନକୁ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ସମ୍ବଲପୁରକୁ ଆବର୍ଜନା ମୁକ୍ତ କରିବା ସହ ସ୍ୱଚ୍ଛ ରଖିବା ପାଇଁ ସମବେତ ଜନସାଧାରଣ ଶପଥ ପାଠ କରିଥିଲେ।କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ,ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷେତ୍ରୀ, ଆଇଏଏସ ପ୍ରୋବେସନାରୀ ଅଧିକାରୀ ଶୁଭ୍ରା ପଣ୍ଡା, ପୂର୍ବତନ ବିଧାୟକ ରେଙ୍ଗାଲି ନାଉରି ନାୟକଙ୍କ ସମେତ ଜନ ସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୧୭ର ସ୍ୱଚ୍ଛ ସାଥୀ ଜୋସ୍‌ନାରାଣି ବାରିକ, ୱାର୍ଡ ନମ୍ବର ୪୦ ଓ ୪୧ର ସ୍ୱଚ୍ଛ ସୁପରଭାଇଜର ବିନିତା ସାହୁ ଓ ୱାର୍ଡ ନମ୍ବର ୩୦ର ବେଷ୍ଟ ଡିଆଇପି ରାଜେଶ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା।



## ରାଜ୍ୟସ୍ତରୀୟ ଯୁବକବି ସମ୍ମିଳନୀ



ଭୁବନେଶ୍ୱର, ୧୪।୯ (ସମିସ)

ସାମାଜିକ ଅନୁଷ୍ଠାନ ହେଲ୍ମେଟ୍ ଓ ସାହିତ୍ୟ ଏକାଡ଼େମୀ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀଙ୍କ ନୀତି ଆଦର୍ଶର ପ୍ରସ୍ତର ଓ ପ୍ରସାର କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ସମାଜ, ସାହିତ୍ୟ ଓ ସଂସ୍କୃତି ବିଷୟ ସମ୍ବନ୍ଧୀତ କବିତା ପାଠ ସହ କବିମାନଙ୍କୁ ସମ୍ମାନୀତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସବ୍ୟସାଚୀ ସେନାପତି ସଂଯୋଜନା କରିବା ସହ ପ୍ର ଡ. ଜ୍ୟୋସ୍ନାରାଣୀ ପାତ୍ର ସଭାପତିତ୍ୱ କରି ଯୁବ କବିମାନେ କିପରି ଆଗକୁ ଲେଖନୀ ଚାଳନା ମାଧ୍ୟମରେ ସମାଜର ଉନ୍ନତି କରିପାରିବେ ସେ ବିଷୟରେ ଅବଗତ କରାଇଥିଲେ। ଦ୍ୱିତୀୟ ଅଧିବେଶନରେ ଉଦ୍‌ଘାଟକ ଭାବେ ଅଧ୍ୟାପକ ଓଡ଼ିଆ ବିଭାଗ ଜ୍ଞାନୀ ଦେବାଶିଷ ମିଶ୍ର ଓ ସମ୍ମାନୀତ ଅତିଥି ଭାବେ ଡ. ଶ୍ରୀନିବାସ ଘଟୁଆରୀ ଉପସ୍ଥିତ ରହି ସମାଜ, ସାହିତ୍ୟ ଓ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ଯାହାକି କବିମାନଙ୍କ ଦ୍ୱାରା ଓଡ଼ିଶାର ସ୍ଥିତି ଉନ୍ନତ ଓ ଶୃଙ୍ଖଳା ହୋଇପାରିବ ବୋଲି କହିଛନ୍ତି।

ବିଶିଷ୍ଟ ଗାୟକ ମହାପ୍ରସାଦ କରି ଗାନ୍ଧୀ ଭଜନ ଗାନ କରିଥିଲେ। ଅଧ୍ୟାପିକା ସୌଦାମିନୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସମ୍ପାଦିକା ନିବେଦିତା ଭଞ୍ଜଙ୍କ ଲିଖିତ ନାଟକ ‘ସ୍ୱଚ୍ଛତା’ ପରିବେଷଣ କରାଯାଇଥିଲା। ଚମକ ଚାନ୍ଦିନୀ ଦାଶ, ଦୀପ୍ତି ପଟ୍ଟନାୟକ, ସୌଦାମିନୀ ପଣ୍ଡା, ରଶ୍ମିତା ସାହୁ, ସବିତା ଶତପଥ, ମମତାରାଣୀ ସେଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆର୍‌ଡିସିଙ୍କ ନିର୍ଦ୍ଦେଶ ମାନୁନି ଆଦିତ୍ୟ ଆଲୁମିନିୟମ

ସମ୍ବଲପୁର,୧୪।୯ (ସମିସ)




● ହୀରାକୁଦ ବିସ୍ଥାପିତଙ୍କୁ ପୁନଃ ବିସ୍ଥାପିତ କରି ଦେଲାନି କ୍ଷତିପୂରଣ

● ଟଙ୍କା ଅଭାବରୁ ସ୍ତ୍ରୀ ମୃତ, ରୋଗ ଶଯ୍ୟାରେ ଦିବ୍ୟାଙ୍ଗ ଝିଅ

ଆର୍‌ପିଡିଏସି ବୈଠକରେ ଆର୍‌ଡିସି ଦେଇଥିବା ନିର୍ଦ୍ଦେଶ ମାନୁନି ଆଦିତ୍ୟ ଆଲୁମିନିୟମ ପ୍ଲାଣ୍ଟ। ହୀରାକୁଦ ବିସ୍ଥାପିତଙ୍କୁ ପୁନଃ ବିସ୍ଥାପନ କରି ଦେଉନି ଡିପି ବା ଡିସପ୍ଲେସ ପର୍ସନ ବାବଦ କ୍ଷତିପୂରଣ। ରୋଗାଣ ଶରୀରରେ ୧୨ ବର୍ଷ ଧରି ସଂଘର୍ଷ କରି ସ୍ତ୍ରୀ ଆଖି ବୁଜିଥିବା ବେଳେ ଭିନ୍ନକ୍ଷମ ଝିଅ ଶଯ୍ୟାଶାୟୀ ହୋଇ ଝିଅ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛି। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ, ଜିଲ୍ଲାପାଳ ଓ ଆରଡ଼ିସିଙ୍କ ବାରମ୍ବାର ତାଗିଦ ଓ ନିର୍ଦ୍ଦେଶ ସତ୍ତ୍ୱେ କ୍ଷତିପୂରଣ ରାଶି ଦେବା ବଦଳରେ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ସମ୍ବଲପୁର ଜଙ୍ଗଲା ପଞ୍ଚାୟତ ଲାରିପାଲି ଗାଁର ମହେନ୍ଦ୍ର ଖମାରୀଙ୍କ ପରିବାର ଅବିଭକ୍ତ ସମ୍ବଲପୁର ଜିଲ୍ଲା ବାଘମୁଣ୍ଡା ଦଶରୁପାଲି ଗାଁରୁ ବିସ୍ଥାପିତ ହୋଇ ଲାରିପାଲି ଗାଁରେ ରହୁଥିଲେ। ତେବେ ୨୦୧୩ ମସିହାରେ ଆଦିତ୍ୟ ଆଲୁମିନିୟମ୍ ପ୍ଲାଣ୍ଟ ପାଇଁ ତାଙ୍କ ଭାଗରେ ଥିବା ଖାତା ନମ୍ବର ୧୬୩ର ୨୦ ଡିସମିଲ ପୈତୃକ ସମ୍ପତ୍ତି ଅଧିଗ୍ରହଣ କରିଥିଲା। ହେଲେ ପୁନର୍ବାସ ଥଇଥାନ ନିୟମ ଅନୁସାରେ ୧୮ ବର୍ଷର ଊର୍ଦ୍ଧ୍ୱର ପରିବାର ସଦସ୍ୟଙ୍କୁ ଡିପି ବା ଡିସପ୍ଲେସ ପର୍ସନ କ୍ଷତିପୂରଣ ବାବଦକୁ ଗୋଟିଏ ଘର ଓ ଚାକିରି ଦେବା କଥା। ହେଲେ ମହେନ୍ଦ୍ରଙ୍କ ୭୫ ପ୍ରତିଶତ ଭିନ୍ନକ୍ଷମ ହୋଇଥିବା ବେଳେ ପୁଅ ସେତେବେଳେ ୧୭ ବର୍ଷର ଥିଲେ। ଫଳରେ ନିୟମ ମୁତାବକ ଝିଅ ମୁନିକୁ ଡିପି ନଦେଇ ଚୁପ ବସିଛି ଆଦିତ୍ୟ ଆଲୁମିନିୟମ୍। ଏନେଇ ମହେନ୍ଦ୍ର ଲଢେଇ କରି କରି ସ୍ତ୍ରୀକୁ ହରାଇ ସାରିଥିବା ବେଳେ ଭିନ୍ନକ୍ଷମ ଝିଅ ରୋଗ ଶଯ୍ୟାରେ।ପଇସା ନଥିବାରୁ ୬ ମାସ ହେଲା ଚିକିତ୍ସା ବି କରାଇ ପାରୁନାହାନ୍ତି ବୋଲି କୋହଭରା କଣ୍ଠରେ କହିଛନ୍ତି ଶଯ୍ୟାଶାୟୀ ମୁନିଙ୍କ ବାପା ମହେନ୍ଦ୍ର ଖମାରି। ତେବେ ବିଭିନ୍ନ ଫୋରମରେ ଅଭିଯୋଗ ପରେ କ୍ଷତିପୂରଣ ଦେବା ପାଇଁ ଆର୍‌ପିଡିଏସି ବୈଠକ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ୧୭ ଅଗଷ୍ଟ ୨୦୨୨ରେ ଆଦିତ୍ୟ ଆଲୁନମିନିୟ କମ୍ପାନୀର ଉପସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାକିରି ବାବଦକୁ ୯ଲକ୍ଷ ୧୦ ହଜାର ଟଙ୍କା, ଘର ବାବଦକୁ ୨ଲକ୍ଷ ୭୩ ହଜାର ଟଙ୍କା, ଟ୍ରାନ୍ସପୋଟେସନ ପାଇଁ ୩ ହଜାର ୬୪୦ ଟଙ୍କା ଓ ଘରଡିହ ପାଇଁ ୯୧ ହଜାର ଟଙ୍କାକୁ ମିଶାଇ ୧୨ ଲକ୍ଷ ୭୭ ହଜାର ୬୪୦ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ଆଜି ପର୍ଯ୍ୟନ୍ତ ଟଙ୍କାଟିଏ ହେଲେ କ୍ଷତିପୂରଣ ରାଶି ନଦେଇ ମୁନିକୁ ରୋଗଶଯ୍ୟାରେ ଛାଡି ଦେଇଛି ଆଦିତ୍ୟ ଆଲୁମିନିୟମ୍।ତେବେ ଯେଉଁ ଫୋରମକୁ ଗଲେ ରାୟ ମୁନି ସପକ୍ଷ୍ୟରେ ଆସି ଘରେ ଦସ୍ତାବିଜର ପାହାଡ଼ ରଖିଲୁଣି, ହେଲେ ମାଆ ତ ଟଙ୍କା ଅଭାବରୁ ଚିକିତ୍ସା ନପାଇ ମରିଗଲା ଓ ଭଉଣୀ ମଧ୍ୟ ଚାଲିଯିବ ବୋଲି ମୁନିଙ୍କ ଭାଇ କମଳ ଖମାରି କହିଛନ୍ତି।ଏନେଇ ଜିଲ୍ଲାପାଳ କହିଛନ୍ତି କ୍ଷତିପୂରଣ ଦେବା ପାଇଁ କୁହାଯାଇଛି।ଅତିଶୀଘ୍ର କ୍ଷତିପୂରଣ ରାଶି ଯୋଗାଇବା ପାଇଁ ନିର୍ଦ୍ଦେଶ ରହିଥିବା କହିଛନ୍ତି।

## ୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ: ଜଣେ ଗିରଫ

**କଟକ,୧୪।୯ (ସମିସ):** ପୁରୀଘାଟ ଅଞ୍ଚଳରେ ଜଣେ ବ୍ରାଉନସୁଗର ମାଫିଆକୁ ଜିଲ୍ଲା ଅବକାରୀ ଟିମ୍ କାବୁ କରିଛି।ଅଭିଯୁକ୍ତ ଜଣକ ହେଉଛି ଲାଲବାଗ ଥାନା ଚାନ୍ଦିନଚୌକ ଅଞ୍ଚଳର ପ୍ରକାଶ କୁମାର ବାରିକ(୩୯)। ଅବକାରୀ ଟିମ୍ ପ୍ରକାଶ ନିକଟରୁ ୬୫ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିଛି। ଜବତ ହୋଇଥିବା ବ୍ରାଉନସୁଗରର ମୂଲ୍ୟ ୬ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଜିଲ୍ଲା ଅବକାରୀ ବିଭାଗ ପୁରୀଘାଟ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଆଜି ସକାଳ ପ୍ରାୟ ୭ଟା ବେଳେ ଚଢ଼ଉ କରିଥିଲା। ସେଠାରେ ପ୍ରକାଶ ବ୍ରାଉନସୁଗର କାରବାର କରୁଥିବା ସୂଚନା ଆଧାରରେ ଚଢ଼ଉ ହୋଇଥିଲା।ପ୍ରକାଶକୁ ମାଡ଼ି ବସିବା ପରେ ସେ ବାଲେଶ୍ୱରରୁ ବ୍ରାଉନସୁଗର ଆମଦାନୀ କରୁଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା।





## ନିଶା ଚାଲାଣର ଗଳାବାଟ ବିମାନବନ୍ଦର

# ଚାଲାଣ ହେଉଛି ଦାମୀ ସିଗାରେଟ, ମାରିଜୁଆନା

ଭୁବନେଶ୍ୱର,୧୪।୯(ସମିସ)

ନିଶା ଚାଲାଣର ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନବନ୍ଦର। ଏଠାରେ ଯାଞ୍ଚ ପ୍ରକ୍ରିୟା ଏତେଟା କଡ଼ାକଡ଼ ନଥିବାରୁ ଏହି ବିମାନ ବନ୍ଦର ଉପରେ ଦେଶ ବାହାର ନିଶା ମାଫିଆଙ୍କ ନଜର। ଦୁବାଇ, ଥାଇଲାଣ୍ଡରୁ ଦାମୀ ନିଶା ବିମାନ ମାଧ୍ୟମରେ ଭୁବନେଶ୍ୱର ଆସୁଛି। ଏଠାରୁ ଅନ୍ୟ ରାଜ୍ୟକୁ ଚାଲାଣ ହେଉଛି। ନା ପୁଲିସ ଧରିବ ନା କଷ୍ଟମ ବିଭାଗ। ସବୁ କିଛି ଲୁଚା ଛପାରେ ଚାଲିଛି। କହିବାକୁ ଗଲେ ଅପରାଧୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ଓଡ଼ିଶା। ଏବେ ଦୁବାଇରୁ ଆସୁଛି ସିଗାରେଟ ଷ୍ଟିକ୍, ମେରିଜୁଆନା ଭଳି ଅନ୍ତର୍ଜାତୀୟ ନିଶା। ଗତକାଲି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହୋଇଥିବା ୪୯,୮୦୦ ସିଗାରେଟ ଷ୍ଟିକ୍। ଏହା ଦୁବାଇରୁ ପଞ୍ଜାବ କିମ୍ବା ହରିୟାଣା ଚାଲାଣ ହେଉଥିଲା ବୋଲି ଅନୁମାନ କରାଯାଉଛି। ଜଣେ ବ୍ୟକ୍ତି ଏସବୁକୁ ନେଇ ଭୁବନେଶ୍ୱର ବିମାନ ବନ୍ଦର ଦେଇ ଆସୁଥିବା ସୂଚନା ପାଇ ଗିରଫ କରାଯାଇଛି ଓ ଏହି ସବୁ ସିଗାରେଟର ମୂଲ୍ୟ ଲକ୍ଷାଧିକ ଟଙ୍କା ବୋଲି ଜଣାପଡ଼ିଛି। କେବଳ ଏଇ ଗୋଟେ ଘଟଣା ନୁହେଁ, କିଛି ଦିନ ତଳେ



ବିମାନ ବନ୍ଦରରୁ ମିଳିଥିଲା ୩୦ କୋଟି ଟଙ୍କାର ମାରିଜୁଆନା। ଯେଉଁ ଘଟଣାରେ ୩ ଜଣ ଯୁବକ ଗିରଫ ହୋଇଥିଲେ। ହେଲେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆଣୁଥିବା ଦଲାଲ ଆଉ ଗରାଖ କିନ୍ତୁ ଛୁ ମାରିଥିଲେ। ବେଆଇନ ନିଶା କାରବାରର ଚେର ସବୁଆଡ଼େ ଲମ୍ବିଛି। ଏହାକୁ ରୋକିବା କଷ୍ଟମ ବିଭାଗ ନା ପୁଲିସ ସମ୍ଭବ ହୋଇପାରୁନି। ନିଶା ଚାଲାଣ କରି ଦେଶ ବାହାର ନିଶା ମାଫିଆ କୋଟି କୋଟି ଟଙ୍କା ପାଉଛନ୍ତି। ଆଉ ଏହା ପଛରେ ବଡ଼ ବଡ଼ ଲୋକଙ୍କ ହାତ ରହିଛି। ଯେଉଁମାନେ ନିଶା ଚାଲାଣ ପାଇଁ ଜୀବନ ମଧ୍ୟ ଦେବାକୁ ପଛାଉନାହାନ୍ତି। ବିମାନ ବନ୍ଦରରୁ ଯେତିକି ନିଶା ଧରାପଡୁଛି ତାହା ଠୁ ଅଧିକ ନିଶା ଚାଲାଣକାରୀ ଖସି ଯାଉଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଯେତିକି ଖବର ମିଳୁଛି ସେହି ଆଧାରରେ ଯାତ୍ରୀଙ୍କୁ ଅଟକ ରଖି ଯାଞ୍ଚ ପରେ ନିଶା ଜବତ କରାଯାଉଛି। କିନ୍ତୁ ଅନେକ ଲୋକ ଯାତ୍ରୀ ନିଶା ଆଣୁଥିବା ବେଳେ ଖବର ମିଳିପାରୁନଥିବାରୁ କଷ୍ଟମ ବିଭାଗ ଧରିପାରୁନି। ତେଣୁ ନିଶା ମାଫିଆ ୧୦ ଜଣଙ୍କ ଯାତ୍ରୀଙ୍କ ଦ୍ୱାରା ନିଶା ଚାଲାଣ କରୁଥିବାବେଳେ ଜଣଙ୍କର ଧରାପଡ଼ିଲେ ତାଙ୍କର ଫରକ ପଡୁନି। କାରଣ ଯେତିକି ଧରାପଡ଼ିବେ ତାହା ଠାରୁ କୋଟି କୋଟି ଟଙ୍କାର ନିଶା ଜାଗା ମୁଣ୍ଡରେ ପହଞ୍ଚି ଯାଉଛି। ତେଣୁ ଯଦି ସଠିକ ଖବର ମିଳିବ ତାହା ହେଲେ ଚାଲାଣ ଉପରେ ରୋକ ଲାଗିବ ବୋଲି କଷ୍ଟମ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏବେ ଗାଁ ଠୁ ସହର ସବୁଆଡ଼େ ମାଡ଼ିଗଲାଣି ନିଶା କାରବାର। ନିଶା କାରବାର ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଚାର ଚଢ଼ଉରୁ ଏହା ସ୍ପଷ୍ଟ ହେଉଛି। ପ୍ରତିଦିନ ଜବତ ହେଉଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ସାଙ୍ଗକୁ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ। ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ। ଗତକାଲି ଗୋଟିଏ ଦିନରେ ୨.୬୩କୋଟିର ବେଆଇନ ସାମଗ୍ରୀ ଜବତ ହୋଇଛି।୧୨୬ଟି ମାମଲା ରୁଜୁ ହେବା ସହ ୧୫୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୩୨୪ କେଜି ଗଞ୍ଜେଇ, ୬୪୭ ଗ୍ରାମ୍ ହେରୋଇନ୍ ଜବତ ହୋଇଛି। ଏବେବି ଚିନ୍ତା ପ୍ରକଟ କରିଛନ୍ତି ନିଶା ବିରୋଧୀ କର୍ମୀ। ରାଜ୍ୟ ପୁଲିସ, ଅବକାରୀ ବିଭାଗ,ଏସଟିଏଫ୍, କଷ୍ଟମ ବିଭାଗ ଅପରେସନ କରୁଛନ୍ତି। କିନ୍ତୁ ବେଆଇନ ନିଶା କାରବାର ନିୟନ୍ତ୍ରଣ ହୋଇପାରୁନାହିଁ, ଯାହା ସମସ୍ତଙ୍କ ଚିନ୍ତା ବଢାଇଛି।

- ଓଡ଼ିଶାରେ ପହଞ୍ଚିବା ପରେ ଅନ୍ୟ ରାଜ୍ୟକୁ ଯାଉଛି
- ଦୁବାଇରୁ ପଞ୍ଜାବ କିମ୍ବା ହରିୟାଣା ଚାଲାଣ
- ସ୍ପେଶାଲ ଡ୍ରାଇଭ୍ କରିବ କଷ୍ଟମ ବିଭାଗ

## ଚୋରି ଅଭିଯୋଗରେ ଦୁଇ ଗିରଫ

ଭୁବନେଶ୍ୱର,୧୪।୯ (ସମିସ): ମୋବାଇଲ ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ବାଲୁଗାଁର ରାଜା ବେହେରା (୨୬) ଓ ଜଙ୍କିଆ ଥାନା ନରଶଗଡ଼ର ସନ୍ତୋଷ କୁମାର ଭୋଇ (୨୮)। ପୁଲିସ ସୂଚନା ଅନୁସାରେ, ରବିବାର ସକାଳେ ଖଣ୍ଡଗିରି ଥାନା ପୁଲିସର ଏକ ଟିମ୍ ବରମୁଣ୍ଡା ନିକଟରେ ପାଟ୍ରୋଲିଂ କରୁଥିବାବେଳେ



ବସ୍ ଟର୍ମିନାଲ ନିକଟରେ ମୋବାଇଲ ବିକ୍ରି ହେଉଥିବା ଖବର ପାଇଥିଲେ। ପୁଲିସ ଟିମ୍ ବରମୁଣ୍ଡା ମଦ ଦୋକାନ ନିକଟରେ ଚଢ଼ଉ କରି ରାଜା ଓ ସନ୍ତୋଷଙ୍କୁ ଅଟକ ରଖିଥିଲେ। ତଲାସି କରିବା ପରେ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଥିଲା। ସେମାନେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଅନେକ ମୋବାଇଲ୍ ଫୋନ୍ ଚୋରି କରି ସେଗୁଡ଼ିକୁ ଶସ୍ତାରେ ବିକ୍ରି କରୁଥିବା ଜଣାପଡ଼ିଥିଲା। ସନ୍ତୋଷ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଗଞ୍ଜେଇ ବିକ୍ରି ଅଭିଯୋଗରେ ୩ ଗିରଫ

ଭୁବନେଶ୍ୱର,୧୪।୯ (ସମିସ): ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ଜଣେ ଅଟୋ ଚାଳକ ସମେତ ୩ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁନ୍ଦରପଦା ବସ୍ତିର ଅମିତ ଖାନ୍ ଓରଫ୍ ରାଜା (୩୨), ବାରୁଙ୍ଗୁଆ ବସ୍ତିର ବାବୁଲା ପ୍ରଧାନ (୪୭) ଓ ସହିଦନଗର ଡେଙ୍ଗୁଣୁ ବସ୍ତିର ପ୍ରଶାନ୍ତ ବିଶ୍ୱାଳ (୩୫)। ପୁଲିସ ସୂଚନା ଅନୁସାରେ, ରଘୁନାଥ ଅଞ୍ଚଳରେ ଗଞ୍ଜେଇ ବେପାର ହେଉଥିବା ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଚଢ଼ଉ କରିଥିଲା। ରଘୁନାଥନଗର ଅଟୋ ଷ୍ଟାଣ୍ଡ ନିକଟରେ ରାଜା, ବାବୁଲା ଓ ପ୍ରଶାନ୍ତଙ୍କୁ ଅଟକ ରଖିଥିଲା। ଛାନ୍‌ଭିନ୍ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୫ କେଜି ଓଜନର ଗଞ୍ଜେଇ ଓ ଏକ ଅଟୋ ଜବତ କରିଥିଲା। ସେମାନେ ଖୋର୍ଦ୍ଧା ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଆଣି ରଘୁନାଥନଗର ଅଞ୍ଚଳରେ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ଏ ନେଇ ଖଣ୍ଡଗିରି ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।



## ଗଛ ଲଗାଇବା ସର୍ତ୍ତରେ ୧୦୦ ଅଭିଯୁକ୍ତଙ୍କୁ ଜାମିନ୍

ଭୁବନେଶ୍ୱର,୧୪।୯ (ସମିସ): ଭୁବନେଶ୍ୱରର ଅନେକ ଥାନା ଅଞ୍ଚଳରୁ ଗିରଫ ହୋଇଥିବା ଏନ୍‌ଡିପିଏସ୍ ମାମଲାରେ ୧୦୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର କୋର୍ଟରୁ ଗଛ ଲଗାଇବାର ସର୍ତ୍ତରେ ଜାମିନ ଦିଆଯାଇଛି। ୧୦୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଦିଆଯାଇଛି ଏପରି ସର୍ତ୍ତରେ ବେଲ୍। ଚଳିତ ବର୍ଷ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଏଭଳି ଅଧିକାଂଶ ସର୍ତ୍ତରେ ଜାମିନ ଦିଆଯାଇଛି। ଯେଉଁଠି କୋର୍ଟ କେବଳ ଗଛ ଲଗାଇବା ପାଇଁ ସର୍ତ୍ତ ନୁହେଁ ବରଂ ସେହି ଲଗାଇଥିବା ଗଛର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସର୍ତ୍ତରେ ଉଲ୍ଲେଖ କରିଛନ୍ତି। ଏପରିକି ସେ ସବୁ ଗଛ ତାର ଦେଖା ରେଖା ସହ ତାର ଯତ୍ନ ନେବା ପାଇଁ ମଧ୍ୟ ଦୁଇ ବର୍ଷ ଯାଏ ସେସବୁ ଉପରେ ନଜର ରଖିବା ପାଇଁ ମଧ୍ୟ ସ୍ଥାନୀୟ ଥାନା ମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆଉ ଏହି ସର୍ତ୍ତରେ ଖିଲାପ କଲେ ଜାମିନ ସର୍ତ୍ତ ଉଲ୍ଲଂଘନ ଆଧାରରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ କୋର୍ଟ ତାଙ୍କ ନିର୍ଦ୍ଦେଶରେ ସୂଚିତ କରିଛନ୍ତି।

## ଆଜିଠୁ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ନାଟ୍ୟଲହରୀ'

ଭୁବନେଶ୍ୱର,୧୪।୯ (ସମିସ): ଓଡ଼ିଶାର ଅଗ୍ରଣୀ ନାଟ୍ୟସଂସ୍ଥା ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ପକ୍ଷରୁ ଆସନ୍ତାକାଲିଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଭଞ୍ଜକଳାମଣ୍ଡପଠାରେ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ନାଟ୍ୟଲହରୀ-୨୦୨୫' ପ୍ରଦର୍ଶିତ ହେବ। ଏହି ନାଟ୍ୟ ଉତ୍ସବର ପ୍ରଥମ ସନ୍ଧ୍ୟାରେ ବିଦ୍ୟାକନକ ସୃଜନାନୁଷ୍ଠାନ ନିଜସ୍ୱ ନାଟକ "ଅଶାନ୍ତ' ପରିବେଷଣ କରିବ। ପ୍ରାଣବନ୍ଧୁ କରଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଜଗଦୀଶ ପ୍ରସାଦ ମହାରଣା ଓ ସଂଗୀତ ମାନସ କୁମାର ପରିଡ଼ା ଦେଇଛନ୍ତି। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ 'ସ୍ୱର' ସମ୍ବଲପୁର, ସରୋଜ କୁମାର ଟପ୍ପୋଙ୍କ ରଚିତ ଓ ମାନସ ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶନାରେ ନାଟକ 'କାରୁବାକି' ମଞ୍ଚସ୍ଥ ହେବ। ତୃତୀୟ ସନ୍ଧ୍ୟାରେ ନାଟ୍ୟମେବଃ ଜୟତେ, ରାଉରକେଲା ଦେବାନନ୍ଦ ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଅମର ଗାଥା' ଏବଂ ଚତୁର୍ଥ ସନ୍ଧ୍ୟାରେ ପଞ୍ଚଧ୍ୱନି ନାଟ୍ୟ ପରିଷଦର ପଞ୍ଚାନନ ଦାଶଙ୍କ ରଚିତ ନାଟକ 'ଯଥା ଗୌତମସ୍ୟ ଅହଲ୍ୟା' ପରିବେଷଣ ହେବ। 'ନାଟ୍ୟ ଲହରୀ'ର ଉଦ୍‌ଯାପନୀ ସନ୍ଧ୍ୟାରେ କାରୁଣ୍ଡ କଳାମଞ୍ଚ ଭବାନୀ ପାଟଣା ପକ୍ଷରୁ 'ଭିନ୍ନପଥେ' ପରିବେଷଣ ହେବ। ଏହି ନାଟ୍ୟ ଲହରୀ--୨୦୨୫ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣରେ ତୃତୀୟ ସନ୍ଧ୍ୟାରେ ନାଟ୍ୟବ୍ୟକ୍ତିତ୍ୱଙ୍କ ଜୀବନ ସମ୍ବନ୍ଧୀୟ 'ଆଲୋଚନାମାଳା' ଅନୁଷ୍ଠିତ ହେବ। ଏଥିରେ ରାମଚନ୍ଦ୍ର ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ, ମନ୍ମଥ କୁମାର ଶତପଥୀ, ସଂଘମିତ୍ରା ମିଶ୍ର,ନବୀନ କୁମାର ପରିଡ଼ା ପ୍ରମୁଖ ନାଟ୍ୟକାର ଓ ନାଟ୍ୟ ବ୍ୟକ୍ତିତ୍ୱମାନେ ଯୋଗଦେବେ ବୋଲି ସୂଚନା ରହିଛି।

## ସୈନିକ ସ୍କୁଲ ଡମ୍ପିଂୟାର୍ଡ ନ ହଟିଲେ ୨୨ରେ ଆନ୍ଦୋଳନ

ଭୁବନେଶ୍ୱର,୧୪।୯ (ସମିସ): ସୈନିକ ସ୍କୁଲ ଡମ୍ପିଂୟାର୍ଡରେ ୨୨ ବର୍ଷ ଧରି ପରିବେଶଗତ ଏବଂ ସ୍ୱାସ୍ଥ୍ୟ ସଙ୍କଟ ଭୁବନେଶ୍ୱର ଅର୍ଦ୍ଧାଧିକ ବାସିନ୍ଦା ହନ୍ତସନ୍ତ ଛାତ୍ରଛାତ୍ରୀ ଏବଂ ପରିବେଶ ପ୍ରତି ଗୁରୁତର ବିପଦ ସୃଷ୍ଟି କରି ଚାଲିଛି। ସୈନିକ ସ୍କୁଲର ୨୦ ଏକରରୁ ଅଧିକ ଜମିରେ ଅବୈଧ ଅଳିଆ ପକାଇବା ଯୋଗୁଁ ଅସହ୍ୟ ଦୁର୍ଗନ୍ଧ, ପରିବେଶ ପ୍ରଦୂଷଣ ଶ୍ୱାସ, ଚର୍ମ ରୋଗ ଏବଂ ସମ୍ଭାବ୍ୟ କର୍କଟ ରୋଗ ସମେତ ଜନସ୍ୱାସ୍ଥ୍ୟ ବିପଦ ସୃଷ୍ଟି ହୋଇଚାଲିଛି। ଗୌରବ ମୟ ଅନୁଷ୍ଠାନ ସୈନିକ



### ୨୪ରୁ ଆମରଣ ଅନଶନ କରିବ ଗାଡ଼କଣ ଅଳିଆଗଦା ହଟାଅ ଅଭିଯାନ

ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ଦୁରାରୋଗ୍ୟରେ ପୀଡ଼ିତ ହୋଇ ଦେଶରେ ଓଡ଼ିଶାର ଦୁର୍ନାମ କରୁଛି। ଦୁର୍ଗନ୍ଧ ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥ ଆହୁରି ଖରାପ ପ୍ରଭାବି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଏବଂ ସ୍ୱାସ୍ଥ୍ୟ ବିପଦକୁ ଅଣଦେଖା କରି ଉପଯୁକ୍ତ ତଦାରଖ ବିନା ସିଟିଓ ଜାରି କରିଥିଲେ। ଅଳିଆ ଗଦା ହଟାଅ ଅଭିଯାନ, ବିଏମ୍‌ସି ଓ ପଲ୍ୟୁସନ ବୋର୍ଡର ମିଳିତ ଅନୁସନ୍ଧାନ ୯ ସେପ୍ଟେମ୍ବରରେ ନିଶ୍ଚିତ କରାଯାଇଥିଲା ଯେ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ କୌଣସି ବୈଧ କାଗଜ ପତ୍ର ନାହିଁ, କେବଳ ଡମ୍ପିଂ ଷ୍ଟେସନ ଭାବରେ କାର୍ଯ୍ୟ ପାଇଁ ଅନୁମତି ମାଗିଛି ବିଏ୍‌ସି। ୭ ଦିନ ମଧ୍ୟରେ ସେଠାରୁ ସବୁ ଅଳିଆ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲା ପଲ୍ୟୁସନ ବୋର୍ଡ। ବିଏମ୍‌ସି ଯଦି ତୁରନ୍ତ ସେଠାରୁ ଅଳିଆ ଗଦା ନ ହଟାଏ ତେବେ ଆସନ୍ତା ୨୪ ତାରିଖରୁ ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ ତରଫରୁ ଆମରଣ ଅନଶନ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରସନ୍ନ ବିଷୋୟୀ କହିଛନ୍ତି।

## ଉତ୍ତର ଭୁବନେଶ୍ୱର ଭସାଣି କମିଟିର ପ୍ରସ୍ତୁତି ବୈଠକ

# ଭସାଣିରେ ସାମିଲ୍ ହେବେ ୧୬ ପୂଜା କମିଟି



ନନ୍ଦନକାନନ,୧୪।୯ (ସମିସ)

ଉତ୍ତର ଭୁବନେଶ୍ୱରରେ ମା' ଦୁର୍ଗାଙ୍କ ପୂଜା ଏବଂ ଭସାଣି ଉତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୧୬ଟି ପୂଜା କମିଟି ଯୋଗଦେଇ ନିଜ ନିଜର ଦୁର୍ଗା ମେଢ଼କୁ ଡମଣା ପଡ଼ିଆରେ ଏକତ୍ରିତ କରି ପୂର୍ବ ବର୍ଷ ଭଳି ଆକର୍ଷଣୀୟ ଭସାଣି କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଧାୟକ ପାଣ୍ଠିରୁ ୧ଲକ୍ଷ ଟଙ୍କା ଓ କମିଟି ତରଫରୁ ୩୦ହଜାର ଟଙ୍କା ପୂଜା କମିଟିଗୁଡ଼ିକୁ ସାହାଯ୍ୟ ଯୋଗାଇ ଦେବାକୁ ଆଜି ପଟିଆସ୍ଥିତ "ଡଲ୍‌ଫିନ୍ ଗାର୍ଡେନ' ଠାରେ ଅନୁଷ୍ଠିତ ବୈଠକରେ ଉତ୍ତର ଭୁବନେଶ୍ୱର ଭସାଣି କମିଟିରେ ଘୋଷଣା କରାଯାଇଛି। ଅନୁଷ୍ଠାନର ସଭାପତି କିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱର୍ଗତ ରଜନୀ ଜେନାଙ୍କ ପୁତ୍ର ଆୟୁଷ ଜେନା ଯୋଗ ଦେଇଥିଲେ। ଅଞ୍ଚଳରେ ଥିବା ଥାନାର ପୁଲିସ ଅଧିକାରୀ ମାନେ ଯୋଗଦେଇ ଭସାଣି ଉତ୍ସବକୁ ବିଶୃଙ୍ଖଳା ରହିତ କରିବାକୁ କହିଥିଲେ। ସଭାପତି କିଶୋର ଜେନା ଏବଂ ସ୍ୱର୍ଗତ ରଜନୀ ଜେନାଙ୍କ ପ୍ରଚେଷ୍ଟାରେ ଏହି ପୂଜା କରାଯାଉଛି। ବିଭିନ୍ନ ପୂଜା କମିଟିର ମୁଖ୍ୟ ପ୍ରତିନିଧି ଭାବେ ହାଉସିଂ ବୋର୍ଡର ସୁରେଶ ଚନ୍ଦ୍ର ମହାପାତ୍ର, ଶୈଳଶ୍ରୀବିହାର ଫେଜ୍-୪ର ପ୍ରକାଶ ଶତପଥୀ, ଡିଷ୍ଟ୍ରିକ୍ଟ ସେଣ୍ଟରର ବିଶ୍ୱନାଥ ମହାନ୍ତି, ନନ୍ଦନ ବିହାରର ଅଭୟ

### ପ୍ରତି କମିଟିକୁ ମିଳିବ ୧ଲକ୍ଷ ୩୦ହଜାର ଟଙ୍କା

ମିଶ୍ର, ଟାଙ୍ଗିବନ୍ତର ବୀରେନ୍ଦ୍ର ଜେନା, ପ୍ରଶାନ୍ତି ବିହାରର ଆଶୁତୋଷ ଦାସ, ରଘୁନାଥପୁରର ସୁବାସ ଚନ୍ଦ୍ର ପାତ୍ର, ଗାଡ଼କଣର ପ୍ରଦୀପ୍ତ ଜେନା, ଶିଖରଚଣ୍ଡୀ ନଗରର ନରେଶ ରାଓ, ଇଞ୍ଜଣା ଜଗବନ୍ଧୁ ପରିଡ଼ା, ଶୈଳଶ୍ରୀ ବିହାର ଫେଜ୍୨ର ମୃତ୍ୟୁଞ୍ଜୟ ଦାଶ, ନନ୍ଦନ ଏନ୍‌କ୍ଲେଭ୍‌ର ଲକ୍ଷ୍ମୀପ୍ରିୟା ସାହୁ, ଡମଣାର ଦୟାନିଧି ସାହୁ, ବିଡିଏର ଅଶୋକ ପରିଡ଼ା, ନୀଳମାଧବ ଆବାସର ଦୁଃଶାସନ ବରାଳ, କଳାରାହାଙ୍ଗ ମହାବୀର ନଗର ଲିଙ୍ଗରାଜ ରଥ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଡମଣା ଗ୍ରାମର ପୂର୍ବତନ ସଭାପତି ପ୍ରେମାନନ୍ଦ ମହାକୁଡ଼ ଏବଂ ଯୁବକମାନଙ୍କ ସହଯୋଗରେ ଗତବର୍ଷ ଡମଣା ପଡ଼ିଆରେ ପାଳିତ ହୋଇଥିବା ଏହି ଉତ୍ସବଟି ଏଥର ମଧ୍ୟ ସମସ୍ତ ସହଯୋଗ ପାଇବ ବୋଲି ସେମାନେ ମତ ରଖିଥିଲେ। ସବୁ ପୂଜା ମଣ୍ଡପକୁ ତନିସ୍କଠାରେ ଡିଷ୍ଟ୍ରିକ୍ଟ ସେଣ୍ଟର କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯିବ। କମିଟି ଉପଦେଷ୍ଟା ସୁରେଶ ଚନ୍ଦ୍ର ରଥ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ ପ୍ରତ୍ୟେକ ପୂଜା ମଣ୍ଡପକୁ ତାଙ୍କ ବିଧାୟକ ପାଣ୍ଠିରୁ ଏକଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ୧ ନମ୍ବର ୱାର୍ଡର କର୍ପୋରେଟର ତଥା ଅନୁଷ୍ଠାନର ଅନ୍ୟତମ ଉଦ୍ୟୋକ୍ତା ମିହିର କୁମାର ରାଉତ ବର୍ତ୍ତମାନ ଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତ ପୂଜା କମିଟି ସଦସ୍ୟ ନିଜର ସ୍ୱାଭିମାନକୁ ବଜାୟ ରଖି ଚଳିତବର୍ଷର ଭସାଣି ଉତ୍ସବକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ସମାଜସେବୀ ଭଗବାନ ଦାଶ ଏବଂ ଚନ୍ଦ୍ରଶେଖର ସାହାଣୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲା ବେଳେ ସମ୍ପାଦକ ସନ୍ତୋଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନ ତାଲା ଭାଙ୍ଗି ନେଇଗଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ଧଉଳି,୧୪।୯ (ସମିସ): ପିପିଲି ଥାନା କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ଜଇସପାଟଣା ବଜାରରେ ଗତକାଲି ରାତିରେ ଏକ ହାର୍ଡୱାର ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୁଲିସ ତଦନ୍ତ କରିଛି। ଚୋରି ଯାଇଥିବା ସାମଗ୍ରୀର ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ହେବ ବୋଲି ଦୋକାନ ମାଲିକ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ଦୀପକ କୁମାର ଦେବଦାସ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଜଇସପାଟଣା ବଜାରରେ ମିଷ୍ଟର କଲର୍ ପ୍ଲସ୍ ନାମରେ ଏକ ହାର୍ଡୱାର ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଗତକାଲି ରାତିରେ ଦୀପକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ଆଜି ସକାଳେ ଦୋକାନ ଖୋଲିବାକୁ ଆସିବାବେଳେ ଦୋକାନର ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ପରେ ଦୋକାନ ତନଖି ସମୟରେ ୨ ଲକ୍ଷ ଟଙ୍କାର ରଙ୍ଗ ଏବଂ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗୃହ ନିର୍ମାଣ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଲେ। ଏ ନେଇ ଦୀପକ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଏହି ଥାନା ଅଧିନ ଗୁଡ଼ିଆପୋଖରୀ ସାଇମନ୍ଦିର ନିକଟରେ ଥିବା ଇକ୍ ହାର୍ଡୱାର ଦୋକାନରୁ ମଧ୍ୟ ଚୋରି ହୋଇଥିବା ଉକ୍ତ ଦୋକାନୀ ଅଭିଯୋଗ କରିଛନ୍ତି। ତାଙ୍କ ଦୋକାନରୁ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଦୋକାନୀ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

## 'ନିସ୍'ର ପଞ୍ଚଦିବସୀୟ କର୍ମଶାଳା ଉଦ୍‌ଯାପିତ



ଭୁବନେଶ୍ୱର,୧୪।୯ (ସମିସ): ଛତାବରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଓ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି, ଭୁବନେଶ୍ୱରର ମିଳିତ ସହଭାଗିତାରେ ଦୀର୍ଘ ପାଞ୍ଚ ଦିନ ଧରି ଚାଲିଥିବା ଡ୍ରୋନ୍ ଟେକ୍ନୋଲୋଜୀ ଓ ଏହାର ସଫଳ ଉଡାଣ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି, ଭୁବନେଶ୍ୱରର ପ୍ରୋଜେକ୍ଟ ଆସୋସିଏଟ୍ କୌଶିକ ମହାନ୍ତି ଓ ଟ୍ରେନର୍ ଦେବେନ୍ଦ୍ର ଦାଶ ଓ ବିଶ୍ୱଜିତ ଜେନା ପ୍ରମୁଖ ଯୋଗ ଦେଇ ଡ୍ରୋନ ଟେକ୍ନୋଲୋଜୀ ନିର୍ମାଣର କୌଶଳ, କାର୍ଯ୍ୟକାରିତା ଓ ଏହାର ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବା ସହ ଡ୍ରୋନ୍ ନିର୍ମାଣ କୌଶଳର ସଫଳ ରୂପାୟନ ପ୍ରତିପାଦିତ କରିଥିଲେ। ଏଥିରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ସୁବାଷ ଚନ୍ଦ୍ର ନାୟକ, ଡାଇରେକ୍ଟର ଡଃ ପ୍ରିୟଦର୍ଶୀ କାନୁନଗୋ, ଅଧ୍ୟକ୍ଷ ଡଃ ଦେବବ୍ରତ ରଥ ଓ କମ୍ପ୍ୟୁଟର ସାଇନ୍ସର ବିଭାଗୀୟ ମୁଖ୍ୟ-ତଥା କୋଡିନେଟର ପ୍ରଫେସର ନିହାର ରଂଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଶିକ୍ଷାନୁଷ୍ଠାନରେ ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂରର ଛାତ୍ରଛାତ୍ରୀଙ୍କ ପାଇଁ ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ପ୍ରକାର କର୍ମଶାଳା, ସେମିନାର ଓ ନିଯୁକ୍ତି ଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଅଛି ବୋଲି ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ପ୍ରକାଶ କରିଅଛନ୍ତି।

## ଉତ୍ତର ଭୁବନେଶ୍ୱର ଗଜଲକ୍ଷ୍ମୀ ଭସାଣି କମିଟିର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୪।୯ (ସମିସ)


ଉତ୍ତର ଭୁବନେଶ୍ୱର ଗଜଲକ୍ଷ୍ମୀ ଭସାଣି କମିଟିର ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି। ମଞ୍ଚେଶ୍ୱର ରେଳବାଇ ଉପେନ୍ଦ୍ରଭଞ୍ଜ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ କମିଟିର ସଦସ୍ୟମାନେ ଉପସ୍ଥିତ ରହି ଆଗାମୀ ଦିନରେ ମା' ଗଜଲକ୍ଷ୍ମୀଙ୍କ ପୂଜାକୁ କିଭଳି ଶୃଙ୍ଖଳିତ ଢଙ୍ଗରେ କରିହେବ, ସେନେଇ ଯୋଜନା କରିଛନ୍ତି। କମିଟି ସଭାପତି କୃଷ୍ଣଚନ୍ଦ୍ର ପତି ବୈଠକରେ ଅଧ୍ୟକ୍ଷତା କରି କହିଲେ, ଉତ୍ତର ଭୁବନେଶ୍ୱର ଗଜଲକ୍ଷ୍ମୀ ପୂଜାରେ ୧୨ରୁ ଅଧିକ ମେଢ଼ ସାମିଲ ହେବେ। କ୍ଲବ ଟାଉନ୍ ପଡ଼ିଆରୁ ମେଢ଼ଗୁଡ଼ିକ ବାହାରି ନାଲକୋ ଛକ ପର୍ଯ୍ୟନ୍ତ ଧାଡ଼ି ହୋଇଯିବ। ପାରମ୍ପରିକ ବାଦ୍ୟନୃତ୍ୟ ସହ ଘଣ୍ଟଘଣ୍ଟୁଆଙ୍କ ଦୁରା ବାଜାରେ ମା'ଙ୍କୁ ମେଲାଣି ଦିଆଯିବ। ଉତ୍ତର ଭୁବନେଶ୍ୱରରେ ମା' ଦୁର୍ଗାଙ୍କ ଭସାଣି ସମୟରେ କିଛି ନେତା ଯେଉଁଭଳି ଭାବେ ନିଜ ନିଜ ଭିତରେ ଟଣାଓଟରା ହେଉଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମା'ଙ୍କ ଭସାଣିରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। କମିଟିର ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ ଯୋଗଦେଇ ଭସାଣି ଉତ୍ସବ କିଭଳି ଅନୁଷ୍ଠିତ ହେବ, ସେ ସଂପର୍କରେ ଅବଗତ କରାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଗାଡ଼କଣ ବରିଷ୍ଠ ନାଗରିକ କମିଟି ତଥା ଉତ୍ତର ଭୁବନେଶ୍ୱର ଗଜଲକ୍ଷ୍ମୀ ପୂଜାର ଉପଦେଷ୍ଟା ସୁର ପାତ୍ର, କିଶୋର ସାହୁ, ରଶାନ୍ତ ସାହୁ, ଧରିତ୍ରୀ ଜେନା, ଗାଡ଼କଣ ସାର୍ବଜନୀ ପୂଜା



କମିଟି ସଭାପତି ଚନ୍ଦକାନ୍ତ ସାହୁ, ବିଡିଏ କଲୋନି ଲକ୍ଷ୍ମୀ ପୂଜା କମିଟି ସମ୍ପାଦକ ପ୍ରମେଶ ସାହୁ, ଉତ୍ତର ଭୁବନେଶ୍ୱର ଭସାଣି ସମିତି ସାଧାରଣ ସମ୍ପାଦକ ତଥା ଉତ୍ତର ଗଜଲକ୍ଷ୍ମୀ ପୂଜା କମିଟିର ଉପଦେଷ୍ଟା ସରୋଜ ମଲ୍ଲିକ, ପ୍ରେସ୍ ଛକ ପୂଜା କମିଟି ସଭାପତି ଲୋକନାଥ ମହାରଣା, ରେଳବାଇ ଲକ୍ଷ୍ମୀପୂଜା କମିଟି ସଦସ୍ୟ କୀର୍ତିରଞ୍ଜନ ନନ୍ଦ, ଦାସରଜା ଲକ୍ଷ୍ମୀ ପୂଜା କମିଟି ସଭାପତି ପବିତ୍ର ପାତ୍ର, ଲକ୍ଷ୍ମୀବିହାର ଗଜଲକ୍ଷ୍ମୀ ପୂଜା କମିଟି ଉପସଭାପତି ନିନା ରାଉତ, ଶୈଳଶ୍ରୀ ବିହାର ଲକ୍ଷ୍ମୀପୂଜା କମିଟି ସମ୍ପାଦକ ସୁଶିଲ ପଣ୍ଡା, ରାଧାକାନ୍ତ ବେହେରା, ଘନ ବେହେରା, କଲ୍ୟାଣପୁର ପୂଜକମିଟି ସଦସ୍ୟ ବୁବୁନା ସାହୁ, ବେଣୁଧର ସାହୁ, ଅଶୋକ କୁମାର ନାୟକ, ଦୀପକ ଷେଣ୍ଟେ, ଅମୀୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଧର୍ମଧାରଣା ବିଶ୍ୱାସରୁ ଜନ୍ମନିଏ ଏବଂ ବିଶ୍ୱାସ ଜନ୍ମନିଏ ସୀମାବଦ୍ଧ ଚିନ୍ତାଧାରାରୁ।
-ଜିଡୁ କ୍ରିଷ୍ଣମୂର୍ତ୍ତି

ସକାଳ
THE SAKALA

## ବାଣ ବିପଦ

ବାଣ କେବଳ ଆଉ ପାର୍ବଣର ମନୋରଞ୍ଜନ କିମ୍ବା ଉତ୍ସବ ପାଳନରେ ସୀମିତ ନାହିଁ। ଏହା ଏକ ପ୍ରାଣଘାତୀ ପ୍ରତିଯୋଗିତାରେ ପରିଣତ ହୋଇସାରିଛି। ଦୀପାବଳୀ ସମୟରେ ଦେଶର ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ ବିଷପ୍ରକୋଷ୍ଠ ଭଳି ହୋଇଯାଉଥିବା ବେଳେ କ୍ରମଶଃ ଅନ୍ୟାନ୍ୟ ମେଟ୍ରୋସହରର ଆତସବାଜୀ ଜନିତ ପ୍ରଦୂଷଣସ୍ଥିତି ସେହି ସ୍ତରକୁ ଚାଲିଗଲାଣି। ଏହାଛଡ଼ା ବାଣର ବୁକୁଫଟା ଶବ୍ଦରେ କେତେ ଯେ ପ୍ରାଣ ଯାଉଛି ତାହାର ସରକାରୀ ହିସାବ ନାହିଁ। ବାଣର ଏହି ପ୍ରାଣଘାତୀ ପରିଣାମକୁ ଗୁରୁତ୍ୱ ଦେବାକୁ କେହି ପ୍ରସ୍ତୁତ ଥିବା ଭଳି ଲାଗୁନାହିଁ। ଏହି ପରିପ୍ରେକ୍ଷୀରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉଦ୍‌ବେଗ ପ୍ରକାଶ ଏବଂ ସମଗ୍ର ଦେଶରେ ବାଣକୁ ନିଷେଧ କରିବା ଲାଗି ଦେଇଥିବା ପରାମର୍ଶ ଯଥାର୍ଥ ଓ ସ୍ୱାଗତଯୋଗ୍ୟ।

ବାଣ ଫୁଟା ଜନିତ ଭୟଙ୍କର ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ନିୟନ୍ତ୍ରଣ କରିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଗତବର୍ଷ ଦିଲ୍ଲୀ ମହାନଗରରେ ସମ୍ପୂର୍ଣ୍ଣ କଟକଣା ଜାରି କରିଥିଲେ। କଟକଣା ମାନିବା ଦୂରେ ଥାଉ ଦିଲ୍ଲୀ ସମେତ ଦେଶରେ ରେକର୍ଡ ସଂଖ୍ୟକ ବାଣ ଫୁଟିଥିଲା। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ି ନଥିଲା। ଦ୍ୱୈତନଗରୀରେ ଦୀପାବଳୀ ଦିନ ରାତି ତିନିଟା ପରେ, ଏପରିକି ଦୀପାବଳୀ ଆଗଦିନ ରାତି ୧୨ଟା ପର୍ଯ୍ୟନ୍ତ ବାଣ ଫୁଟିବା ଶୁଣିବାକୁ ଓ ଦେଖିବାକୁ ମିଳିଥିଲା। ସତେଯେମିତି ସର୍ବୋଚ୍ଚ ଅଦାଲତଙ୍କ ଉଦ୍‌ବେଗ ପ୍ରତି ବାଣପ୍ରେମୀଙ୍କ କୌଣସି ଆନ୍ତରିକତା ନଥିଲା। ଏହାପଛର କାରଣ ଦର୍ଶାଗଲା ଯେ ଅଦାଲତଙ୍କ ନିର୍ଦ୍ଦେଶ ଆସିବାର ଯଥେଷ୍ଟ ପୂର୍ବରୁ ଆତସବାଜି ବଜାର ଓ ଗ୍ରାହକଙ୍କ ହାତକୁ ଚାଲିଯାଇଥିଲା। ବାଣ ବିକ୍ରେତାମାନେ ମଧ୍ୟ ଲାଇସେନ୍ସ ପାଇ ସାରିଥିଲେ। ତେଣୁ ଚଳିତ ବର୍ଷ ଯଥେଷ୍ଟ ସମୟ ପୂର୍ବରୁ ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ସତର୍କ ସୂଚନା ଦେଇସାରିଛନ୍ତି। ଏହାର କାର୍ଯ୍ୟକାରିତା ଲୋକ ମାନସିକତା ଉପରେ ନିର୍ଭର କରେ।

ବାଣ ପ୍ରସ୍ତୁତି, ଚାଲାଣ ଓ ବିକ୍ରିବଟା ଉପରେ ସରକାରୀ କଟକଣା ବା ନିଷେଧାଦେଶ ଆଗୁଆ ରହିଲେ ଏହାର ବ୍ୟବହାର କମି ପାରନ୍ତା କିମ୍ବା ଆଦୌ ହୁଅନ୍ତା ନାହିଁ। କିନ୍ତୁ ବାଣ ବଜାର ସହିତ ଜଡ଼ିତ ଅର୍ଥନୀତିକୁ ଦୃଷ୍ଟି ଦେଇ ଏଭଳି ପଦକ୍ଷେପ ନେବାରେ କୁଣ୍ଠା ପ୍ରକାଶ ପାଉଛି। ଜୀବନ ଥିଲେ ବେପାର ଓ ବଜାର ତିଷ୍ଠି ରହିବ - ଏ କଥା ବାଣପ୍ରେମୀମାନେ ସ୍ମରଣକୁ ଆଣିବା ଦରକାର। ସର୍ବୋପରି ବାଣବଜାର-ଅର୍ଥନୀତି ତୁଳନାରେ ଜୀବନର ମୂଲ୍ୟ କାହିଁ କେତେ ଅଧିକ ମୂଲ୍ୟବାନ - ଏ କଥା ହିଁ ସର୍ବୋଚ୍ଚ ନ୍ୟାୟାଳୟ ପରୋକ୍ଷରେ ପୁଣି ଥରେ ଚେତାଇ ଦେବାକୁ ଚାହିଁଛନ୍ତି। ଆମେ ଯଦି ପରମ୍ପରା ଆଳରେ ସଂଯମର ସୀମା ଉଲ୍ଲଂଘନ କରିବା ଅଦାଲତ କିମ୍ବା ସରକାର ତାହାକୁ ବନ୍ଦ କରିପାରିବେ ନାହିଁ। ଆମ ଚରିତ୍ରର ମନୋରଞ୍ଜନ ଓ ପ୍ରତିଯୋଗିତା ପ୍ରତି ଥିବା ଦୁର୍ବଳ ଦିଗ ସହିତ ଆମକୁ ଅନ୍ୟ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ତା' ନହେଲେ ଆମ ମନୋରଞ୍ଜନର ପ୍ରତିଯୋଗିତା ଅର୍ଥହୀନ ହୋଇ ଗଣମୃତ୍ୟୁର ଘଣ୍ଟି ବଜାଇବ। ଏବେ ସମୟ ଆସିଛି ଆମକୁ ପ୍ରାଣ କିମ୍ବା ବାଣ ମଧ୍ୟରୁ ଗୋଟିଏକୁ ଆପଣେଇ ନେବାକୁ ପଡ଼ିବ।

## ଖବର ତନଖି ଚିନ୍ତା

ନେପାଳର ସଦ୍ୟତମ ଶାସକ ବିରୋଧୀ ବିକ୍ଷୋଭରେ ସାମାଜିକ ଗଣମାଧ୍ୟମର ଭୂମିକାକୁ ନେଇ ବିଶ୍ୱ ଶାସକବର୍ଗ ଚିନ୍ତିତ। ସ୍ୱାଭାବିକ ଭାବେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଓ ସର୍ବାଧିକ ଜନବହୁଳ ଦେଶ ଭାରତ ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇଛି। ସାମାଜିକ ଗଣମାଧ୍ୟମ ଗୁଜବରେ ଭାରତରେ ନେପାଳ ସଦୃଶ ବିକ୍ଷୋଭର ସମ୍ଭାବନା ନଥିଲେ ମଧ୍ୟ ଅଧୁନା କ୍ରମବର୍ଦ୍ଧିଷ୍ଣୁ ବିଭ୍ରାନ୍ତିକର ଓ ମିଥ୍ୟା ଖବର ପ୍ରଚାର ଓ ପ୍ରସାରଣ ଉଦ୍‌ବେଗର କାରଣ ହୋଇଛି। ଦେଶର ସଂହତି, ସାର୍ବଭୌମ, ଅଖଣ୍ଡତା, ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଏକତା ପ୍ରତି ମିଥ୍ୟା ଓ ବିଭ୍ରାନ୍ତିକର ଖବରର ନକାରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ସରକାର ଏ ସଂକ୍ରାନ୍ତ ଆଇନ ଓ କଟକଣା ଜାରି କରିଛନ୍ତି। ତଥାପି ସେଥିରେ ରହିଯାଉଥିବା ବିଭିନ୍ନ ଗଳାବାଟ ଯୋଗୁଁ ଅବୈଧ ଓ ଅନିୟନ୍ତ୍ରିତ ମିଥ୍ୟା ଖବର ପ୍ରଚାର ପ୍ରସାର ବଢ଼ିବାରେ ଲାଗିଛି ଏବଂ ବିଭିନ୍ନ ସମୟରେ ବିଭ୍ରାଟ ସୃଷ୍ଟି କରୁଛି। ଏବେ ପୁଣି ଥରେ ନେପାଳ ଘଟଣାକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ଖବର ଉପରେ କଡ଼ା କଟକଣା ଜାରି କରିବା ପାଇଁ ସଂସଦୀୟ ସ୍ଥାୟୀ କମିଟି ସରକାରଙ୍କୁ ସୁପାରିସ କରିଛି। ଏଥିରେ ସାମାଜିକ ଗଣମାଧ୍ୟମ ସହିତ ପାରମ୍ପରିକ ମୁଖ୍ୟସ୍ରୋତର ଗଣମାଧ୍ୟମକୁ ଉତ୍ତରଦାୟୀ କରିବା ସହିତ ପ୍ରସାରିତ/ମୁଦ୍ରିତ ଖବର ଯଦି ମିଥ୍ୟା, ମନଗଢ଼ା କିମ୍ବା ବିଭ୍ରାନ୍ତିକର ପ୍ରମାଣିତ ହୁଏ ତେବେ ସମ୍ପୃକ୍ତ ସଂସ୍ଥାର ସମ୍ପାଦକ ଓ ପ୍ରକାଶକ, ମୁଦ୍ରାକର ଓ ମାଲିକଙ୍କୁ ଯେପରି ଦଣ୍ଡିତ କରାଯାଇପାରିବ ସେଥିଲାଗି ଆଇନରେ ସଂଶୋଧନ ଆଣିବା ଲାଗି କମିଟି ପରାମର୍ଶ ଦେଇଛି।

ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରଣ ଅଭିଯୋଗ ଏବଂ ତନଖି(ଫ୍ୟାକ୍ଟ ଚେକିଂ) ବ୍ୟବସ୍ଥା ସପକ୍ଷରେ ଯୁକ୍ତି ନୂଆ ନୁହେଁ। ସମୟସମୟରେ କୌଣସି ଖବର ବିଭ୍ରାଟ ବା ସଙ୍କଟ ସୃଷ୍ଟି କଲେ ଏଭଳି ମତାମତ ପ୍ରକାଶ ପାଏ ଏବଂ ସରକାର ତାହାକୁ ଗୁରୁତ୍ୱର ସହ ନିଅନ୍ତି। ଆଇନ୍ କାନୁନ ଓ କଟକଣାକୁ ମାନିବା ପାଇଁ କେତେକ ସଂସ୍ଥା ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ମଧ୍ୟ ଆପଣେଇଛନ୍ତି। କିନ୍ତୁ ସରକାରୀ ତଦାରଖ ବ୍ୟବସ୍ଥାର ଅନୁପସ୍ଥିତି ଯୋଗୁଁ କିଛିଦିନ ପରେ ତାହା ପ୍ରହସନରେ ପରିଣତ ହୋଇଯାଉଛି।

ବସ୍ତୁତଃ ଫ୍ୟାକ୍ଟଚେକିଂ ସହଜସାଧ୍ୟ ବ୍ୟାପାର ନୁହେଁ। ଏଥିରେ ଆଇନଗତ ଜଟିଳତା ସାଙ୍ଗକୁ ପ୍ରଚୁର ମାନବ ସମ୍ବଳ ଓ ଅର୍ଥଶକ୍ତିର ଆବଶ୍ୟକତା ରହିଛି। ଯାହା ପାଖରେ ସ୍ମାର୍ଟଫୋନ୍ ଅଛି ସେ ଯଦି ସାମାଜିକ ଗଣମାଧ୍ୟମରେ କିଛି ବିଷୟରେ ଲେଖିବାକୁ ଇଚ୍ଛା କରେ ଏବଂ ପରିପ୍ରକାଶ କରେ ତାହାକୁ ତନଖି କରିବ କିଏ? ଏସବୁ ବିଷୟବସ୍ତୁ ପ୍ରସାରିତ କରୁଥିବା ମଞ୍ଚ କେତେ ସତର୍କ ହୋଇପାରିବ ଏବଂ କିଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବ ତାହା ଉପରେ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ନିର୍ଭର କରେ। ମିଥ୍ୟା ଖବର କେବଳ ଦେଶ ପ୍ରତି ନୁହେଁ, ସମ୍ପୃକ୍ତ ସଂସ୍ଥା ଓ ସାମଗ୍ରିକ ଭାବେ ଗଣମାଧ୍ୟର ବିଶ୍ୱସନୀୟତା ପ୍ରତି ବିପଦ ହୋଇଥିବାରୁ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ରହିବା ଜରୁରୀ। କିନ୍ତୁ କେବଳ ଆଇନ ଏହାକୁ ସମ୍ଭବ କରିପାରିବ ନାହିଁ। ତେଣୁ ଆନୁସଙ୍ଗିକ ବିକଳ୍ପ ବ୍ୟବସ୍ଥା ବିଷୟରେ ନୀତିନିର୍ଦ୍ଧାରକମାନେ ଚିନ୍ତା କରନ୍ତୁ।

# ଦାମ୍ଭିକ ହାତେ ବିଶ୍ୱ-ଭାଗ୍ୟଡୋରି

ଡ. ମନୋଜ କୁମାର ମହାନ୍ତି

ବିଶ୍ୱ ଏକ ଜଟିଳ ପରିସ୍ଥିତି ଦେଇ ଏବେ ଗତି କରୁଛି। ପ୍ରାୟ ସବୁଠି ଯୁଦ୍ଧର ଘନଘଟା। ଶାନ୍ତି-ମୈତ୍ରୀ-ପ୍ରେମ, ଦୟା-କରୁଣା-ଅନୁକମ୍ପାର ସ୍ୱର ଧୀରେଧୀରେ ଉଭେଇଯିବାରେ ଲାଗିଛି। ଲୁହ-ଲହୁ ଏକାସାଥିରେ ବୋହିଚାଲିଛି। ଅହଂକାର ଓ ଜିଦ୍‌ଖୋର ମନୋବୃତ୍ତିର ବୀଜ କେଉଁକାଳରୁ ବିଶ୍ୱର କୋଣଅନୁକୋଣରେ ବପନ ହୋଇସାରିଛି। ସମୟ ସହିତ ତାହା ଅଙ୍କୁରୋଦଗମ୍ ହୋଇ ମହାବୃକ୍ଷର ରୂପ ନେଉଛି। ବିଗତ ଦୁଇରୁ ତିନି ଦଶନ୍ଧି ଧରି ବିଶ୍ୱର ମାନବିକତା ନଷ୍ଟହୋଇ ନରସଂହାର ଭଳି ଘଟଣାମାନ ବଢ଼ିବାରେ ଲାଗିଛି। ରାଜତନ୍ତ୍ରର ସ୍ୱେଚ୍ଛାଚାରୀ ନରସଂହାର ମନୋବୃତ୍ତି ଆଜି ମଧ୍ୟ ଗଣତନ୍ତ୍ରରେ ଦେଖିବାକୁ ମିଳୁଛି।

୨୦୦୧ରୁ ଆରମ୍ଭ ହୋଇଥିବା ଆଫଗାନିସ୍ତାନ ଯୁଦ୍ଧର ସୂତ୍ରପାତ ହୋଇଥିଲା ଅଲକାଏଦା ଆତଙ୍କୀଗୋଷ୍ଠୀର ମୁଖ୍ୟ ଓସେମା ବିନ୍ ଲାଦେନ ଦ୍ୱାରା ୯/୧୧ରେ ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ ପରେ। ପ୍ରତିଶୋଧ ପାଇଁ ଆମେରିକା ଦୀର୍ଘଦିନ ପର୍ଯ୍ୟନ୍ତ ଆଫଗାନିସ୍ତାନରେ ଲାଦେନର ଲୁଚିଥିବା ବିଭିନ୍ନ ଠିକଣା ଉପରେ ବୋମା ନିକ୍ଷେପ କରି ଧ୍ୱଂସସାଧନ କରିବାର କାହାଣୀ ଏବେବି ମନେପଡୁଛି। ଇରାକ ସହ ଆମେରିକାର ୨୦୦୩-୨୦୧୧ ପର୍ଯ୍ୟନ୍ତ ଲଢ଼େଇର ପରିଣାମ ହେଲା ଇରାକ ଶାସନଗାଦିରୁ ସଦ୍ଦାମ ହୁସେନଙ୍କୁ ଗାଦିଚ୍ୟୁତ ଏବଂ ପରିଶେଷରେ ଫାଶୀଦଣ୍ଡ। ୨୦୧୧ରୁ ସିରିଆରେ ଲାଗି ରହିଥିବା ଗୃହଯୁଦ୍ଧ ଏଯାଏଁ ବଳବତ୍ତର। ୟେମେନ, ସୁଦାନ, ମିଆଁମାର, ଇଥୋପିଆ, ବାଂଲାଦେଶ ଓ ନେପାଳ ଅଦି ଦେଶରେ ଚାଲିଛି ଗୃହଯୁଦ୍ଧ। ୨୦୨୨ରୁ ଏଯାବତ ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଇସ୍ରାଏଲ୍-ପାଲେଷ୍ଟାଇନ, ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧର ପରିଣାମ ଅତ୍ୟନ୍ତ ଭୟଙ୍କର। କେହି ଯୁଦ୍ଧରୁ ନିଜକୁ ନିବୃତ୍ତ ରଖିବାକୁ ଚାହୁଁନାହାନ୍ତି।

ରୁଷର ଭୟଙ୍କର ଆକ୍ରମଣ ସହ ୟୁକ୍ରେନର ପ୍ରତିଆକ୍ରମଣ ଯୁଦ୍ଧକୁ ଆହୁରି ଲମ୍ବିତ କରୁଛି। ନିଜର



ସର୍ବସ୍ୱକୁ ହରେଇଲା ପରେ ବି ୟୁକ୍ରେନ କୌଣସି ପରିସ୍ଥିତିରେ ନା ପରାଜୟକୁ ସ୍ୱୀକାର କରୁଛି ନା ଆତ୍ମସମର୍ପଣ ପାଇଁ ଇଚ୍ଛା ପ୍ରକାଶ କରୁଛି। ଆମେରିକା ଓ ନାଟୋ ସଦସ୍ୟ ଦେଶର ସହଯୋଗରେ ରୁଷର ଅହଙ୍କାରକୁ ଭାଙ୍ଗିବା ପାଇଁ ୟୁକ୍ରେନର ପ୍ରଚେଷ୍ଟା ଜାରିରହିଛି। ଅପରପକ୍ଷେ ଶକ୍ତିଶାଳୀ ରୁଷ ତା'ନିଜ ଲକ୍ଷ୍ୟରେ ଅଟଳ। ସେହିପରି ପାଲେଷ୍ଟାଇନର ଅତାଙ୍କୀସଂସ୍ଥା ହମାସର ବାରମ୍ବାର ଇସ୍ରାଏଲ ଉପରେ ଆକ୍ରମଣ ଏବଂ ପ୍ରତ୍ୟୁତ୍ତରରେ ଇସ୍ରାଏଲ ପାଲେଷ୍ଟାଇନର ଗାଜାକୁ ନର୍କରେ ପରିଣତ କରିବା ପରେ ମିଳିତ ଜାତିସଂଘ ଗାଜାରେ ଦୁର୍ଭିକ୍ଷ ଘୋଷଣା କରିଛି। ଏସିଆ ମହାଦେଶର ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ର ଚୀନର ମଧ୍ୟ ବିସ୍ତାର ନୀତି ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଉଭୟ ଗୃହଯୁଦ୍ଧ ଓ ସୀମାବିବାଦରେ ଲିପ୍ତଥିବା ଆର୍ଥିକ ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ଏବେ ବିଶ୍ୱାସର ଘୋର ଅଭାବ। ଦାରିଦ୍ର୍ୟ, ଅଶିକ୍ଷା, ରୋଗ ନିରାକରଣ ପରିବର୍ତ୍ତେ କୂଟନୀତି, ସାମରିକ ଓ ଆଣବିକ ଶକ୍ତି ବିକାଶରେ ଅଧିକାଂଶ ଦେଶ ଲିପ୍ତ।

ଲୋକତନ୍ତ୍ର ଶାସନ ବ୍ୟବସ୍ଥାକୁ ଶେଷ ବିକଳ୍ପଭାବେ ଗ୍ରହଣ କରି ଗଣତନ୍ତ୍ର ରାଷ୍ଟ୍ର ସ୍ଥାପନ ଲାଗି ବିଶ୍ୱ ପ୍ରୟାସ ଆରମ୍ଭ କଲା। ୨୪, ଅକ୍ଟୋବର ୧୯୪୫ରେ ୫୧ଦେଶର ମିଳିତ ଉଦ୍ୟମରେ ସ୍ଥାପିତ ହେଲା ମିଳିତ ଜାତିସଂଘ। ମିଳିତ ଜାତିସଙ୍ଘର ଦୁଇ ଅଙ୍ଗ ନିରାପତ୍ତା ପରିଷଦ ଓ ସାଧାରଣ ସଭା ସମଗ୍ର ବିଶ୍ୱର କଲ୍ୟାଣକୁ ଅଗ୍ରାଧିକାର ଦେବେ ବୋଲି ବୁଦ୍ଧିଜୀବୀମାନେ ଆଶାପୋଷଣ କରିଥିଲେ। ଯଦିଓ ମିଳିତ ଜାତିସଂଘର ପ୍ରଧାନ ଅଙ୍ଗ ଭାବେ ସାଧାରଣ ସଭାର ସଦସ୍ୟ ୧୯୩ଟି ଦେଶ କାର୍ଯ୍ୟରତ, କିନ୍ତୁ ପନ୍ଦର ସଦସ୍ୟଭିତ୍ତିକ ନିରାପତ୍ତା ପରିଷଦ ହିଁ ଜାତିସଂଘର ମୁଖ୍ୟ ନିଷ୍ପତ୍ତି ଗ୍ରହଣକାରୀ ଅଙ୍ଗଭାବେ ଆରମ୍ଭରୁ ପରିଚିତ। ନିରାପତ୍ତା ପରିଷଦର ପନ୍ଦର ସଦସ୍ୟ ମଧ୍ୟରୁ ଦଶ ଅସ୍ଥାୟୀ, ଯେଉଁଥିରେ ଭାରତ ଅନ୍ତର୍ଭୁକ୍ତ।

ରୁଷ୍, ଆମେରିକା, ଫ୍ରାନ୍ସ, ଇଂଲଣ୍ଡ ଓ ଚୀନ- ଏହି ପାଞ୍ଚ ଶକ୍ତିଶାଳୀ ଦେଶ ସ୍ଥାୟୀ ସଦସ୍ୟଭାବେ ଭିଟୋ ପ୍ରୟୋଗ କ୍ଷମତାର ଅଧିକାରୀ। ବିଶ୍ୱକୁ ନିୟନ୍ତ୍ରଣ କରିବାରେ ଏହି ପାଞ୍ଚ ସ୍ଥାୟୀ ସଦସ୍ୟ ସର୍ବେସର୍ବା। କିନ୍ତୁ ନିଜର ବିକାଶ, ଅଭିବୃଦ୍ଧି ସହ ବିଶ୍ୱକୁ ନିଜ ନିୟନ୍ତ୍ରଣରେ ରଖିବା ଲକ୍ଷ୍ୟରେ ଏମାନେ ସମସ୍ତେ ବ୍ୟସ୍ତ। ଯଦିଓ ପରସ୍ପର ମଧ୍ୟରେ ସମୟେ ସମୟେ ତିକ୍ତତା ସୃଷ୍ଟି ହୁଏ ତଥାପି କେହି କାହାକୁ ସିଧାସଳଖ ଆହ୍ୱାନ ଦେବାକୁ ସାହସ କରିପାରନ୍ତି ନାହିଁ। ସ୍ଥାୟୀ ସଦସ୍ୟ ଦେଶ ମଧ୍ୟରେ ନିଜ ସ୍ୱାର୍ଥରେ କାହାର କାଣିଚାଏ ବାଧା ଉପୁଜିଲେ ନିଜ ଅହଙ୍କାରରୂପକ ଭିଟୋ ପ୍ରୟୋଗ କରି ତା'ର ସର୍ବନାଶ କରିବାକୁ ସେମାନେ ପଛାନ୍ତି ନାହିଁ।

ଜାତିସଂଘ ମାଧ୍ୟମରେ ଦାରିଦ୍ର୍ୟତା, ନିରକ୍ଷରତା, ସ୍ୱାସ୍ଥ୍ୟଗତ ସମସ୍ୟାରେ ଜର୍ଜରିତ ଦେଶମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ ସାମାଜିକ ସୁରକ୍ଷା ଓ ବିକାଶ ପାଇଁ ବୃହତ୍ ଆର୍ଥିକ ସହାୟତା ରାଶି ଏହି ପାଞ୍ଚ ସ୍ଥାୟୀ ଦେଶ ଦ୍ୱାରା ଅନୁଦାନ ରୂପେ ମିଳିଥାଏ। ଏଥିରେ ଆମେରିକାର ସହାୟତା ରାଶି ଅଧିକ।

ସ୍ୱାଭାବିକ ଭାବେ ଆର୍ଥିକ ସହାୟତା କରୁଥିବା ବ୍ୟକ୍ତିମାନେ ଯୁଗେଯୁଗେ ସମାଜକୁ ନିଜ ନିୟନ୍ତ୍ରଣରେ ରଖିଥା'ନ୍ତି। ତେଣୁ ନିରାପତ୍ତା ପରିଷଦରେ ଥିବା ସ୍ଥାୟୀ ସଦସ୍ୟମାନେ ନିଜ ନିଜକୁ ଶ୍ରେଷ୍ଠଭାବି ଜାତିସଂଘର ସାଧାରଣ ପରିଷଦରେ ଗୃହୀତ କୌଣସି ନିଷ୍ପତ୍ତିକୁ ଗ୍ରହଣ କରନ୍ତି ନାହିଁ। ପୃଥିବୀର ସାର୍ବଜନୀନ କାର୍ଯ୍ୟକ୍ରମ ନିରାପତ୍ତା ପରିଷଦ ଉପରେ ନିର୍ଭରଶୀଳ। ସେମାନେ ହିଁ ନିର୍ଣ୍ଣୟ କରନ୍ତି ବିଶ୍ୱ ପାଇଁ ଭଲ / ମନ୍ଦ ଏବଂ ଉଚିତ୍ / ଅନୁଚିତ୍। ଅନ୍ତର୍ଜାତୀୟ ନ୍ୟାୟାଳୟର ରାୟକୁ ମଧ୍ୟ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟମାନେ ଅମାନ୍ୟ କରିବାର ଅନେକ ନଜର ଆସିଛି। ଜାତିସଂଘର ମୁଖ୍ୟସଚିବ କେବଳ ନାମକୁ ମାତ୍ର। ତାଙ୍କର ବିଶ୍ୱକୁ ନିୟନ୍ତ୍ରଣ କରିବାର କୌଣସି କ୍ଷମତା ନାହିଁ। କହିବାକୁ ଗଲେ ମିଳିତ ଜାତିସଂଘ ଏକ ନିଃସହାୟ, ନିରୁପାୟ, ଜରାଜୀର୍ଣ୍ଣ ଥୁଣ୍ଟା ବରଗଛ ସଦୃଶ। ଏ ସବୁର ସୁଯୋଗ ନେଇ ବିଶ୍ୱ ଧୀରେଧୀରେ ଅଶାନ୍ତ ଓ ଧ୍ୱଂସାଭିମୁଖେ ଅଗ୍ରସର।

ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ରର ଶାସକମାନେ ବିଶ୍ୱ ଜନସାଧରଣଙ୍କ ଜୀବନ ସହ ଲୁଚକାଳି ଖେଳି ଚାଲିଛନ୍ତି। ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଦେଶକୁ ବୈଶ୍ୱିକ ସଂସ୍ଥା ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଦେବା କେଉଁ ମାନସିକତା ତାହା ବୁଝାପଡୁଛି। ନିଜ ସ୍ୱାର୍ଥ ଓ ଦାଦାଗିରି ଜାହିର କରିବାରେ କିଛି ଦେଶ ନିପୁଣ। ନିଜ ଅସ୍ତ୍ରଶସ୍ତ୍ର ବିକ୍ରିରେ ପ୍ରଚୁର ଅର୍ଥ ଉପାର୍ଜନ କରି ବିଶ୍ୱରେ ନିଜର ହାକିମଗିରି କରିବାର ନିଶାରେ ବୁଡ଼ି ରହିଥିବା ଦେଶ ଦିନେ ନିଜେ ସେଇ ନିଆଁରେ ଜାଳିପୋଡ଼ି ପାଉଁଶ ହୋଇଯିବ ନାହିଁ ତ? ଦାମ୍ଭିକମାନେ ସମସ୍ତଙ୍କ ଭାଗ୍ୟଡୋରୀ ନିଜନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି। କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ ସେମାନଙ୍କ ଭାଗ୍ୟଡୋରି କାଳହାତେ ବନ୍ଧା।

(ବିଭାଗୀୟ ମୁଖ୍ୟ, ବି. ଏନ. ଏମ୍.ଏ ମହାବିଦ୍ୟାଳୟ),
ଭଦ୍ରକ, ମୋ:୮୮୯୫୩୪୨୦୩୩

# ଅନ୍‌ଲାଇନ୍ ଗେମ୍‌ର ମାୟାଜାଲ

ପ୍ରିୟତମା ତ୍ରିପାଠୀ



ମହାଭାରତର ଦ୍ୟୁତକ୍ରୀଡ଼ା ବା ପଶା ଖେଳ କେବଳ ଏକ ସାଧାରଣ ମନୋରଞ୍ଜନ ନୁହେଁ; ଏହା ଥିଲା ଏକ ନିଷ୍ଠୁର ପରୀକ୍ଷଣ। ଯୁଧିଷ୍ଠିରଙ୍କ ପଶା ପ୍ରତି ଅନିୟନ୍ତ୍ରିତ ଆସକ୍ତି, ଆତ୍ମସଂଯମର ଅଭାବ ଏବଂ ଶକୁନିଙ୍କ ଚତୁର ମାନସିକ କୌଶଳ ପାଣ୍ଡବମାନଙ୍କର ରାଜତ୍ୱ, ସାମାଜିକ ସମ୍ମାନ ଓ ପାରିବାରିକ ସ୍ୱାଧୀନତାକୁ ବିନାଶର ମୁହଁକୁ ଠେଲି ଦେଲା। ଏହା ଆମକୁ ଶିକ୍ଷା ଦିଏ ଯେ ଜୁଆରେ ଅତ୍ୟଧିକ ଆସକ୍ତି କିପରି ମାନବୀୟ ଦୁର୍ବଳତାକୁ ଶୋଷଣ କରି ଅନୈତିକ ଲାଭ ପାଇଁ ବ୍ୟବହାର କରେ ଏବଂ ବ୍ୟକ୍ତି ଓ ସମାଜର ମଙ୍ଗଳକୁ ବିପନ୍ନ କରେ। ଏହି ଶିକ୍ଷାର ପ୍ରାସଙ୍ଗିକତା ଆଜିର ଆଧୁନିକ ଓ ଇଣ୍ଟରନେଟ୍ ଯୁଗରେ ଅଧିକ।

ମହାଭାରତ ଯୁଗର ସେହି ଦ୍ୟୁତକ୍ରୀଡ଼ାର ନିଷ୍ଠୁର ଛାୟା ଆଜିର ଡିଜିଟାଲ୍ ଯୁଗରେ ଅନଲାଇନ୍ ଗେମିଂ ଓ ଗ୍ୟାମ୍ବ୍ଲିଂ ଆପ୍‌ର ରୂପ ନେଇ ବିଶ୍ୱବ୍ୟାପୀ ମାୟାଜାଲ ବିସ୍ତାର କରିଚାଲିଛି। ଭର୍ଚୁଆଲ ରିୱାର୍ଡ ଓ ଆଲ୍‌ଗୋରିଦିମ୍ ଗୋଟିରେ ରୂପାନ୍ତରିତ ହୋଇ ଲକ୍ଷ ଲକ୍ଷ ମନକୁ ଅପ୍ରତିରୋଧ ଆକର୍ଷଣରେ ବାନ୍ଧି ରଖୁଛି। ଅନଲାଇନ୍ ଗେମିଂ ପ୍ଲାଟଫର୍ମଗୁଡ଼ିକ ଶକୁନିତୁଲ୍ୟ ନିଖୁଣ ଭାବେ ଡିଜାଇନ୍ କରାଯାଇଥିବା ରିୱାର୍ଡସିଷ୍ଟମ୍ ମାଧ୍ୟମରେ ଖେଳାଳିମାନଙ୍କର ମସ୍ତିଷ୍କରେ ଯୁଧିଷ୍ଠିର ତୁଲ୍ୟ ଡୋପାମାଇନ୍‌ର ଅନୁପମାନ୍ୟ ପ୍ରବାହ ସୃଷ୍ଟି କରୁଛନ୍ତି। ଅନେକ ଯୁବକ ଏହି ଜୁଆ ଆପ୍‌ଗୁଡ଼ିକ ପ୍ରତି ଆକର୍ଷିତ ହୋଇ ସଞ୍ଚୟ ହରାଉଛନ୍ତି, ଋଣରେ ବୁଡ଼ି ଯାଉଛନ୍ତି ଏବଂ ପାରିବାରିକ ସମ୍ପର୍କ ଓ ସାମାଜିକ ବନ୍ଧନକୁ ଭାଙ୍ଗି ଏକ ନିରବ ସଂଘର୍ଷର ଶିକାର ହେଉଛନ୍ତି। ଅନେକ ଯୁବକଯୁବତୀ ଏହି ଗେମ୍‌ଗୁଡ଼ିକରେ ଅତ୍ୟଧିକ ସମୟ ବିତାଇ ଶିକ୍ଷାଆହରଣରେ ପଛରେ ପଡୁଛନ୍ତି। ମାନସିକ ଚାପ, ଅନିଦ୍ରା ଓ ଆତ୍ମବିଶ୍ୱାସର ଅଭାବରେ ଜର୍ଜରିତ ହେଉଛନ୍ତି। ପାରିବାରିକ ଓ ସାମାଜିକ ସମ୍ପର୍କରେ ଏକ ଅନ୍ଧକାର ଦୂରତ୍ୱ ସୃଷ୍ଟି କରୁଛନ୍ତି।

ପିଲାମାନଙ୍କର ମୋବାଇଲ୍ ପ୍ରତି ଅନିୟନ୍ତ୍ରିତ ଆକର୍ଷଣ ଏବଂ ପାଠପଢ଼ା ପ୍ରତି ଅନିଚ୍ଛା ପଛରେ ଯେତିକି ତାଙ୍କର ଦୁର୍ବଳତା ରହିଛି, ତା'ଠାରୁ ଅଧିକ ଦାୟିତ୍ୱହୀନତା ପିତାମାତାଙ୍କର ରହିଛି। ଛୋଟ ବୟସରୁ ପିଲାଙ୍କ ସହ ସମୟ ବିତାଇବା ବଦଳରେ ଖାଇବା ସମୟରେ ମୋବାଇଲ୍‌ରେ କାର୍ଟୁନ୍ ଭିଡିଓ ଚଲାଇ ଧରାଇ ଦେବା ଏକ ସହଜ ଉପାୟ ଲାଗେ ସତ, କିନ୍ତୁ ଏହା ଭବିଷ୍ୟତର ଏକ ମହାବିପତ୍ତିର ବୀଜ ରୋପଣ କରେ। ବୈଜ୍ଞାନିକ ଦୃଷ୍ଟିରୁ ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ପିଲାଙ୍କର ଭାଷା ବିକାଶରେ ବାଧା ସୃଷ୍ଟି କରିବା ସହିତ ଭାବ ଆଦାନପ୍ରଦାନର ଗୁଣବତ୍ତାକୁ ପ୍ରଭାବିତ କରେ ଏବଂ କଥା କହିବା ଶୈଳୀ ଓ ଶାଳୀନତାକୁ ପ୍ରଭାବିତ କରେ। ଏହା ମଧ୍ୟ ମେଦବହୁଳତା ଓ ସ୍ମରଣଶକ୍ତି ହ୍ରାସ ପରି ସମସ୍ୟା ସୃଷ୍ଟି କରେ। ମାନବୀୟ ମୂଲ୍ୟବୋଧ ଦୃଷ୍ଟିରୁ ପିତାମାତାଙ୍କର ଦାୟିତ୍ୱ ହେଉଛି ପିଲାଙ୍କ ସହ ଖେଳିବା, କଥାବାର୍ତ୍ତା କରିବା ଏବଂ ଆଚାର-ବ୍ୟବହାର ଶିଖାଇବା, ଯାହା ତାଙ୍କର ସାମାଜିକ ଓ ନୈତିକ ବିକାଶକୁ ସୁଦୃଢ଼ କରେ।

ପ୍ରକୃତରେ ମୋବାଇଲ୍ ଫୋନ୍‌ର ପ୍ରଭାବ ଶିଶୁଟିଏ ଜନ୍ମ ହେବା ପୂର୍ବରୁ ପଡ଼ିଥାଏ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି। ମହାଭାରତରେ ଅଭିମନ୍ୟୁର ମାତୃଗର୍ଭରେ ଚକ୍ରବ୍ୟୂହର ଜ୍ଞାନ ଅର୍ଜନ ଏକ ଅଲୌକିକ ଆଧ୍ୟାତ୍ମିକ ଦୃଷ୍ଟାନ୍ତ, ଯାହା ଆଧୁନିକ ବିଜ୍ଞାନ ସହ ସାମଞ୍ଜସ୍ୟ ରଖେ। ବିଜ୍ଞାନ ଅନୁସାରେ, ଗର୍ଭାବସ୍ଥାର ଦ୍ୱିତୀୟ ଟ୍ରାଇମେଷ୍ଟର୍‌ରେ(୧୮-୨୦ ସପ୍ତାହ) ଶିଶୁର ଶ୍ରବଣ ଶକ୍ତି ବିକଶିତ ହୁଏ ଏବଂ ତୃତୀୟରେ(୨୭-୩୧ ସପ୍ତାହ) ଦୃଷ୍ଟି ଓ ଆଲୋକ ପ୍ରତି ସଂବେଦନଶୀଳତା ଗଢ଼ି ଉଠେ। ଅଭିମନ୍ୟୁ ଯେପରି ଗର୍ଭରେ ଜ୍ଞାନ ଗ୍ରହଣ କରିଥିଲେ, ସେହିପରି ଆଜିର ଶିଶୁମାନେ ମାତାଙ୍କ ଗର୍ଭକାଳୀନ ମୋବାଇଲ୍ ବ୍ୟବହାର ରିଲ୍‌ସ, ୟୁଟ୍ୟୁବ୍ ଓ ଅନ୍ୟାନ୍ୟ ଡିଜିଟାଲ୍ କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୁଅନ୍ତି। ଗବେଷଣା ଦର୍ଶାଏ, ଅତ୍ୟଧିକ ମୋବାଇଲ୍ ବ୍ୟବହାର ରେଡିଏସନ୍ ଓ ହର୍ମୋନ୍ ଅସନ୍ତୁଳନ ମାଧ୍ୟମରେ ଶିଶୁର ସ୍ୱାଭାବିକ ଓଜନ ହ୍ରାସ, ଅପରିପକ୍ୱ ଜନ୍ମ, ବ୍ୟବହାରଗତ ଅସ୍ୱାଭାବିକତା ଆଦି ସମସ୍ୟା ସୃଷ୍ଟି କରେ। ଆଧ୍ୟାତ୍ମିକ ଓ ମାନବୀୟ ଦୃଷ୍ଟିରୁ ଗର୍ଭକାଳ ଏକ ପବିତ୍ର ସମୟ, ଯେଉଁଠାରେ ମାଆର ଚିନ୍ତାଧାରା ଶିଶୁ ପ୍ରତି ଏକ ସକାରାତ୍ମକତା ସୃଷ୍ଟି କରେ। ବୈଦିକ ଚେତନା ଓ ସଂଯମ ଦ୍ୱାରା ମାଆମାନେ ଧ୍ୟାନ, ଗୀତା ପାଠ ଓ ସକାରାତ୍ମକ ଜୀବନଶୈଳୀ ମାଧ୍ୟମରେ ଶିଶୁର ମଙ୍ଗଳ ସୁନିଶ୍ଚିତ କରିପାରନ୍ତି। ଡିଜିଟାଲ୍ ନିଶାରୁ ମୁକ୍ତି ପାଇ ଆଧ୍ୟାତ୍ମିକ ଜାଗରଣ ଦ୍ୱାରା ସମାଜର ଭବିଷ୍ୟତ ସୁସ୍ଥ ଓ ସୁନ୍ଦର ହୋଇପାରେ।

ମୋବାଇଲ୍ ଫୋନ୍‌ର ଯେତେ ନକାରାତ୍ମକ ପ୍ରଭାବ ରହିଲେ ମଧ୍ୟ, ତା'ର ଅନେକ ସକାରାତ୍ମକ ଗୁଣ ଯଥା ଶିକ୍ଷା, ସୂଚନା ଓ ଯୋଗାଯୋଗରେ ସୁବିଧା ଆଜିର ସମାଜରେ ଏହାକୁ ବହୁଳ ଆଦୃତ ଓ ପ୍ରଚଳିତ କରିପାରିଛି। କିନ୍ତୁ ପିଲାମାନଙ୍କୁ ବିପଥଗାମୀ ହେବାର ଆଶଙ୍କା ମଧ୍ୟ ସୃଷ୍ଟି କରିଛି। ତେଣୁ ମୋବାଇଲ୍ ଫୋନ୍‌ରେ ନିୟନ୍ତ୍ରଣ ସୁବିଧାକୁ ଉପଯୋଗ କରି ପିଲାଙ୍କ ପ୍ରତିଦିନର ମୋବାଇଲ୍ ଫୋନ୍ ବ୍ୟବହାର ସମୟ ନିର୍ଦ୍ଧାରଣ କରାଯାଇପାରିବ। ଏପରିକି ହଷ୍ଟେଲ୍‌ରେ ରହୁଥିବା ପିଲାଙ୍କ ମୋବାଇଲ୍ ଫୋନ୍‌ରେ କାର୍ଯ୍ୟକଳାପ ମଧ୍ୟ ଘରେ ଥାଇ ପିତାମାତା ଜାଣିପାରିବେ। ପିତାମାତାଙ୍କର ସଂଯମୀ ନିରୀକ୍ଷଣ ପିଲାଙ୍କୁ ନୈତିକ ଓ ଶିକ୍ଷାଗତ ପଥରେ ରଖି ବିପଥଗାମୀ ହେବାରୁ ରକ୍ଷା କରି ସମାଜର ମଙ୍ଗଳ ସୁନିଶ୍ଚିତ କରିପାରିବ।

ନୂଆଗାଁ(ମୟୂରଭଞ୍ଜ), ମୋ: ୬୩୭୦୪୧୮୬୪

# ଆମ ବୃକ୍ଷଲତା ଆମ ଜୀବନ

## ଗୋଖରା

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଗୋଖରା ଭାରତ ସମେତ ଶ୍ରୀଲଙ୍କା ଏବଂ ଉଭୟ ଗୋଲାର୍ଦ୍ଧର ସମସ୍ତ ଉଷ୍ମ ଅଞ୍ଚଳରେ ୩, ୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଦେଖାଯାଏ। ଏହା ଦକ୍ଷିଣ ୟୁରେସିଆ, ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆର ମୂଳ ଜାତ ଉଦ୍ଭିଦ। ଏହା ଚାରଣଭୂମି, ରାସ୍ତାପାର୍ଶ୍ୱ ଓ ଅନ୍ୟାନ୍ୟ ଅନାବାଦୀ ସ୍ଥାନଗୁଡ଼ିକର ଏକ ସାଧାରଣ ତୃଣ ଭାବେ ବଢ଼ିଥାଏ। ଘନ ଲୋମଯୁକ୍ତ ପତ୍ରଗୁଡ଼ିକ ପ୍ରାୟ ୩ ମିମି ପର୍ଯ୍ୟନ୍ତ ଲମ୍ବା ହୋଇଥାଏ। ଫୁଲଗୁଡ଼ିକ ହଳଦିଆ ରଙ୍ଗର ଓ ୪-୧୦ ମିମି ଚଉଡ଼ା। ପ୍ରତ୍ୟେକ ଫଳରେ ଅନେକ ବିହନ ଥାଏ। ବିହନଗୁଡ଼ିକ ତେଲିଆ। କଣ୍ଟକିତ ଫଳ ଖାଲି ପାଦରେ ଚାଲିବା ଲୋକଙ୍କ ପାଇଁ ଯନ୍ତ୍ରଣାଦାୟକ ଆଘାତ ମଧ୍ୟ ଦେଇଥାଏ।

ଆୟୁର୍ବେଦରେ ଗୋଖରା ଏକ ଉତ୍ତମ ପୃଷ୍ଟପୋଷକ ଔଷଧୀୟ ଉଦ୍ଭିଦ। ଏହାର ଫଳ ଓ ମୂଳ ମୁଖ୍ୟତଃ ବିଭିନ୍ନ ରୋଗ, ବିଶେଷକରି ବୃକକ୍ ଚିକିତ୍ସା ପାଇଁ ଏକ ଲୋକଔଷଧ ଭାବରେ ବ୍ୟବହୃତ ହୁଏ। ଗୋଖରା ଶରୀରର ପ୍ରାକୃତିକ ଆରୋଗ୍ୟ ଶକ୍ତିକୁ ଶକ୍ତିଶାଳୀ କରେ। ମୂତ୍ର ରୋଗ, ମୂତ୍ରନଳୀ ସଂକ୍ରମଣ ସହିତ ସୌମ୍ୟ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ ପ୍ରତିକାର ପାଇଁ ଏହା ଏକ ଫଳପ୍ରଦ ପ୍ରାକୃତିକ ଉପଚାର। ପୌରୁଷ ଶକ୍ତି ବର୍ଦ୍ଧନ, ରକ୍ତ ସଞ୍ଚାଳନ ବୃଦ୍ଧି, ପେଟ ଯନ୍ତ୍ରଣା, ମଳ କଷ୍ଟ, ଫୁଲା ଏବଂ ଅନ୍ୟାନ୍ୟ ସମସ୍ୟା ଉପଶମରେ ସାହାଯ୍ୟ କରେ। ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ହେବା ହେତୁ ଏହା ହରମୋନରେ ସନ୍ତୁଳନ ରକ୍ଷା କରି ମନକୁ ଶାନ୍ତ କରିବାରେ ଏବଂ ସ୍ମୃତି, ଧ୍ୟାନ ଓ ଏକାଗ୍ରତା ବୃଦ୍ଧି କରିବାରେ ସାହାଯ୍ୟ କରେ। ଆଲଜାଇମର ରୋଗୀମାନଙ୍କ ପାଇଁ ଏହା ଏକ ଫଳପ୍ରଦ ପ୍ରାକୃତିକ ଔଷଧ। ଏଥିରେ ଟେଷ୍ଟୋଷ୍ଟୋରନ୍ ଥିବା ଯୋଗୁଁ ବୃତ୍ତିଗତ ଖେଳାଳିମାନେ ବ୍ୟବହାର କରନ୍ତି। ଗୋଖରାରେ ଗଛିତ ପ୍ରାରମ୍ଭିକ ଜୈବ ରସାୟନ ବା ଫାଇଟୋକେମିକାଲ୍ ଅଧ୍ୟୟନରୁ ସାପୋନିନ୍, ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍ସ, ଆଲକାଲଏଡ୍ସ ଏବଂ ଟାନିନ୍ସ ନାଇଟ୍ରେଟ୍ସ, ପୋଟାସିୟମ୍ ଉପସ୍ଥିତି ଜଣାପଡ଼େ।

ପୂର୍ବ ଏସିଆରେ ଗୋଖରାର ପତ୍ର ଓ ଡାଳ ଖାଦ୍ୟ ଭାବେ ଗ୍ରହଣ କରାଯାଏ। ଅମିଶ୍ରିତ ବଟରମିଲ୍କ ବା ଚହ୍ଲା ପରି ଦେଖାଯିବା ପାଇଁ ଗୋଖରା ଡାଳକୁ ପତଳା ଚହ୍ଲାରେ ମିଶାଯାଇଥାଏ। ତାଜା କିମ୍ବା ଶୁଖିଲା ବ୍ୟବହାର କରାଯାଏ। ଗୋଖରା ପାଉଡର କିମ୍ବା ଟାବଲେଟ୍ ଆକାରରେ ଉପଲବ୍ଧ ଫଳର ଏକ ସୂକ୍ଷ୍ମ ପାଉଡର। ଶୁଖିଲା ଗୋଖରା ଫଳ କିମ୍ବା ପାଉଡରକୁ ପାଣିରେ ଫୁଟାଇ କାଢ଼ା କରାଯାଏ। ଗୋଖରାର କିଛି ପାର୍ଶ୍ୱ ପ୍ରତିକ୍ରିୟା ରହିଛି, ଯାହା ପତଳା ଝାଡ଼ା, ପେଟ ଯନ୍ତ୍ରଣା, ବାନ୍ତି, କୋଷ୍ଠକାଠିନ୍ୟ, ଏପରିକି ଚର୍ମଫୋଟକା ଇତ୍ୟାଦି ସୃଷ୍ଟି କରିପାରେ। ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଏହା ବ୍ୟବହାର କ୍ଷତିକାରକ।

ଯୁକ୍ତରାଷ୍ଟ୍ରର କିଛି ରାଜ୍ୟରେ ଏହାକୁ ଏକ କ୍ଷତିକାରକ ଅନାବନା କ୍ଷୁପ ବା ତୃଣ ଭାବରେ ବିବେଚନା କରାଯାଏ। ଦକ୍ଷିଣ ଅଷ୍ଟ୍ରେଲିଆରେ ଏହାକୁ କାଲଟ୍ରପ୍ (ସମାନ ଆକୃତିର ଏକ କଣ୍ଟାଯୁକ୍ତ ଅସ୍ତ୍ର 'କାଲଟ୍ରପ୍' ଅଧୀନରେ ବର୍ଣ୍ଣିତ ଆକ୍ରମଣ) ଭାବରେ ଘୋଷଣା କରାଯାଇଛି। ଯେଉଁ ଅଞ୍ଚଳରେ ଏହା ଏକ ଆକ୍ରମଣାତ୍ମକ ଜାତି, ସେଠାରେ ଗୋଖରାକୁ ପ୍ରାୟତଃ ନିପାତ କରିବାକୁ ଚେଷ୍ଟା କରାଯାଏ। ଏହାର ମଜବୁତ ପ୍ରଧାନ ମୂଳ ଏବଂ ଶାଖା ମୂଳ ହେତୁ ଶୁଖିଲା ତୃଣ ମଧ୍ୟ ଶକ୍ତ ଭାବରେ ଭୂମିରେ ସ୍ଥାନିତ ଥାଏ। ଏହାର ବିହନ ମଧ୍ୟ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥାଏ। ବିହନ ଗଠନକୁ ରୋକିବା ପାଇଁ ଫୁଲ ଫୁଟିବା ପୂର୍ବରୁ କିମ୍ବା ଫୁଲ ଧରିବା ସମୟରେ ଗଛକୁ ଅପସାରଣ କରାଯିବା ଉଚିତ। ତୃଣ ଗୁଡ଼ିକ ମାଟିରୁ ବାହାରିବା ପରେ ୨, ୪-ଡାଇକ୍ଲୋରୋଫେନୋକ୍ସାଏସେଟିକ୍ ଏସିଡ୍ (୨, ୪-ଡି), ଗ୍ଲାଇଫୋସେଟ୍ ସିଞ୍ଚନ କରିବା ଫଳରେ ନିୟନ୍ତ୍ରଣ ହୁଏ। ଗୋଖରାର ଜୈବିକ ନିୟନ୍ତ୍ରଣ ପାଇଁ ଦୁଇଟି ୱିଭିଲ୍ (ଏକ ଲମ୍ବା ନାକ ସହିତ ଏକ ଛୋଟ ପୋକ, ଯାହାର ଲାର୍ଭା ସାଧାରଣତଃ ବିହନ, କାଣ୍ଡ କିମ୍ବା ଅନ୍ୟାନ୍ୟ ଉଦ୍ଭିଦ ଅଂଶ ଭିତରେ ବିକଶିତ ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହୋମି ଭାବା କ୍ୟାନ୍ସର ହସ୍ପିଟାଲ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ହୋମି ଭାବା କ୍ୟାନ୍ସର ହସ୍ପିଟାଲ୍ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଚିକିତ୍ସାଳୟ ଓ ଗବେଷଣା ସ୍ଥାପନ ନେଇ ୨୦୨୨ ମସିହାରେ ରାଜ୍ୟ ସରକାର ଏବଂ ମୁମ୍ବାଇ ଟାଟା ମେମୋରିଆଲ କ୍ୟାନ୍ସର ହସ୍ପିଟାଲ ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ପାରିପାର୍ଶ୍ୱିକ ବିକାଶ ଓ ଗମନାଗମନ ସୁବିଧା ପାଇଁ ଅଧିକ ଜମିର ଆବଶ୍ୟକତା ରହିଛି। ଏ ସଂପର୍କରେ ହସ୍ପିଟାଲ ପକ୍ଷରୁ କରାଯାଇଥିବା ଅନୁରୋଧ ସଂପର୍କରେ ବୈଠକରେ ସବିଶେଷ ଆଲୋଚନା କରାଯାଇ ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସମନ୍ୱୟରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଏହି ଚିକିତ୍ସା କେନ୍ଦ୍ରରେ ୨୯୪ଟି ଶଯ୍ୟା ପାଇଁ ପ୍ରସ୍ତାବ ରହିଛି। ହସ୍ପିଟାଲ୍ ପରିସରରେ ଚାଲିଥିବା ବିଭିନ୍ନ କୋଠାର ନିର୍ମାଣ ସଂପର୍କରେ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ କାର୍ଯ୍ୟ ପାଇଁ ଆର୍ଥିକ ବ୍ୟବସ୍ଥାର ସମୀକ୍ଷା ଓ ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

ବୈଠକରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅଗ୍ନିଶମ ମହା ନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, କ୍ରୁଟ୍ର ପରିଚାଳନା ନିର୍ଦ୍ଦେଶକ ଏନ୍ ତିରୁମାଲା ନାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ସମେତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବିଭାଗୀୟ ବରିଷ୍ଠ ଅଧିକାରୀ, ମୁମ୍ବାଇ ଟାଟା ମେମୋରିଆଲ ହସ୍ପିଟାଲ କର୍କଟ ରୋଗ ବିଶେଷଜ୍ଞ ପ୍ରାଧ୍ୟାପକ ଡ. ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିନିକାରେ ମଦମୃତ୍ୟୁ!

ବିନିକା, ୧୪।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ମହାଦେବପାଳି ଫାଣ୍ଡି ତୁଲୁଣ୍ଡପାଲି ଗ୍ରାମର ଜଣେ ବ୍ୟକ୍ତି ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ, ଗ୍ରାମର ରଘୁ ଭୋଇ (୪୩)। ରବିବାର ପୁଅଜିଉନ୍ତିଆ ପାଇଁ ରଘୁ ଦୁବଘାସ ତୋଳିବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟଧରି ସେ ନ ଆସିବାରୁ ତାଙ୍କ ପରିବାରଲୋକେ ତାଙ୍କୁ ପୋଖରୀ ହୁଡାରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ବିନିକା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଷାକ୍ତ ମଦ ପିଇ ତାଙ୍କର ମୃତ୍ୟୁ ଘଟିଛି ବୋଲି ପରିବାରଲୋକେ ଅଭିଯୋଗ କରିଛନ୍ତି। ସୋମବାର ଶବ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କେଉଁ କାରଣରୁ ମୃତ୍ୟୁ ଘଟିଛି, ତାହା ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ଗ୍ରାମରେ ବେଆଇନ ଭାବରେ ମଦବିକ୍ରି ହେଉଥିବାରୁ ଆଜି ଜଣେ ବ୍ୟକ୍ତିର ଜୀବନ ଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

### ଅବଶିଷ୍ଟାଂଶ

## ବ୍ରିଟେନ ଥରହର...

ମସ୍କ ବ୍ରିଟେନ ରାଜନୀତିରେ ପ୍ରବେଶ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ପୂର୍ବତନ ବନ୍ଧୁ ବଇରୀ ପାଲଟିବା ପରେ ନୂଆ ସହଯୋଗୀ ସନ୍ଧାନରେ ଲାଗି ପଡ଼ିଛନ୍ତି। ସେ ବ୍ରିଟେନରେ ଆରମ୍ଭ ହୋଇଥିବା ବେଆଇନ ପ୍ରବାସୀ ବିରୋଧୀ ବିକ୍ଷୋଭରେ ସାମିଲ ହୋଇ ସରକାର ବଦଳାଇବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ବ୍ରିଟେନ ଦ୍ରୁତ ଗତିରେ କ୍ଷୟ ହେବାରେ ଲାଗିଛି, ତେଣୁ ସରକାର ବଦଳାଇବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ଅକ୍ଟୋବରରୁ ଓଡ଼ିଶା...

ପାଗ ଅନୁକୂଳ ରହିଛି। ଏହାସହ ଆସନ୍ତା ଅକ୍ଟୋବର ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଓଡ଼ିଶା ଛାଡ଼ିବା ନେଇ ସମ୍ଭାବନା ରହିଛି। ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ପରେ ବାତ୍ୟା ଋତୁ ଆରମ୍ଭ ହୋଇଯାଉଥିବାରୁ ଏହାକୁ ନେଇ ମଧ୍ୟ ଏବେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। କାରଣ ଚଳିତ ବର୍ଷ ଲା-ନିନା ସ୍ଥିତି ଯୋଗୁଁ ବାତ୍ୟା ସୃଷ୍ଟି ନେଇ ପାଗ ଅନୁକୂଳ ରହୁଥିବା ବେଳେ ଏବର୍ଷ ଅକ୍ଟୋବର-ନଭେମ୍ବର ମଧ୍ୟରେ ବାତ୍ୟା ସୃଷ୍ଟି ହେବାର ୭୦ ପ୍ରତିଶତରୁ ଅଧିକ ସମ୍ଭାବନା ଥିବା ଆକଳନ କରାଯାଉଛି। ଯେଉଁଥିପାଇଁ ରାଜ୍ୟବାସୀଙ୍କ ମନରେ ଚିନ୍ତା ବଢ଼ିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ଲା-ନିନା ଯୋଗୁଁ ବାତ୍ୟା ସୃଷ୍ଟି ଉପରେ ପ୍ରଭାବ ପକାଇବା କିଛି ମାତ୍ରାରେ ସତ। ଗତ ୨୪ବର୍ଷର ତଥ୍ୟରୁ ଜଣାପଡୁଛି ଯେ ଲା-ନିନା ସମୟରେ ବଙ୍ଗୋପସାଗରୀୟ ବାତ୍ୟା ସଂଖ୍ୟା ସାମାନ୍ୟ ଅଧିକ। ୨୦୦୫ରୁ ୨୦୨୪ ମଧ୍ୟରେ ହୋଇଥିବା ୫୩ଟି ବଙ୍ଗୋପସାଗରୀୟ ବାତ୍ୟା ସୃଷ୍ଟି ହୋଇଛି। ଏହି ବାତ୍ୟା ମଧ୍ୟରୁ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମଧ୍ୟରୁ କେତେକ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଦକ୍ଷିଣ ଚାଇନା ଓ ଫିଲିପାଇନ୍ସ ଅଞ୍ଚଳରେ ସୃଷ୍ଟି ବାତ୍ୟାର ଅଂଶବିଶେଷ। ଆଣ୍ଡାମାନ ସାଗର ବା ସଂଲଗ୍ନ ଅଞ୍ଚଳରେ ପହଞ୍ଚି ଘନୀଭୂତ ହୋଇଥାଏ। ଏହାବ୍ୟତୀତ ଆଇଓଡି (ଇଣ୍ଡିଆନ୍ ଓସେନ୍ ଡାଇପୋଲ୍) ଓ ଏମ୍‌ଜେଓ (ମେଡେନ୍ ଜୁଲିଅନ୍ ଓସିଲେସନ) ମଧ୍ୟ ବାତ୍ୟା ସୃଷ୍ଟିର ସୃଷ୍ଟି ଏବଂ ଶକ୍ତିଶାଳୀ କରିଥାଏ। ଆଇଓଡି ନେଗେଟିଭ୍ ରହିଲେ, ବଙ୍ଗୋପସାଗରରେ ଜଳପୃଷ୍ଠର ତାପମାତ୍ରା ଅଧିକ ଗରମ ରହିଥାଏ। ସାଧାରଣତଃ ଏଲ୍-ନିନୋ ପରେ ଏହା ହୋଇଥାଏ। ବାତ୍ୟାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହା ବଳ ଯୋଗାଇଥାଏ। ଅକ୍ଟୋବରରେ ଏହା ନେଗେଟିଭ୍ ହେବାକୁ ସମ୍ଭାବନା ଥିବାରୁ ଏହା ମଧ୍ୟ ବାତ୍ୟା ସୃଷ୍ଟିପାଇଁ ଅନୁକୂଳ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ଏମ୍‌ଜେଓ ଯେତେବେଳେ ବଙ୍ଗୋପସାଗର/ଭାରତ ମହାସାଗରରେ ସକ୍ରିୟ ରହେ, ବାତ୍ୟା ସୃଷ୍ଟି ପାଇଁ ପରିସ୍ଥିତି ଅନୁକୂଳ ହୋଇଥାଏ। ମେଘ ଗଠନ, ବାୟୁର ଊର୍ଦ୍ଧ୍ୱଗାମୀ ଗତି ଓ ଲଘୁଚାପ/ଅବପାତର ଚକ୍ରଗତି ଅଧିକ ହୋଇ ବାତ୍ୟା ସୃଷ୍ଟି ଓ ଶକ୍ତିଶାଳୀ ହେବା ପାଇଁ ଅନୁକୂଳ ହୋଇଥାଏ।

ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ଓ କେତେବେଳେ ପ୍ରତ୍ୟାବର୍ତ୍ତନ ସମୟରେ ବାତ୍ୟା ହୋଇଥାଏ। ମୌସୁମୀ ସମୟରେ ହୋଇ ନ ଥାଏ। କାରଣ ଊର୍ଦ୍ଧ୍ୱଗାମୀ ବାୟୁର ଗତିର ବେଗ ଘର୍ଷଣ ଯୋଗୁଁ କମ୍ ହୋଇଥାଏ। ଏହାସହ ମୌସୁମୀ ବାୟୁ ପ୍ରବାହ ହେତୁ ବାୟୁମଣ୍ଡଳ ଅସ୍ଥିର ହୋଇଥାଏ। ଯାହାକି ବାତ୍ୟା ପାଇଁ ଅନୁକୂଳ ହୋଇ ନ ଥାଏ। ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ସମୟରେ ମୌସୁମୀ ଟ୍ରଫ୍ ବଙ୍ଗୋପସାଗରକୁ ଲମ୍ବିଥିଲେ, ଏହା ବାତ୍ୟା ପାଇଁ ଅନୁକୂଳ ହୋଇଥାଏ। ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ଆହୁରି ପ୍ରାୟ ମାସେ ସମୟ ଅଛି। ମାତ୍ର ବଙ୍ଗୋପସାଗର ଓ ବାତ୍ୟାକୁ ପ୍ରଭାବିତ କରୁଥିବା କାରକଗୁଡ଼ିକୁ ଦେଖିଲେ, ଅକ୍ଟୋବର-ନଭେମ୍ବର ମଧ୍ୟରେ ବଙ୍ଗୋପସାଗରରେ ବାତ୍ୟା ହେବାର ୭୦ ପ୍ରତିଶତରୁ ଅଧିକ ରହିଛି ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ମାତ୍ର, ସେପ୍ଟେମ୍ବର ଶେଷ ବେଳକୁ ଏନେଇ କରାଯାଉଥିବା ଆକଳନରେ ଅଧିକ ସ୍ପଷ୍ଟତା ଆସିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ, ରାଜ୍ୟରେ ଜାରି ରହିଥିବା ବର୍ଷାର ପ୍ରଭାବ ଧୀରେଧୀରେ ହ୍ରାସ ପାଇବ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶାଠାରୁ ଦୂରକୁ ଯିବା ସହ ରାଜ୍ୟ ଉପରେ ଏହାର ପ୍ରଭାବ କମିବ। ମାତ୍ର ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

## ପୁଲିସ-ତହସିଲ-ଖଣି...

ଏପରି ଅପରାଧ ଦେଶଦ୍ରୋହ ସହ ସମାନ ଓ ଏଥିପାଇଁ ସରକାର ବିପୁଳ ରାଜସ୍ୱ ହରାଉଥିବାରୁ ସଂପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ ସେ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଭୋଗରାଇ ସୁବର୍ଣ୍ଣରେଖା ନଦୀପଠାରୁ ବାଲି ଚୋରି କେବଳ ଏକ ଉଦାହରଣ ମାତ୍ର। ନିଜେ ସାଂସଦ ତାହା ଦେଖିବା ପରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର କେବଳ ବାଲେଶ୍ୱର ନୁହେଁ, ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବାଲିଚୋରି ବେଧଡ଼କ ଭାବରେ ଚାଲିଛି ଓ ସରକାର ଏଥିପାଇଁ ବିପୁଳ ରାଜସ୍ୱ ହରାଉଛନ୍ତି। ଅନେକ ସ୍ଥାନରେ ପୁଲିସ ସ୍ଥାନୀୟ କୁଜି ନେତାମାନଙ୍କ କଲେକ୍ସନ ଏଜେଣ୍ଟ ପାଲଟିଥିବା ଅଭିଯୋଗ ହୋଇଛି। ଗଞ୍ଜାମ, ଗଜପତି, ରାଗଡା, କଳାହାଣ୍ଡି, କୋରାପୁଟ, କଟକ, ଖୋର୍ଦ୍ଧା, ସୁନ୍ଦରଗଡ, ନୟାଗଡ, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ ପରି ଜିଲ୍ଲାଗୁଡ଼ିକରେ ବାଲି ଚୋରି ସ୍ଥିତି ଅଣାୟତ୍ତ। ଫଳରେ ବାଲି, ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ସରକାରୀ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟିକୁ ହ୍ରାସ ପାଇଥିବା ଜଣାପଡ଼ିଛି।

ଗତ ମାର୍ଚ୍ଚ ମାସରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ବାଲି, ପଥର ଚୋରା ଚାଲାଣ ବିରୋଧରେ ଚଢ଼ଉ ଜୋରଦାର କରିବାକୁ ନିର୍ଦ୍ଦେଶ ନେଇଥିଲେ। ସେହିପରି ପ୍ରତ୍ୟେକ ଜିଲ୍ଲାକୁ ସେମାନଙ୍କ ବର୍ତ୍ତମାନର ଉତ୍ସର ୧୫୦ ଗୁଣ ନୂଆ ଉତ୍ସ ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ରାଜ୍ୟବ୍ୟାପୀ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଜିଲ୍ଲାପାଳ, ଏସପିମାନେ ଯେ ମୁଖ୍ୟ ସଚିବଙ୍କ ପରାମର୍ଶକୁ ସଠିକ୍ ଭାବେ ଅନୁପାଳନ କରୁନାହାନ୍ତି, ତାହା ଜଳଜଳ ଦିଶୁଛି। ତେଣୁ ତୁରନ୍ତ ରାଜ୍ୟ ସରକାର ଏନେଇ ନିଜର ଆଭିମୁଖ୍ୟକୁ କଡ଼ାକଡ଼ି କରିବା ଆବଶ୍ୟକ। ବାଲି, ପଥର ଚୋରାଚାଲାଣକୁ ସରକାର ରୋକିବା ଆବଶ୍ୟକ ବୋଲି ବୁଦ୍ଧିଜୀବି ମହଲରେ ଦାବି ହେଉଛି। ସାଂସଦ ଶ୍ରୀ ଷଡ଼ଙ୍ଗୀ କେବଳ ବାଲେଶ୍ୱରକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ମାତ୍ର ଅନ୍ୟାନ୍ୟ ଏହା କେବଳ ବାଲେଶ୍ୱରର ଚିତ୍ର ନୁହେଁ। ସମ୍ପୂର୍ଣ୍ଣ ଓଡ଼ିଶାରେ ବାଲି, ପଥର ଚୋରି ଏବେ ସାଂଘାତିକ ସ୍ଥିତିରେ ପହଞ୍ଚିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଭଗବାନଙ୍କ ଭରସାରେ...

କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ସାଢେ ୩ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୧କୋଟି ୭୫ଲକ୍ଷ ଟଙ୍କାର ଦେଇଛନ୍ତି। ଏହାବ୍ୟତୀତ ଏହି ଥାନାଗୁଡ଼ିକ ପାଇଁ ୩୬ଟି ଦୁଇ ଚକିଆ, ୧୮ ଟି ଚାରିଚକିଆ ଓ ୧୫ଟି ଛୋଟ ଏବଂ ବଡ ବୋଟ୍, ନାଇଟ୍ ଭିଜନ ଡିଭାଇସ୍, ଡିଜିଟାଲ କ୍ୟାମେରା, ଏଲ୍‌ଇଡି ସର୍ଚ୍ଚ ଲାଇଟ୍ ସହିତ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ସାଜ ସରଞ୍ଜାମ ପ୍ରଦାନ କରିଛନ୍ତି। ମାତ୍ର ଏହି ଥାନାଗୁଡ଼ିକର କର୍ମଚାରୀ ସ୍ଥିତି ଦେଖିଲେ ମିଳିଥିବା ଗାଡ଼ି ଚଳାଇବାକୁ ଲୋକ ନାହାନ୍ତି। ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ୧୮ଟି ଇନ୍ସପେକ୍ଟର ପଦବୀ ମଧ୍ୟରୁ ୩ଟି ଖାଲି ପଡିଥିବାବେଳେ ୫୪ ସବଇନ୍ସପେକ୍ଟରଙ୍କ ସ୍ଥାନରେ କାର୍ଯ୍ୟ କରୁଥିଲେ ମାତ୍ର ୯। ଅନୁରୂପ ଭାବରେ ୫୪ ଏଏସ୍‌ଆଇ ପଦବୀରୁ ୨୬ ଓ ୧୪୪ ହାବିଲଦାର ପଦରୁ ମାତ୍ର ୧୬ଟି ପୂରଣ ହୋଇ ପାରିଥିଲା। ୧୮ ଟି ଥାନା ପାଇଁ ୪୩୨ କନଷ୍ଟେବଲ ପଦ ଥିବାବେଳେ ଏଠି ମାତ୍ର କାର୍ଯ୍ୟ କରୁଛନ୍ତି ୧୧୩। ସେହିପରି ୩୬ ଡ୍ରାଇଭର ପଦରୁ ନିଯୁକ୍ତି ପାଇଛନ୍ତି ମାତ୍ର ୫। ବୈଷୟିକ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ଅନୁରୂପ। ୨୮୦ କର୍ମଚାରୀଙ୍କ ସ୍ଥାନରେ କାର୍ଯ୍ୟ କରୁଛନ୍ତି ୯୦ ଜଣ। ଏହି ପରିପ୍ରେକ୍ଷୀରେ କର୍ମଚାରୀ ସଙ୍କଟ ଯୋଗୁଁ ଥାନାଗୁଡିକ ଏକ ପ୍ରକାର ପଙ୍ଗୁ ପାଲଟି ଯାଇଛି ଏବଂ ଉପକୂଳରେ ପଇଁତରା ମାରିବା ତ ଦୂରରକଥା ଥାନା ଆଖପାଖକୁ ସୁରକ୍ଷିତ ରଖିବା ଆହ୍ୱାନ ପାଲଟିଛି।

ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୂର ଓ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ହେବା ପରେ ଉପକୂଳ ସୁରକ୍ଷା ଉପରେ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଯେଉଁଥିପାଇଁ ରାଜ୍ୟରେ ବାଂଲା ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାତ୍ର ରାଜ୍ୟ ପୁଲିସ ସମ୍ଭବତଃ ଏପରି ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱ ଦେଉ ନାହିଁ। ଉପକୂଳ ସୁରକ୍ଷା ପାଇଁ ଆସିଥିବା ଡ୍ରୋନ୍‌କୁ ମାଓବାଦୀଙ୍କ ଠାବ ନିମନ୍ତେ ନିୟୋଜନ କରାଯାଇଛି। ଫଳରେ ବାଂଲାଦେଶୀ ଅପରାଧୀମାନେ ଏଠାରେ ଅପରାଧ ଘଟାଇ ପୁଣି ଜଳପଥ ଦେଇ ନିଜ ଦେଶକୁ ଫେରିଯାଉଛନ୍ତି। ତେଣୁ ଉପକୂଳ ସୁରକ୍ଷା ନିହାତି ଆବଶ୍ୟକ ହେଉଥିବା ବେଳେ ଓଡ଼ିଶା ପୁଲିସ ଭଗବାନଙ୍କ ଉପରେ ଛାଡ଼ି ଦେଇଥିବା ଅନେକ ଅଭିଯୋଗ କରିଛନ୍ତି।

### ୩୧ତମ ପୁଣ୍ୟ ତିଥି ଅବସରରେ


# ଚିର ନମସ୍ୟ- ଧନେଶ୍ୱର ରଥ

ଡାକ୍ତର ରବି ରଂଜନ ସାହୁ

ସ୍ୱର୍ଗୀୟ ଧନେଶ୍ୱର ରଥ ଆମର ଚିର ନମସ୍ୟ। କଟକ ଜିଲ୍ଲା ଟାଙ୍ଗି ବ୍ଲକର କଏରାପାରି ଏକ ଅଜଣା ଅଶୁଣା ଗ୍ରାମରେ ସେ ୧୯୧୬ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଥିଲେ କପିଳ ରଥ ଓ ମାତା ସାଧବୀ ଦେବୀ। ପିଲାଦିନୁ ସେ ପରିବାରରୁ ସଂସ୍କାର ଲାଭ କଲେ। କପିଳଙ୍କ ପରିବାରର ଶେଷ ସନ୍ତାନ ହୋଇଥିବାରୁ ବାପା ମାଆ ତଥା ବଡ଼ ଭାଇ ଭଉଣୀମାନଙ୍କ ସ୍ନେହ ଶ୍ରଦ୍ଧା ତାଙ୍କ ଉପରେ ଅଜାଡ଼ି ହୋଇ ପଡୁଥିଲା। ସମସ୍ତଙ୍କର ଆଶା ଓ ଭରଷାକୁ ନେଇ ଧନେଶ୍ୱର ବାଲ୍ୟ ଜୀବନ ଆରମ୍ଭ କଲେ। ଅଧ୍ୟୟନ ଓ ଅଧ୍ୟବସାୟ ବଳରେ ଧନେଶ୍ୱର ଜୀବନର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରିଥିଲେ। ଜୀବନ ଧାରଣ ପାଇଁ, ଜୀବନ ପଥରେ ଅଗ୍ରସର ହେବା ପାଇଁ ସେ ପିଲାଦିନୁ ବହୁ କଷ୍ଟ ସ୍ୱୀକାର କରିଥିଲେ। ମାତ୍ର ଜୀବନର ଲକ୍ଷ୍ୟ ଭୁଲି ନଥିଲେ।

୧୯୩୮ ମସିହାରେ ଧନେଶ୍ୱର ରଥ କଟକ ଖ୍ରୀଷ୍ଟ କଲିଜିଏଟ ସ୍କୁଲରୁ ମାଟ୍ରିକ୍ ପାସ କଲେ ଏବଂ ଟାଇପ୍ ରାଇଟିଂ ଶିକ୍ଷା ଲାଭ କରି ଅବକାରୀ କମିଶନଙ୍କ ଅଫିସ୍‌ରେ ଜଣେ ଟାଇପିଷ୍ଟ ଭାବେ ଚାକିରୀ ଜୀବନ ଆରମ୍ଭ କଲେ। ଅଧିକ ପାଠ ପଢ଼ିବା ପାଇଁ ଓ ବଡ଼ ଅଧିକାରୀ ହେବା ପାଇଁ ତାଙ୍କର ଇଚ୍ଛା ଥିଲା। ମାତ୍ର ତାଙ୍କ ଗ୍ରାମ ନିକଟରେ କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନ ନଥିବାରୁ ସେ ଉଚ୍ଚଶିକ୍ଷା ହାସଲ କରିପାରି ନଥିଲେ। ସେହିପରି ପରିବାରର ଆର୍ଥିକ ସମସ୍ୟା ମଧ୍ୟ ତାଙ୍କ ପାଇଁ ବାଧା ସୃଷ୍ଟି କରିଥିଲା। ସେ ସେକ୍ସନ ଅଫିସର ଭାବେ ସରକାରୀ କାମରୁ ଅବସର ନେଇଥିଲେ। ତା'ପରେ ଶିକ୍ଷକତା ଆରମ୍ଭ କରି ଗ୍ରାମାଞ୍ଚଳରେ ଶିକ୍ଷା ସମସ୍ୟାର ସମାଧାନ ପାଇଁ ସେ ଟାଙ୍ଗୀରେ ହାଇସ୍କୁଲ ପ୍ରତିଷ୍ଠା କରି ତା'ର ଉନ୍ନତି ପାଇଁ ଆପଣାକୁ ନିୟୋଜିତ କରିଥିଲେ।

ଧନେଶ୍ୱର ରଥ ଜଣେ କର୍ମଯୋଗୀ ଭାବେ ପରିଚିତ। ଆଧ୍ୟାତ୍ମିକ ଦୃଷ୍ଟି ତାଙ୍କୁ ସେବକ ହେବାକୁ ପ୍ରେରିତ କରିଥିଲା। ଉଭୟ ସଂସ୍କୃତ ଓ ଇଂରାଜୀ ଭାଷାରେ ବିଦ୍ୱାନ ଥିଲେ ଧନେଶ୍ୱର ରଥ। ପିଲାଦିନରୁ ଦେଶପ୍ରେମ ସାହିତ୍ୟ ପଢ଼ିବାର ସୁଯୋଗ ପାଇଥିଲେ। ବିଶେଷ କରି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ କଥା, ତାଙ୍କ ନୀତି ଓ ଆଦର୍ଶ ତାଙ୍କୁ ଦେଶସେବା ପାଇଁ ଉତ୍ସାହିତ କରିଥିଲା। ଗାନ୍ଧିଜୀ କହୁଥିଲେ ଭାରତର ଆତ୍ମା ଗାଁରେ ରହିଛି। ଗାନ୍ଧିଜୀଙ୍କର ଏହି ବାର୍ତ୍ତା ଧନେଶ୍ୱରଙ୍କୁ ପ୍ରଭାବିତ କରିଥିଲା ଓ ସେ ଗାଁର ଉନ୍ନତି ସହିତ ଦେଶର ବିକାଶ ସମ୍ଭବ ବୋଲି ଭାବିଥିଲେ। ଏହି କାରଣରୁ ସେ ଗ୍ରାମାଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ଜଣେ ଶିକ୍ଷକ ଭାବରେ ଶିକ୍ଷାର ବିକାଶ ଓ ତାହା ଯେପରି ସମସ୍ତଙ୍କ ପାଖରେ ପହଞ୍ଚି ପାରିବ, ଅର୍ଥାତ୍ ତାଙ୍କ ଗାଁ ବା ଦେଶରେ କେହି ଅଶିକ୍ଷିତ ରହିବେ ନାହିଁ, ଏଥିପାଇଁ ଧନେଶ୍ୱର ରଥ ଆଜୀବନ ଉଦ୍ୟମ କଲେ। ତାହାହିଁ ଥିଲା ଜଣେ ଶିକ୍ଷକର କର୍ମ ଓ ଧର୍ମ। ଜଣେ କର୍ମଯୋଗୀ ସେବକ ଯେପରି ଆପଣା କର୍ମ ମାଧ୍ୟମରେ ଅନ୍ୟର ଓ ସମାଜ ତଥା ଦେଶର ଉପକାର କରିପାରେ ଓ ସେବା କରିପାରେ ତାହା ଧନେଶ୍ୱର ରଥଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା। ମାଆଙ୍କ ପ୍ରେରଣାରୁ ଓ ପରିବାରର ସଂସ୍କାରରୁ ସେ ଆପଣା ଆଧ୍ୟାତ୍ମିକ ଦୃଷ୍ଟିକୁ ପ୍ରସାରିତ କରିଥିଲେ। ବିଭୁପ୍ରେମରେ ଲୀନ ରହି ଜଣେ ଈଶ୍ୱରଙ୍କ ସେବକ ହେବାକୁ ଉତ୍ସାହିତ ହୋଇଥିଲେ। ଆଧ୍ୟାତ୍ମିକତାର ଜ୍ଞାନ ତାଙ୍କୁ ଶ୍ରୀମଦ୍ ଭଗବତ ଗୀତାରୁ ମିଳୁଥିଲା। ସେ ବୁଝିଥିଲେ ଯେ ଗୀତା ମଣିଷ ଜୀବନର ମାର୍ଗଦର୍ଶିକା। ଗୀତା ମାନବ ଜୀବନକୁ ପରିମାର୍ଜିତ, ଶୃଙ୍ଖଳିତ ଓ ପରମ ଶକ୍ତିର ସନ୍ଧାନରେ ଆଗେଇ ନେବା ଦିଗରେ ଏକ ପଥ ପ୍ରଦର୍ଶକ ଭାବେ କାମ କରିଥାଏ। ସେ ଶ୍ରୀମଦ୍ ଭଗବତ ଗୀତାର ବାଣୀକୁ ଗ୍ରହଣ କରି ତା'ର ମାର୍ଗଦର୍ଶନକୁ ଆପଣାଇ ତାଙ୍କ ଜୀବନକୁ ଏକ ସାର୍ଥକ ଜୀବନରେ ପରିଣତ କରିଯାଇଛନ୍ତି।



ସେବା ଧର୍ମରେ ସେ ଦୀକ୍ଷିତ ହୋଇଥିଲେ। ସମାଜର ବିକାଶ, ତଳେ ପଡ଼ିଥିବା ମଣିଷର ଉନ୍ନତି ଥିଲା ତାଙ୍କର ଲକ୍ଷ୍ୟ। ସେହି ନମସ୍ୟ ପୁରୁଷ ଯାହାଙ୍କ ତ୍ୟାଗ ଓ ସେବା ବଳରେ, ଶ୍ରଦ୍ଧା ଓ ପୁଣ୍ୟ କାରଣରୁ ଓଡ଼ିଶା ପରି ଏକ ଦରିଦ୍ର୍ୟ ରାଜ୍ୟରେ ବୈଷୟିକ ଶିକ୍ଷାର ଉନ୍ନତି ହୋଇଛି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ସମ୍ଭବ ହୋଇପାରିଛି। ଓଡ଼ିଶାରେ ଅନେକ ମହାପୁରୁଷ ଶିକ୍ଷାରେ ସଂସ୍କାର କରିଛନ୍ତି। ସେମାନଙ୍କ ମଧ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପୁଣ୍ୟଶ୍ଳୋକ ଗୋପବନ୍ଧୁ ଚୌଧୁରୀ ଅନ୍ୟତମ। ସେହିପରି ଧନେଶ୍ୱର ରଥ ମଧ୍ୟ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସ୍ୱପ୍ନ ଦେଖିଥିଲେ, ଯେଉଁ କାରଣରୁ ତାଙ୍କର ସୁଯୋଗ୍ୟ ସନ୍ତାନମାନେ ପ୍ରତିଷ୍ଠା କରିଛନ୍ତି ଉନ୍ନତ ବୈଷୟିକ ଶିକ୍ଷାନୁଷ୍ଠାନ। ପିତାଙ୍କ ନାମରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ 'ଡ୍ରିମ୍ସ' ରାଜ୍ୟର ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ସେହିପରି ଆମ ରାଜ୍ୟର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଦିନ ଧନେଶ୍ୱର ରଥ ସ୍ୱପ୍ନ ଦେଖିଥିଲେ। ତାଙ୍କର ସେହି ସ୍ୱପ୍ନକୁ ସାକାର କରାଯାଇଛି ଓ ଗଢ଼ିଉଠିଛି ଏକ ଜନ୍ମିତ ଡାକ୍ତରଖାନା "ପଦ୍ମିନୀ କେୟାର ହସ୍‌ପିଟାଲ"। ଡ୍ରିମ୍ସ ଓ ପଦ୍ମିନୀ କେୟାର ହସ୍‌ପିଟାଲ ଏହି ଦୁଇଟି ଅନୁଷ୍ଠାନମାନ ସେବାରେ ସମର୍ପିତ। ଜୀବନରେ ଶିକ୍ଷା ଓ ସ୍ୱାସ୍ଥ୍ୟ ହିଁ ପ୍ରକୃତ ଧନ। ଏହା ଧନେଶ୍ୱର ରଥ ବୁଝିଥିଲେ ଓ ତାଙ୍କ ସନ୍ତାନମାନେ ମଧ୍ୟ ଏହାକୁ ଠିକ୍ ଭାବରେ ହୃଦୟଙ୍ଗମ କରି ସେହି କାମରେ ଲାଗିଛନ୍ତି। ସେମାନଙ୍କ ପ୍ରୟାସରୁ ଧନେଶ୍ୱର ରଥଙ୍କର ଆଶା ପୂରଣ ହୋଇପାରିଛି।

ଏପରି ଜଣେ ସେବକ, କର୍ମଯୋଗୀଙ୍କର ପରଲୋକ ୧୯୯୪ ମସିହାରେ ହେଲା। ତାଙ୍କ କର୍ମମୟ ଜୀବନର ଯାତ୍ରା ଶେଷ ହୋଇଯାଇଥିଲେ ମଧ୍ୟ ସେହି କର୍ମର ପ୍ରେରଣା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିଅଛି ଓ ଧନେଶ୍ୱରଙ୍କ କର୍ମଯୋଗ ଜାରି ରହିଛି। ଅନେକ ବ୍ୟକ୍ତି ଜୀବନ ଧାରଣ କରି ଭୋଗ ବିଳାସରେ ଜୀବନ ଅତିବାହିତ କରି ଶେଷରେ ଏ ଦୁନିଆରୁ ବିଦାୟ ନେଇଛନ୍ତି। ମାତ୍ର ସେମାନଙ୍କ ମଧ୍ୟରେ ଧନେଶ୍ୱର ରଥ ଏକ ବ୍ୟତିକ୍ରମ। ସେ ତାଙ୍କ ଜୀବନକୁ ଚାହିଁଥିଲେ ଭୋଗ ବିଳାସରେ ରଖିପାରିଥାନ୍ତେ, ଆପଣାକୁ ସମୃଦ୍ଧ ଓ ସମ୍ପନ୍ନ କରିପାରିଥାନ୍ତେ. ମାତ୍ର ତାଙ୍କ ସଂସ୍କାର ଓ ଶିକ୍ଷା ତାଙ୍କୁ ସେ ଦିଗରେ ବାଧା ଦେଇଛି। ସେ ଅନ୍ୟମାନଙ୍କ ପାଇଁ ଆପଣାକୁ ସମର୍ପଣ କରିଯାଇଛନ୍ତି। ସେହି ପୁଣ୍ୟସ୍ମୃତିଙ୍କୁ ସ୍ମରଣ କରିବା ଆମର କର୍ତ୍ତବ୍ୟ ଓ ତାଙ୍କ ସେବାମୟ ଚିନ୍ତା ଚେତନାକୁ ଆଗକୁ ନେବା ଆମର ଧର୍ମ।

ଚାନ୍ଦିନୀଚୌକ, କଟକ-୨

### ଛାତ ଭୁଶୁଡ଼ି ଦୋକାନୀଙ୍କ ମୃତ୍ୟୁ ଘଟଣା

## ସିଲ୍ ହେଲା ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସ

■ ଚିନ୍ତାରେ ବ୍ୟବସାୟୀ
■ ଅସୁରକ୍ଷିତ ଷ୍ଟଲ୍ ଯାଞ୍ଚ ପାଇଁ କମିଟି ଗଠିତ

କୋରାପୁଟ,୧୪।୯ (ସମିସ): ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଥିବା ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଦୋକାନର ଛାତ ଭୁଶୁଡ଼ି ଶନିବାର ଜଣେ ଦୋକାନୀଙ୍କ ମୃତ୍ୟୁ ଘଟଣା ପରେ ଜିଲ୍ଲା ପ୍ରଶାସନର ଚେତା ପଶିଛି। ଏହି ଘଟଣା ପରେ ଗତକାଲି ରାତିରେ ବିଶ୍ୱାସରାୟ ମାର୍କେଟ କମ୍ପ୍ଲେକ୍ସ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଜି ସକାଳୁ କମ୍ପ୍ଲେକ୍ସ ସମ୍ମୁଖରେ ପୁଲିସ ଜଗି ରହିଥିଲା। ଦୋକାନ ସବୁ ବନ୍ଦ ରହିଥିଲା। ଆଗକୁ ଦଶହରା, କୁମାର ପୂର୍ଣ୍ଣିମା ଓ ଦୀପାବଳି ଆସୁଥିବା ବେଳେ ଦୋକାନଗୁଡ଼ିକ ଜିଲ୍ଲା ପ୍ରଶାସନ ବନ୍ଦ କରିଦେଇଥିବାରୁ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଷ୍ଟଲ ଯାଞ୍ଚ କରି ସୁରକ୍ଷିତ ଷ୍ଟଲ ଖୋଲିବାକୁ ଅନୁମତି ଦିଆଯାଉ ବୋଲି ବ୍ୟବସାୟୀମାନେ ଦାବି କରିଛନ୍ତି। ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ ଥିବା ଷ୍ଟଲଗୁଡ଼ିକ ଯାଞ୍ଚ କରିବାକୁ ଜିଲ୍ଲା ପ୍ରଶାସନ ଏବଂ କ୍ରିଟ୍ ପକ୍ଷରୁ ପୂର୍ତ୍ତ ବିଭାଗକୁ କୁହାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି। ଖୁବ୍ କମ୍ ଦିନ ମଧ୍ୟରେ ଯାଞ୍ଚ ରିପୋର୍ଟ ଆସିବ ବୋଲି ସେ ଆଶା ରଖିଛନ୍ତି। ଯେଉଁ ଷ୍ଟଲଗୁଡ଼ିକର ଅସୁରକ୍ଷିତ ରିପୋର୍ଟ ଆସିବ, ସେଗୁଡ଼ିକ ବନ୍ଦ କରାଯିବ ଏବଂ ସୁରକ୍ଷିତ ଷ୍ଟଲ୍‌କୁ ଖୋଲିବା ପାଇଁ ଅନୁମତି ଦିଆଯିବ ବୋଲି ସେ କହିଛନ୍ତି। କୋରାପୁଟ ପୌର ପରିଷଦ ଅଧୀନରେ ରହିଥିବା ଷ୍ଟଲଗୁଡ଼ିକର ଯାଞ୍ଚ ନିମନ୍ତେ ଏକ କମିଟି ଗଠନ କରାଯାଇଛି। କୋରାପୁଟ ପୌର ପରିଷଦ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ଆଜି ଜଗନ୍ନାଥ ମନ୍ଦିର ଛକ, ଡେଲି ମାର୍କେଟ୍, ଟ୍ରାଫିକ ଛକ ଏବଂ ଅମ୍ବିକା ବୁକ୍ ଷ୍ଟୋର ସମ୍ମୁଖରେ ରହିଥିବା ଷ୍ଟଲଗୁଡ଼ିକର ଯାଞ୍ଚ କରାଯାଇଛି। ଆସନ୍ତାକାଲି ବସଷ୍ଟାଣ୍ଡରେ ଥିବା ଷ୍ଟଲଗୁଡ଼ିକର ଯାଞ୍ଚ କରାଯିବା ପରେ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପୌରଯନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। କୋରାପୁଟ ପୌରପରିଷଦର ଡିଏନକେ ଏବଂ ପେଟ୍ରୋଲ ପମ୍ପ ସମ୍ମୁଖରେ ହାଉସିଂବୋର୍ଡ ଦ୍ୱାରା ବହୁ ବର୍ଷ ପୂର୍ବେ ନିର୍ମିତ ଷ୍ଟଲଗୁଡ଼ିକର ଯାଞ୍ଚ କରିବାର ଆବଶ୍ୟକତା ରହୁଥିବାରୁ ତୁରନ୍ତ ଯାଞ୍ଚ କରି ରିପୋର୍ଟ ପ୍ରଦାନ ପାଇଁ ଜନସାଧାରଣଙ୍କୁ ସୂଚିତ କରିବାକୁ ଦାବି ହେଉଛି।

### ଓଏଚ୍‌ଆର୍‌ସିଙ୍କ ତାଗିଦ ପରେ ବିଭାଗ ତତ୍ପର

## ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯ (ସମିସ): ମାନବାଧିକାର କମିଶନ୍‌ଙ୍କ ନୋଟିସ୍ ପରେ ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ବେଆଇନ ଏବଂ ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ତରଫରୁ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପିଟିସନ ହୋଇଥିଲା। ଯାହାର ଶୁଣାଣି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ନୋଟିସ୍ ଜାରି କରିଥିଲେ। ଏହାକୁ ଭିତ୍ତି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ଚାଲୁଥିବା ଅଣସ୍ୱୀକୃତିପ୍ରାପ୍ତ ସ୍କୁଲ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେପ୍ଟେମ୍ବର ୧୫ ତାରିଖ ଭିତରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଓଡ଼ିଶା ଶିକ୍ଷା ଆଇନ୍ ଏବଂ ଶିକ୍ଷା ଅଧିକାର ଆଇନ୍-୨୦୦୯ ନୀୟମାବଳିକୁ ଉଲ୍ଲଂଘନ କରି ପ୍ରାୟ ୧୫୦୦ରୁ ଉଦ୍ଧ୍ୱର୍ ଅଣସ୍ୱୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟ ଚାଲୁଛି। ଫଳରେ ସେଠାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନିରାପତ୍ତା, ସୁରକ୍ଷା ଏବଂ ଭବିଷ୍ୟତ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି। ଏହିସବୁ ବିଦ୍ୟାଳୟଠାରୁ ଲକ୍ଷାଧିକ ଟଙ୍କା ଜୋରିମାନା ଆଦାୟ କରିବା ପାଇଁ ମଧ୍ୟ ଆଇନରେ ବ୍ୟବସ୍ଥା ଅଛି। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ୨୦୧୮ ମସିହାରୁ କ୍ରମାଗତ ଭାବରେ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ଚିଠି ମାଧ୍ୟମରେ ଏହି ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରାଯିବା ସତ୍ତ୍ୱେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା। ବରଂ ଜିଲ୍ଲା ଶିକ୍ଷାଧିକାରୀମାନଙ୍କ ପୃଷ୍ଠପୋଷକତାରେ ଏହି ସ୍କୁଲ୍ ସବୁ ଚାଲୁଥିଲା। ଏ ସମ୍ବନ୍ଧରେ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ତରଫରୁ ନିର୍ଦ୍ଦେଶକ ଏବଂ ଶିକ୍ଷା ସଚିବଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ତରଫରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିଲା। ଫଳରେ ବାଧ୍ୟ ହୋଇ ସଭାପତି ପଟ୍ଟନାୟକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଯାହାର ପ୍ରାଥମିକ ଶୁଣାଣି କରି ଅଗଷ୍ଟ ୧ ତାରିଖରେ ନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରି ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ପକ୍ଷ ରଖିବାକୁ ନୋଟିସ୍ ଜାରି କରିଥିଲେ।

## ଛାତ୍ରୀନିବାସରେ ଝାଡ଼ାବାନ୍ତି; ୨୪ ଆକ୍ରାନ୍ତ



ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି

ଜୟପୁର/କୁନ୍ଦୁରା,୧୪।୯ (ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍‌ର ଭେଜାହାଣ୍ଡି ୟୁପିଏସ୍ ନୋଡାଲ ବିଦ୍ୟାଳୟ ଛାତ୍ରୀନିବାସରେ ବ୍ୟାପୁଛି ଝାଡ଼ାବାନ୍ତି। ଆଜି ୧୩ ଛାତ୍ରୀଙ୍କୁ ମିଶାଇ ଗତ ୩ ଦିନ ମଧ୍ୟରେ ୨୪ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ଗୁରୁତର ଛାତ୍ରୀମାନଙ୍କୁ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଡାଇରିଆ ବ୍ୟାପିଛି, ତାହା ସ୍ପଷ୍ଟ ହୋଇନାହିଁ। ସୂଚନାନୁଯାୟୀ, ୧୦୦ ସିଟ୍ ବିଶିଷ୍ଟ ନୋଡାଲ ବିଦ୍ୟାଳୟର ଛାତ୍ରୀନିବାସରେ ଚତୁର୍ଥ ଶ୍ରେଣୀରୁ ୧୦ମ ଶ୍ରେଣୀର ଛାତ୍ରୀମାନେ ରହୁଛନ୍ତି। ୩ ଦିନ ତଳେ ପ୍ରଥମେ ୯ ଜଣ ଛାତ୍ରୀ ଡାଇରିଆରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରୁ ୬ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୩ଜଣଙ୍କୁ ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି, ଗତକାଲି ଆଉ ୪ ଛାତ୍ରୀ ଆକ୍ରାନ୍ତ ହେବାରୁ ସେମାନଙ୍କୁ ହଷ୍ଟେଲରେ ଔଷଧ ଦେଇ ଚିକିତ୍ସା କରାଯାଇଥିଲା। ତେବେ ଆଜି ପୁଣି ୧୩ଜଣ ଆକ୍ରାନ୍ତ ହୋଇଛନ୍ତି।

**AFFIDAVIT**

I VAISYARAJU SWAPNA, W/o- VAISYARAJU RAJESH, resident of Mill Sahi, Santoshi Nagar, Po./Ps.- Borigumma, Dist.- Koraput- 764056, Odisha declare by this Affidavit No. 3676, Dated 08/09/2025, that now onwards I shall be known as **VYSYARAJU SWAPNA** for all future purpose.

**AFFIDAVIT**

By virtue of an affidavit of sworn before the notary, Baripada, Mayurbhanj, dated 13.09.2025, I Sujit kumar Sahoo, Adress At - Baghra Road, Ward no 19, Po - Baripada, Ps- Baripada, Dist - Mayurbhanj, State - Odisha, Pin - 757001 declare that I have changed my name from Sujit Kumar Sahu to Sujit Kumar Sahoo. Henceforth, I shall be known as Sujit Kumar Sahoo for all purposes.

SUJIT KUMAR SAHOO

बैंक ऑफ महाराष्ट्र
Bank of Maharashtra
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯,
ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ଚୁକ୍ତିବଦ୍ଧ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ସହ-ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଟିଟିଲାଗଡ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଲିଳାମୟ ସାହୁ, ପିତା: ଶ୍ରୀ କେଶରୀ ସାହୁ, ୨) ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: ଶ୍ରୀ କେଶରୀ ସାହୁ, ଉଭୟଙ୍କ ଠିକଣା- ଗ୍ରା.: କୁରୁସୁଡ, ପୋ.: କୁରୁସୁଡ, ସିନ୍ଧେକେଲା, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ | ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: କେଶରୀ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା ଗ୍ରାମ: | ୧୦.୦୬.୨୦୨୫ ସୁଦ୍ଧା ଟ.୧୪,୯୬,୦୪୧.୬୮ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୦.୦୬.୨୦୨୫ / ୦୯.୦୯.୨୦୨୫ |

କୁରୁସୁଡ, ତହସିଲ: ଟିଟିଲାଗଡ, ଥାନା: ସିନ୍ଧେକେଲା, ଥାନା ନଂ.: ୪୫, ପୋ.: କୁରୁସୁଡ, ସିଟିଏସ୍/ସର୍ଭେ ନଂ. /ଏଚ୍‌ଏନ୍ ନଂ.: ୨୭୫/୩୮୩, ପ୍ଲଟ୍ ନଂ.: ୯୮୬/୨୧୨୬, ପରିମିତ କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରି ଏକ, ଏହାର ଚଉପାର୍ଶ୍ୱରେ- ପୂର୍ବ: ଭୋଳାନାଥ ସାହୁଙ୍କ ଜମି, ପଶ୍ଚିମ: ଚେଲୁ ସାହୁଙ୍କ ଜମି, ଉତ୍ତର: କେଶରୀ ସାହୁଙ୍କ ଜମି, ଦକ୍ଷିଣ: ରାସ୍ତା, ସହିତ ପରିମିତ କ୍ଷେତ୍ର: ଏକର୦.୦୮୦ଡିସିମିଲିରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ (ସାଙ୍କେତିକ ଦଖଲ)।

ତାରିଖ: ୧୪.୦୯.୨୦୨୫, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର





# ତୋରଣରେ ଶୋଭା ପାଇବ ସୋମନାଥ ମନ୍ଦିର






## ଭକ୍ତଙ୍କ ମାନସିକ ପାଇଁ ଜଳିବ ୧୦୮ ଅଖଣ୍ଡ ଦୀପ

ଭୁବନେଶ୍ୱର,୧୪।୯ (ସମିସ)

ପାଖେଇ ଆସୁଛି ମା'ଙ୍କ ଆବାହନର ଦିନ। ସେପଟେ ନଈ ପଠାରେ କାଶତଣ୍ଡୀ ମା'ଙ୍କ ଆସିବାର ସୂଚନା ଦେଲାଣି। ଚଳଚଞ୍ଚଳ ହେଲାଣି ସମସ୍ତ ପୂଜା ମଣ୍ଡପ। ଚଳିତ ବର୍ଷ ଗଙ୍ଗନଗର ଯୁବ ପରିଷଦ ପକ୍ଷରୁ ଗୁଜୁରାଟର ସୋମନାଥ ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯାଇଛି। ସମିତି ପକ୍ଷରୁ ୩୫ ବର୍ଷ ହେବ ମା' ଦୁର୍ଗତିନାଶିନୀଙ୍କ ପୂଜା କରାଯାଉଛି। ପ୍ରତିବର୍ଷ ପରି ଏଥର ମଧ୍ୟ ସୁଉଚ୍ଚ ଓ ଆକର୍ଷଣୀୟ ତୋରଣରେ ମା' ବିରାଜିବେ ବୋଲି କମିଟି ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଉଛି। ତୋରଣର ଉଚ୍ଚତା ପ୍ରାୟ ୮୦ ଫୁଟ୍ ଏବଂ ଚଉଡ଼ା ୭୦ ଫୁଟ୍ ରହିବ। ଏଥିପାଇଁ କୋଲକାତାରୁ ୨୦ ଜଣ କାରିଗର ନିୟୋଜିତ ଅଛନ୍ତି। ସେହିଭଳି ୧୫ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଗଢ଼ିବାରେ ଲିଙ୍ଗରାଜ ଶିଳ୍ପଗଣ୍ଡର ୬ ଜଣ କାରିଗର ଲାଗିପଡ଼ିଛନ୍ତି। ପୂଜା ପାଇଁ ମୋଟ ୨୦ ଲକ୍ଷ ଟଙ୍କା ବଜେଟ୍ ଆକଳନ କରାଯାଇଛି। ଷଷ୍ଠୀରେ ବେଲ୍ୱବରଣୀ ହୋଇ ସପ୍ତମୀରେ ପୂଜା ଆରମ୍ଭ ହେବ। ଦୁଇ ଦିନ ଧରି ଭଜନ ସମାରୋହ ଏବଂ ଦୁଇ ଦିନ ରେକର୍ଡ ଡ୍ୟାନ୍ସ ଅନୁଷ୍ଠିତ ହେବ। ମା'ଙ୍କ ନିକଟରେ ଅଷ୍ଟମୀ ଦିନ ଖିରୀ ଓ କାକରା ଭୋଗ ଲାଗିବ, ନବମୀରେ ଲଡୁ ଏବଂ ଦଶହରା ଦିନ ଦହିପଖାଳ ହୋଇ ଭକ୍ତଙ୍କ ମଧ୍ୟରେ ବଣ୍ଟାଯିବ। ନୟାପଲ୍ଲୀ ଭସାଣି ଉତ୍ସବରେ ଅନ୍ୟ ମେଢ଼ ସହ ଏହି ମେଢ଼ ମଧ୍ୟ ସାମିଲ ହୋଇ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଭସାଣି ଯାତ୍ରା କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

### ମତାମତ



ମଣ୍ଡପରେ ପଲିଥିନ୍ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରାଯାଇଛି। ସେହିଭଳି ପ୍ରଥମଥର ପାଇଁ ଭକ୍ତଙ୍କ ଉଦେଶ୍ୟରେ ମାନସିକ ପୂରଣ ପାଇଁ ମା'ଙ୍କ ନିକଟରେ ତିନି ଦିନ ୧୦୮ ଅଖଣ୍ଡ ଦୀପ ଲଗାଯିବ। ପୂଜା ସହ ୫ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନ କରିବ। ସପ୍ତମୀ ଓ ଅଷ୍ଟମୀରେ ରେକର୍ଡ ଡ୍ୟାନ୍ସ ଏବଂ ନବମୀ ଓ ଦଶମୀରେ ଭଜନ ପରିବେଷଣ ହେବ। ସେହିଭଳି ଭସାଣିରେ ପାରମ୍ପରିକ ବାଦ୍ୟର ବନ୍ଦୋବସ୍ତ କରାଯାଇଛି।

—କମଲ ଲୋଚନ ପାତ୍ର, ସମ୍ପାଦକ



ମା'ଙ୍କ ମୂର୍ତ୍ତିକାମ ସରିଛି, ବର୍ତ୍ତମାନ ରଙ୍ଗ କାର୍ଯ୍ୟ ହେବ। ମଣ୍ଡପରେ ଶୃଙ୍ଖଳା ଓ ସୁରକ୍ଷାକୁ ମଧ୍ୟ ସମିତି ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ୨୦ ଜଣ ସ୍ୱେଚ୍ଛାସେବୀଙ୍କ ସମେତ ୧୫ ଟି ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି। ଏହା ପୂଜା ସମିତିର ୩୬ ତମ ପୂଜା। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିଭଳି ମଣ୍ଡପର ଆଖପାଖ ଅଞ୍ଚଳକୁ ମଧ୍ୟ ଆଲୋକମାଳାରେ ସୁସଜ୍ଜିତ କରାଯିବ। ପ୍ରତିବର୍ଷ ଭଳି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆଶା କରୁଛୁ।

—ସଞ୍ଜୟ ଚୌଧୁରୀ, ସାଂସ୍କୃତିକ ସମ୍ପାଦକ

## ଜଳ ସୁରକ୍ଷା ପାଇଁ 'ସୃଷ୍ଟି ମନ୍ଥନ'

ଭୁବନେଶ୍ୱର, ୧୪।୯ (ସମିସ): ସମୟାନୁକ୍ରମେ ଜଳ ସଙ୍କଟ ଉତ୍କଟ ହେଉଛି। ଜଳସ୍ତର ଖସିବା ସହ ଭୂପୃଷ୍ଠ ଶୁଷ୍କ ହେଉଛି। ଜଳ ଜନିତ ରୋଗ ମଧ୍ୟ ବଢ଼ିବାରେ ଲାଗିଛି। ଏଣୁ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ସୁବିନିଯୋଗ କରିବାକୁ ଆସନ୍ତା ମାସ ୧୧ ଓ ୧୨ ତାରିଖରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ଜାତୀୟ ପରିବେଶ ସମ୍ମିଳନୀ "ସୃଷ୍ଟି ମନ୍ଥନ'। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଷ୍ଟୁଡେଣ୍ଟ ଫର୍ ଡେଭଲପମେଣ୍ଟ (ଏସ୍ଏଫ୍ଡି) କାର୍ଯ୍ୟକ୍ରମ ଅଧୀନରେ ଏହା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପରିବେଶ କର୍ମୀ, ଗବେଷକ, ପ୍ରଫେସର, ବୈଜ୍ଞାନିକ, ଛାତ୍ର, ଏନଜିଓ ଓ ନାଗରିକମାନେ ପରିବେଶଗତ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକତ୍ରିତ ହେବେ। ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା, ବର୍ଷାରେ ଅନିଶ୍ଚିତତା, ପ୍ରଦୂଷଣ ଆଦି ପ୍ରସଙ୍ଗରେ ଆଲୋଚନା ହେବ। ସଚେତନତା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ। ଏନେଇ ଏବିଭିପି ପକ୍ଷରୁ ରବିବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନିରେ ଏସ୍ଏଫ୍ଡି କାର୍ଯ୍ୟକ୍ରମର ସର୍ବ ଭାରତୀୟ ସଂଯୋଜିକା ପାୟଲ ରାୟ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର ଓ ରାଜ୍ୟ ସମ୍ପାଦିକା ଦିପ୍ତିମୟୀ ପ୍ରତିହାରୀ ପ୍ରମୁଖ ସୂଚନା ଦେଇଛନ୍ତି।

## ବାର୍ଷିକ ସ୍ୱାସ୍ଥ୍ୟ ସଚେତନତା ଶିବିର



ଭୁବନେଶ୍ୱର,୧୪।୯ (ସମିସ): ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଓ ଅଜିମ୍ ପ୍ରେମ୍‌ଜୀ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ରୁଚିକା ସମାଜ ମଙ୍ଗଳ ସଂଗଠନ ପରିସରରେ ବାର୍ଷିକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଶିଶୁ ରୋଗ ବିଶେଷଜ୍ଞ ଡ. ଚିତ୍ତରଞ୍ଜନ ଦାଶ ଯୋଗ ଦେଇ ଫାଷ୍ଟଫୁଡ୍ ଭଳି ଖାଦ୍ୟରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଦନ୍ତ ଚିକିତ୍ସକ ଡ. ଶିଳ୍ପା ଦେ ଉପସ୍ଥିତ ରହି ମୁଖ କର୍କଟ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କେୟାର ନେତ୍ରମ୍‌ର ଭିଜନ ଟେକ୍ନିସିଆନ ଦୀପ୍ତିମୟୀ ପୃଷ୍ଟି ଉପସ୍ଥିତ ଥିଲେ। ଏହି ଶିବିରରେ ଭୁବନେଶ୍ୱରର ୧୬ଟି ବସ୍ତି ଓ ୭ଟି ଷ୍ଟ୍ରିଟ୍ କଡ଼ରେ ରହୁଥିବା ପ୍ରାୟ ଶହେରୁ ଅଧିକ ପିଲା ଯୋଗ ଦେଇଥିଲେ। ଯାଦୁଗର ଠାକୁରାମ ବେହେରା କୌତୁକିଆ ଓ ମଜାଦାର ମ୍ୟାଜିକ୍ ଶୋ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ପ୍ରଦାନ କରି ପିଲାଙ୍କୁ ଉତ୍ସାହିତ କରିଥିଲେ। ରୁଚିକା ସମାଜ ମଙ୍ଗଳ ସଂଗଠନର ଡାଇରେକ୍ଟର ଫାଇନାନ୍ସ ହେମନ୍ତ ସାହୁ, ସଂଗଠନର କର୍ମୀ ମନୋରଞ୍ଜନ ସାହୁ, ନିରଞ୍ଜନ ମହାରଣା, ମଧୁସ୍ମିତା ଦାସ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ନାଟ୍ୟଧାରାର 'ତୋର ପାର୍ କେ ମୋର୍ ପାହା' ମଞ୍ଚସ୍ଥ

ଭୁବନେଶ୍ୱର,୧୪।୯ (ସମିସ)



ଯୁବାବସ୍ଥାରୁ ବୟସର ସାୟାହ୍ନ ଯାଏ, ଡାଲଖାଇ ନୃତ୍ୟଶିଳ୍ପୀ ରଏବାରୀ ଓ ଢୋଲ୍ ବାଦକ ଅରକ୍ଷିତର କଳାକୁ ନେଇ ହିଁ ନିବିଡ଼ ସମ୍ପର୍କ। ଅତିକ୍ରାନ୍ତ ସମୟର ତାଳେ ତାଳେ ରଏବାରୀ ଓ ଅରକ୍ଷିତର ନିବିଡ଼ତା କୂଳ ଲଙ୍ଘିଯାଏ। ଅରକ୍ଷିତ, ସହରରେ ବଡ଼ ଚାକିରି କରୁଥିବା ପୁଅ ପାଖକୁ ଯାଏ ନାହିଁ। ରଏବାରୀ ଓ ଅରକ୍ଷିତର ଜିଦ୍ ଯେ - 'ଗାଁରେ ପଡ଼ି ନିଜେ ନଷ୍ଟ ହୋଇଯିବେ ପଛେ, ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖିବେ।' ଏହି ଦୁଇ ଚରିତ୍ର ସହିତ ଯୋଡ଼ି ହୋଇ ରହିଥାଏ ଅନ୍ୟ ଏକ ଚରିତ୍ର ରାଘବ। ପଶ୍ଚିମ ଓଡ଼ିଶାର ପାରମ୍ପାରିକ ଲୋକବାଦ୍ୟ ତିଆରି କରିବାଟା ହିଁ ତା' ଜୀବନର ଜୀବିକାର ଏକମାତ୍ର ଆଧାର। ତା'ର ଦୁଇଟି ଦୁଃଖ ପ୍ରଥମଟି ହେଉଛି, ଦାଦନ ଖଟି ଯାଇଥିବା ପୁଅ ଗାଁକୁ ଫେରୁନି ଓ ଦ୍ୱିତୀୟଟି ହେଉଛି ସୃଷ୍ଟିକୁ ଲୋକେ ଆଦର କରୁଛନ୍ତି, ହେଲେ ସ୍ରଷ୍ଟାକୁ ନୁହେଁ।

ଥରେ ଗାଁକୁ ଆସନ୍ତି ଜଣେ ଗବେଷକ। ସେମାନଙ୍କଠାରୁ ସବୁକିଛି ବୁଝି ନେବାପରେ, ଆଶ୍ୱାସନା ଦିଅନ୍ତି ସେମାନଙ୍କୁ ଆଲୋକକୁ ଆଣିବା ପାଇଁ। ହେଲେ, ସମୟକ୍ରମେ ଦାଦନ ଖଟିଯାଇଥିବା ଅଫେରା ପୁଅକୁ ଖୋଜିବାକୁ ଯାଇ, ରାଘବ ଆଉ ଗାଁକୁ ଫେରେ ନାହିଁ। ରଏବାରୀର ପାଦ ଦୁଇଟା ଥମି ଥମି ଆସେ, ତଥାପି ତା'ର ଡାଲଖାଇ ନାଚିବାର ପ୍ରବଳ ଇଚ୍ଛା। ଥର ଥର ହାତରେ ଅରକ୍ଷିତ, ରଏବାରୀର ଅବୁଝା ମନକୁ ବୁଝାଇବା ପାଇଁ, ଖୁବ୍ କଷ୍ଟରେ ଢୋଲ୍ ବଜାଏ।

ନାଚୁଥିବା ଅବସ୍ଥାରେ ହିଁ ରଏବାରୀ, ସବୁଦିନ ପାଇଁ ସ୍ଥିର ରହିଯାଏ। ଘଟଣାକ୍ରମେ ଅରକ୍ଷିତର ନାତି ଓ ଗବେଷକ, ରଏବାରୀର ଶବକୁ ବୋହି ନିଅନ୍ତି ମଶାଣିକୁ। ଶବାଧାର ଆଗରେ, ଲୁହ ଭିଜା ଆଖିରେ ଢୋଲ୍ ବଜାଇ ବଜାଇ ଚାଲିଥାଏ ଅରକ୍ଷିତ। ଅବର୍ଣ୍ଣଗୁଡ଼ା ନାଟ୍ୟ ସଂସଦ, ବରଗଡ଼ ଅନୁଷ୍ଠାନ ପକ୍ଷରୁ ଏପରି ଏକ ଭାବଭରା ନାଟକ 'ତୋର ପାର୍ କେ ମୋର୍ ପାହା' ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଅଶୋକ ବରିହାର ଦେଇଥିଲେ।

## ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ସଙ୍ଘର ସାଧାରଣ ବୈଠକ

ଭୁବନେଶ୍ୱର/ଯାଁଳା, ୧୪।୯ (ସମିସ): ରବିବାର ଶ୍ରୀନୀଳକଣ୍ଠେଶ୍ୱରଦେବ ଆଞ୍ଚଳିକ ଓଡ଼ିଶୀ ସଂକୀର୍ତ୍ତନ ସଂଘ ବରମୁଣ୍ଡା, (ତପୋବନ) ଖଣ୍ଡଗିରି ଆନୁକୂଲ୍ୟରେ ଏକ ସାଧାରଣ ବୈଠକ ସାହାଣୀ କାଶିପୁର ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତମାଣ୍ଡୋ ଗ୍ରାମ ପଞ୍ଚାୟତର ସରପଞ୍ଚ ସନ୍ଧ୍ୟା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ନିଖିଳ ଉତ୍କଳ ଖୋର୍ଦ୍ଧା ଜିଲ୍ଲା ସଂକୀର୍ତ୍ତନ ମଣ୍ଡଳୀ ସଂଘର ସଭାପତି ଜଗନ୍ନାଥ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଦାମୋଦର ସାହୁ, ଆର୍ତ୍ତତ୍ରାଣ ବେହେରା, କୃଷ୍ଣ କହଲ୍ ସିଂହ ଓ ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗଦେଇ ଓଡ଼ିଶୀ ସଂକୀର୍ତ୍ତନ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୪ଟି ସଂକୀର୍ତ୍ତନ ମଣ୍ଡଳୀର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। କମିଟିରେ ନୂତନ ସଭାପତି ଭାବେ ଜଗନ୍ନାଥ ବେହେରା, ଉପସଭାପତି ନୃସିଂହ ଚରଣ ରାଉତ ଓ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସମ୍ପାଦକ ଭାବେ ଦୁର୍ଯ୍ୟୋଧନ ସ୍ୱାଇଁ, ସହ ସମ୍ପାଦକ କୁଶ ଡି ଆବାଘ୍, ସଂଗଠକ ଶରତ କୁମାର ସାମନ୍ତରାୟ, କୋଷାଧକ୍ଷ ଗୋପାଳ ଚନ୍ଦ୍ର ସାହୁ, ସମୀକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ବ୍ୟତୀତ ୫ ଜଣ କାର୍ଯ୍ୟକାରିଣୀ ସଦସ୍ୟ ଲଳିତ କୁମାର ବେହେରା, ରାଜୀବ ବେହେରା, ଯୁଧିଷ୍ଠିର ପ୍ରଧାନ, ବୃନ୍ଦାବନ ମହାରଣା ଓ ବିଷ୍ଣୁ ଚରଣ ସାହୁଙ୍କୁ ଚୟନ କରାଯାଇଥିଲା।

## ବିଓଆଇ ଅଫିସର୍ସ ଆସୋସିଏସନ୍ ବୈଠକ

ଭୁବନେଶ୍ୱର,୧୪।୯ (ସମିସ) : ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଅଫିସର୍ସ ଆସୋସିଏସନ୍ ଓଡ଼ିଶା ୟୁନିଟ୍‌ର ୪୪ତମ ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍ ଓଡ଼ିଶା ୟୁନିଟ୍‌ର ସଭାପତି କମ୍ରେଡ୍ ସ୍ମୃତିରଞ୍ଜନ ସାହୁ ଏବଂ ୟୁନିଟ୍‌ର ସାଧାରଣ ସମ୍ପାଦକ କମ୍ରେଡ୍ କମଳଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାରା ରାଜ୍ୟରୁ ବହୁ ସଂଖ୍ୟକ ଅଧିକାରୀ ଓ ସଦସ୍ୟମାନେ ଏଥିରେ ଯୋଗଦେଇ ସେମାନଙ୍କର ଏକତା, ସଂହତି ଓ ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫେଡେରେସନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ କମ୍ରେଡ୍ ନିଲେଶ ପାୱାର, ସଭାପତି କମ୍ରେଡ୍ ଜି ନାଗେଶ୍ୱର, କାର୍ଯ୍ୟରତ ସଭାପତି କମ୍ରେଡ୍ ଶ୍ୱେତାଙ୍ଗ ତ୍ରିବେଦୀ, ଚେୟାରମ୍ୟାନ୍ କମ୍ରେଡ୍ ସଞ୍ଜୟ ଦାସ, କମ୍ରେଡ୍ ଗଣେଶ ପାଣ୍ଡେ ଏବଂ କମ୍ରେଡ୍ ପ୍ରକାଶ ଓରାଓଁ ଯୋଗଦେଇ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାରର ଅସୁବିଧା ଓ ସୁଯୋଗ ସମ୍ପର୍କରେ ନିଜର ମୂଲ୍ୟବାନ ମତ ପ୍ରକାଶ କରିଥିଲେ।




## ଏକ୍ସଆଇଏମ୍‌ବିରେ 'ବ୍ୟବସାୟ ଉତ୍କର୍ଷ ସମ୍ମିଳନୀ' ଉଦ୍‌ଯାପିତ

ଭୁବନେଶ୍ୱର,୧୪।୯ (ସମିସ)




### ଏଆଇକୁ ଉପଯୋଗ କରି ସଫଳ ହେବାକୁ ଆହ୍ୱାନ

ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ୍‌ବି) ପକ୍ଷରୁ ଅନୁଷ୍ଠିତ ହୋଇଥିବା ଦୁଇଦିନିଆ ବ୍ୟବସାୟ ଉତ୍କର୍ଷ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି। ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ରିଲାଏନ୍ସ ଗ୍ରୋସରୀ ରିଟେଲ୍ ଏବଂ ଜିଓ ମାର୍ଟର ସିଓଓ କାମଦେବ ମହାନ୍ତି ମୁଖ୍ୟ ବକ୍ତାଭାବେ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସଫଳ ଉପଯୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଏଆଇର ବ୍ୟାପକ ବ୍ୟବହାର ଯୋଗୁଁ ଚାକିରି ଯିବାର ଆଶଙ୍କା ନ କରି ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କଲେ ବହୁ ଆଗକୁ ଯାଇ ପାରିବେ ବୋଲି ମାର୍ଗ ଦର୍ଶନ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ନାବ୍‌ଫିଡ୍‌ର ଉପସଭାପତି ସ୍ୱପ୍ନା ମୋହତା ଯୋଗଦେଇ ବାଣିଜ୍ୟ କ୍ଷେତ୍ରରେ ସୁବିଧା ରାସ୍ତା ନ ଖୋଜି ସୁଗମ ରାସ୍ତାର ଉନ୍ମୋଚନ କରିବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ଆମେରିକାନ୍ ଏକ୍ସପ୍ରେସ୍ ଜିବିଟିର ନିର୍ଦ୍ଦେଶକ ଅମିତ୍ ପହୁଜା, ଇଣ୍ଡସଲାଣ୍ଡ ବ୍ୟାଙ୍କର ଉପସଭାପତି ଅରୂପ ମହାପାତ୍ର, ଟାଟା ସନ୍‌ସ ଗ୍ରୁପ୍‌ର ଭାସ୍କର ରାୟ ଓ ପ୍ରଫେସର ସୁଧୀର କୁମାର ଦାସ ପ୍ରମୁଖ ଅଧିବେଶନରେ ଅଂଶଗ୍ରହଣ କରି ଅନିଶ୍ଚିତତା ସମୟରେ ନେତୃତ୍ୱ ନେବାର କଳା କୌଶଳ ସମ୍ପର୍କରେ ଅବଗତ କରିଛନ୍ତି। ତୃତୀୟ ସେସନ୍‌ରେ ଜେନପ୍ୟାକ୍ଟ ଗ୍ରୁପ୍‌ର ଡ. ଭାସ୍କର ରାୟ, ୟୁନିସିସ୍‌ର ସତ୍ୟ ସ୍ୱରୂପ ଦାସ ଓ ଦେବାଶିଷ ମହାପାତ୍ର ପ୍ରମୁଖ ଏଆଇର ସଫଳ ଉପଯୋଗ କରି ଦୂରଦୃଷ୍ଟିକୁ ଅଧିକ କ୍ଷିପ୍ର ଓ ପ୍ରଖର କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଫାଦର ନିତୀନ ମଣ୍ଟେରିଓଙ୍କ ପରିଚାଳିତ ଏହି କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ସଫଳତାର ସହ ଆୟୋଜନ କରିଥିଲେ।

## ଭାରତ ବିକାଶ ପରିଷଦର କାର୍ଯ୍ୟକର୍ତ୍ତା ସମ୍ମିଳନୀ



ଭୁବନେଶ୍ୱର,୧୪।୯ (ସମିସ): ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବ ପକ୍ଷରୁ ସ୍ଥାନୀୟ ବୁଦ୍ଧ ମନ୍ଦିରରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଉପସଭାପତି ସୁନୀଲ ଖେରା ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା ଦେଇଥିଲେ। ଆଗକୁ କିପରି ସଂଗଠନ ସୁଦୃଢ଼ ହେବ ସେ ନେଇ କହିଥିଲେ। ପରିଷଦର ଆଗାମୀ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ସେହିପରି କ୍ଷେତ୍ରୀୟ ସଂଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ବିଷୟରେ କହିଥିଲେ। ପ୍ରାନ୍ତ ମହାସଚିବ ସୋମେନ୍ଦ୍ର ଦାସ ଅତିଥି ଆମନ୍ତ୍ରଣ କରିଥିବା ବେଳେ ପ୍ରାନ୍ତ ସଭପତି ସତ୍ୟବାଦୀ ଦାଶ ଅତିଥି ପରିଚୟ ଦେଇଥିଲେ। ପ୍ରାନ୍ତ ସଂଗଠନ ସମ୍ପାଦକ ରାମଚନ୍ଦ୍ର ଦଳାଇ ଧନ୍ୟବାଦ ଦେଇଥିଲେ। ଓଡ଼ିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ସତ୍ୟବାଦୀ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକର୍ତ୍ତାମାନଙ୍କୁ ଚଳିତ ବର୍ଷ ସମାଜର ୧୫୦୦ରୁ ଅଧିକ ସମାଜର ସମ୍ପର୍ଣ୍ଣ ଓ ପ୍ରଭାବୀ ବ୍ୟକ୍ତିଙ୍କୁ ସାମିଲ୍ କରାଇବା, ୨୦ଟି ନୂଆ ଶାଖା କରାଇବା, ୧ ହଜାରରୁ ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା, ଆନିମିଆ ମୁକ୍ତ ଭାରତ ଅନ୍ତର୍ଗତ ୫୦ହଜାର ମହିଳାଙ୍କୁ ସଚେତନ କରାଇବା ଏବଂ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ଆୟୋଜନା ହେବା ଆଦି ସମ୍ପର୍କରେ ରୋଡମ୍ୟାପ ପ୍ରସ୍ତୁତ ହୋଇଛି।

## ଇନ୍ଦିରା ପଟ୍ଟନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୯ (ସମିସ): ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ପତ୍ନୀ ବରିଷ୍ଠ ସମାଜସେବିକା, ଉତ୍କଳ ମହିଳା ସମିତିର ଆଜୀବନ ସଦସ୍ୟା ଇନ୍ଦିରା ପଟ୍ଟନାୟକଙ୍କ ୭୦ ବର୍ଷ ବୟସରେ ଏକ ଘରୋଇ ହସ୍ପିଟାଲରେ ବିୟୋଗ ଘଟିଛି। ତାଙ୍କ ବିୟୋଗ ଖବର ପାଇ ରାଜ୍ୟର ବିଶିଷ୍ଟ ବ୍ୟକ୍ତିବିଶେଷ, ସଂଗଠନ କର୍ମକର୍ତ୍ତା ତାଙ୍କ ଖାରବେଳ ନଗର ବାସଭବନ ଯାଇ ଅନ୍ତିମ ଦର୍ଶନ କରିଥିଲେ। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡିଶା ନାଗରିକ ମହାମଞ୍ଚ, ସାମ୍ବାଦିକ ସଂଗଠନ ସମୂହ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତି ଚାରଣ ପୂର୍ବକ କହିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବିଭୂତି ଭୂଷଣ କର, ସିନେ ସମୀକ୍ଷକ ଦିଲ୍ଲୀପ ହାଲି, ବିଜେପି ନେତା ଜଗନ୍ନାଥ ପଟ୍ଟନାୟକ, ସମ୍ପାଦକ ଦୁର୍ଗା ସାମନ୍ତରାୟ, ଶ୍ରୀଧର ମାର୍ଥା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସଂଯୋଜକ ନାରାୟଣ ଓଝା, ସାମ୍ବାଦିକ ପ୍ରସନ୍ନ ପତି, ପ୍ରଭୁ କଲ୍ୟାଣ ମହାପାତ୍ର, ସାହିତ୍ୟିକା ଜୟଶ୍ରୀ ଦାସ, ସମିତା ମହାରଣାଙ୍କ ସହିତ ବହୁ ବ୍ୟକ୍ତି ବିଶେଷ, ସଂଗଠନ ଉପସ୍ଥିତ ରହିବା ସହ ଅନ୍ତିମ ଦର୍ଶନ କରିଥିଲେ।



## 'ବିଧି ପ୍ରତି ସମ୍ମାନ ସମ୍ବିଧାନର ସୁରକ୍ଷା କବଚ'




ଭୁବନେଶ୍ୱର,୧୪।୯ (ସମିସ): ଶାସନ ବ୍ୟବସ୍ଥାରେ ବିଧି ପ୍ରତି ସମ୍ମାନ ସମ୍ବିଧାନର ସୁରକ୍ଷା ଦିଗରେ ସବୁଠାରୁ ବଡ଼ ଉପାଦାନ। ଯଦି ଆଇନ୍ ପ୍ରତି ସମ୍ମାନ ନ ରହେ ତେବେ ସମ୍ବିଧାନ ପ୍ରତି ବିପଦ ଉପୁଜିବ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ବକ୍ତୃତାମାଳାରେ ଯୋଗ ଦେଇ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ କ୍ରୀଷ୍ଣା ଶ୍ରୀପଦ ଦୀକ୍ଷିତ୍ ଏହା କହିଛନ୍ତି। ଶନିବାର "ମେକିଂ ଅଫ୍ ଆୱାର କନ୍‌ଷ୍ଟିଚ୍ୟୁସନ୍' ଶୀର୍ଷକ ବକ୍ତୃତାମାଳାରେ ଯୋଗଦେଇ ଏ ପର୍ଯ୍ୟନ୍ତ ସମ୍ବିଧାନରେ ୧୦୦ରୁ ଅଧିକ ସଂଶୋଧନ କରାଯାଇଥିଲେ ମଧ୍ୟ ଏହା ସୁରକ୍ଷିତ ରହିଛି ବୋଲି ସେ କହିଥିଲେ। ନ୍ୟାୟପାଳିକା, ନିର୍ବାଚନ କମିସନ୍, ସଂସଦ, ରାଜ୍ୟ ବିଧାନ ସଭା ଓ ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ଭଳି ସମ୍ବିଧାନ ଦ୍ୱାରା ସ୍ଥାପିତ ଅନୁଷ୍ଠାନ ଗୁଡ଼ିକର ସୁରକ୍ଷା ଆବଶ୍ୟକ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଦାନ କରିଥିବା ବଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ'ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍‌ସଙ୍ଗ ପୂର୍ଣ୍ଣାଙ୍ଗ ଜୀବନଯାଗର ପୂତ ଯଜ୍ଞଭୂମି



ଭୁବନେଶ୍ୱର,୧୪।୯ (ସମିସ): ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଶୁଭ ଆବିର୍ଭାବ ମାସ "ଭାଦ୍ରବ ପରିକ୍ରମା ୨୦୨୫' ସତସଙ୍ଗ ବିହାର ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱର ସତସଙ୍ଗ ଜୋନର ସଦସ୍ୟଙ୍କ ପ୍ରଚେଷ୍ଟାରେ ଗଙ୍ଗୋତ୍ରୀ ନଗରସ୍ଥିତ ଗଙ୍ଗୋତ୍ରୀ ଫାର୍ମ ହାଉସ ପରିସରରେ ଏକ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ ଅପୂର୍ବ ସିଂହା ରାୟ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ଗ୍ରାହସ୍ଥ ଆଶ୍ରମ ହିଁ ପୂର୍ଣ୍ଣାଙ୍ଗ ଜୀବନଯାଗର ପୂତ ଯଜ୍ଞଭୂମି ଶୀର୍ଷକ ଆଲୋଚନା କରାଯାଇଥିଲା ଏହି ସତ୍‌ସଙ୍ଗରେ ଭଜନ ଓ କୀର୍ତ୍ତନ ପରିବେଷଣ କରାଯାଇଥିଲା। ସତସଙ୍ଗକୁ ବିଶ୍ୱର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୋଳଗୋବିନ୍ଦ ପରିଡ଼ା, ଲୋକରଞ୍ଜନ ମିଶ୍ର, ସରୋଜ କୁମାର ସାହୁ ଓ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ପରିଶେଷରେ ଏଭରମେଟ୍ ନର୍ସିଂ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସତସଙ୍ଗରେ ଯାଜକ କର୍ମୀ ଅନୀଲ୍ କୁମାର ନାୟକ ସମସ୍ତ ଅତିଥି ଏବଂ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୪୨ ● ପାଉଣ୍ଡ ୧୧୯.୬୧
- ୟୁରୋ ୧୦୩.୮୭ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୧,୧୭୦ (ଭୁବନେଶ୍ୱର)
- ରୁପା : ୧,୪୩,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୯୦୪.୦୦
- ନିଫ୍ଟି ୨୫,୧୧୪.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଓଡ଼ିଶାରେ 'ଏମ୍‌ଏଫ୍ ଦିଦି'

**ଭୁବନେଶ୍ୱର,୧୪।୯ (ସମିସ):** ଅହମ୍ମଦାବାଦ, ପାଟନା, ମୁମ୍ବାଇ, ଗୁଆହାଟି ଏବଂ ପୁଣେ ଆଦି ସହରଗୁଡ଼ିକୁ ନେଇ ଗଠିତ ଜାତୀୟ ସ୍ତରର ରୋଡ଼ସୋ କାର୍ଯ୍ୟକ୍ରମର ଅଂଶ ଭାବରେ ଦି ୱେଲଥ କମ୍ପାନୀ ମ୍ୟୁଚଆଲ୍ ଫଣ୍ଡ ଭୁବନେଶ୍ୱରରେ ଏକ ସଫଳ ପ୍ରଚାର କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମଟି ଏମଏଫ ଦିଦି ନାମକ ଏକ ବୃହତର ଉଦ୍ୟମର ଅଂଶ ଯାହା ଏକ ଶିଳ୍ପ-ପ୍ରଥମ କାର୍ଯ୍ୟକ୍ରମ ଏବଂ ଟିୟର ୨ ଏବଂ ଟିୟର ୩ ଅଞ୍ଚଳର ମହିଳାମାନଙ୍କୁ ମ୍ୟୁଚଆଲ୍ ଫଣ୍ଡ ବିତରକ ଭାବରେ ପ୍ରଶିକ୍ଷିତ ଏବଂ ସାର୍ଟିଫାଏଡ୍ କରିବା ପାଇଁ ପରିକଳ୍ପନା କରାଯାଇଛି।



ଗତ ୫ ବର୍ଷରେ ଭୁବନେଶ୍ୱରର ମହିଳା ନିବେଶକଙ୍କ ପରିଚାଳନା ଅଧୀନରେ ଥିବା ସମ୍ପତି (ଏୟୁଏମ) ୨.୫ ଗୁଣ ବୃଦ୍ଧି ପାଇଛି ଏବଂ ମହିଳା ନିବେଶକଙ୍କ ସଂଖ୍ୟା ପ୍ରାୟ ୨.୮ ଗୁଣ ବୃଦ୍ଧି ପାଇଛି। ଏହିସମୟରେ ଓଡ଼ିଶାର ମୋଟ ରାଜ୍ୟଭିତିକ ଏଏମ ପ୍ରାୟ ୬୬,୦୦୦ କୋଟି ଟଙ୍କା ରହିଛି। ଦି ୱେଲଥ କମ୍ପାନୀର ପ୍ରତିଷ୍ଠାତା ମାଧବୀ ଲୁନାବତ କହିଛନ୍ତି ଯେ, ଏମ୍‌ଏଫ୍ ଦିଦି ହେଉଛି ମହିଳାମାନଙ୍କ ପାଇଁ ସେମାନଙ୍କ ଧନ ଏବଂ ସ୍ୱାଧୀନତା ବଢ଼ାଇବା ପାଇଁ ପ୍ରକୃତ ସୁଯୋଗ ସୃଷ୍ଟି କରିବା।

**ପିଡବ୍ଲ୍ୟୁସି ରିପୋର୍ଟ**

# ଦେଶର ୬୩% ଲୋକ ଦରବୃଦ୍ଧିରେ ପୀଡ଼ିତ

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି)

ସେପ୍ଟେମ୍ବର ୨୨ରୁ ଦେଶରେ ଲାଗୁ ହେବାକୁ ଯାଉଛି ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି)ର ନୂତନ ଟିକସ ହାର। ହେଲେ ନିକଟରେ ସରକାରଙ୍କ ଦ୍ୱାରା ବିଭିନ୍ନ ସାମଗ୍ରୀର ଜିଏସ୍‌ଟି ହାରରେ ହ୍ରାସ ସତ୍ତ୍ୱେ ଦେଶର ସାଧାରଣ ପରିବାରଗୁଡିକ ଜରୁରୀ ଦ୍ରବ୍ୟର ମହଙ୍ଗା ମାଡ଼ରେ ଚେପା। ପିଡବ୍ଲ୍ୟୁସି ପକ୍ଷରୁ ପ୍ରକାଶିତ

> ୭% ଲୋକ ନିଦି ଦିନିଆ ଖର୍ଚ୍ଚ ଉଠାଇବାରେ ଅସମର୍ଥ
>
> ଡିସ୍‌କାଉଣ୍ଟ ଖୋଜି ଦୋକାନରୁ ଦୋକାନ ବୁଲୁଛନ୍ତି ଗ୍ରାହକ
>
> ଖର୍ଚ୍ଚ ପରିଚାଳନା ପାଇଁ ବହୁଳ ପରିମାଣରେ ସାମଗ୍ରୀ କିଣୁଛନ୍ତି

ଏକ ରିପୋର୍ଟ ଅନୁଯାୟୀ, ଜିଏସ୍‌ଟି ହାରରେ ପରିବର୍ତ୍ତନ ଦେଶରେ ଦୈନନ୍ଦିନ ସାମଗ୍ରୀଗୁଡିକୁ ଶସ୍ତା କରିବ, ଯାହା ଖାଉଟିଙ୍କ ଖର୍ଚ୍ଚ ପରିଚାଳନାକୁ ଆହୁରି ସହଜ କରିବ। କିନ୍ତୁ ପିଡବ୍ଲ୍ୟୁସିର ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ବର୍ତ୍ତମାନ ଦେଶର ୬୩ ପ୍ରତିଶତ ଗ୍ରାହକ ବଢୁଥିବା ମୁଦ୍ରାସ୍ଫୀତିକୁ ନେଇ ଚିନ୍ତିତ।ଏହି ୬୩% ଲୋକ ଏବେ ଦରଦାମ୍ ବ୍ୟାଧିରେ ପୀଡିତ। ଦେଶର ପ୍ରାୟ ୭% ଲୋକ ସେମାନଙ୍କ ପରିବାରର ନିଦି ଦିନିଆ ଖର୍ଚ୍ଚ ପୂରଣ କରିବାରେ ଅସମର୍ଥ । ଉଚ୍ଚ ଦରଦାମ୍ ଜିନିତ ସମସ୍ୟାକୁ ପୂରଣ କରିବାକୁ ଲୋକେ ଡିସ୍‌କାଉଣ୍ଟ ବା ରିଆତି ଖୋଜି ଖୋଜି ଏ ଦୋକାନରୁ ସେ ଦୋକାନ ବୁଲୁଥିବା ରିପୋର୍ଟରେ କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସମୟରେ ଦେଶରେ ମୁଦ୍ରାସ୍ଫୀତିର ମୁକାବିଲା ପାଇଁ ଲୋକମାନେ ସେମାନଙ୍କର କ୍ରୟ ଅଭ୍ୟାସ ପରିବର୍ତ୍ତନ କରୁଛନ୍ତି। ସେମାନେ ଏବେ ବିଭିନ୍ନ ଦୋକାନ ପରିଦର୍ଶନ କରୁଛନ୍ତି। ଏପରିକି କେଉଁଠାରେ ରିଆତି ମିଳୁଛି ତାହା ଖୋଜୁଛନ୍ତି କିମ୍ବା ଅଫର ଏବଂ କୁପନ୍ ବ୍ୟବହାର କରୁଛନ୍ତି। ଏହାଫଳରେ ସେମାନେ ନିଜର ମାସିକ ବଜେଟ୍‌କୁ ସୁରକ୍ଷିତ ରଖିପାରିବେ। ଏହାଛଡା ସର୍ଭେରେ




ସାମିଲ ହୋଇଥିବା ୪୪ ପ୍ରତିଶତ ଲୋକ ଏବେ ବହୁଳ ପରିମାଣରେ ସାମଗ୍ରୀ କିଣୁଛନ୍ତି, ଯେତେବେଳେ କି ସମାନ ସଂଖ୍ୟକ ଲୋକ ନିଜ ଘରବାରିରେ ପନିପରିବା ଚାଷ କରୁଛନ୍ତି।

ଏମିତିକି ସର୍ଭେ ଅନୁଯାୟୀ, ୩୨% ଗ୍ରାହକ ନିଜକୁ 'ଆର୍ଥିକ ଭାବରେ ସ୍ଥିର' ବୋଲି ଭାବୁଛନ୍ତି, ଯେତେବେଳେ କି ୭% କହିଛନ୍ତି ଯେ ସେମାନଙ୍କର ଆର୍ଥିକ ଅବସ୍ଥା ଭଲ ନାହିଁ ଏବଂ ସେମାନେ ବିଲ୍ ପୈଠ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଏସ୍‌ଟି ହାରରେ ହ୍ରାସ ଦ୍ୱାରା ପ୍ରଦାନ କରାଯାଇଥିବା ଆଶ୍ୱସ୍ତି ସେହି ପରିବାରମାନଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଯେଉଁମାନେ ପନିପରିବାର ଉଚ୍ଚ ମୂଲ୍ୟ ଏବଂ ଖାଦ୍ୟ ମୁଦ୍ରାସ୍ଫୀତିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ଜିଏସ୍‌ଟି ନିୟମରୁ ସଞ୍ଚୟ ଏହି ପରିବାରଗୁଡ଼ିକୁ କିଛି ମାତ୍ରାରେ ଆଶ୍ୱସ୍ତି ଦେବ ଏବଂ ସେମାନଙ୍କ ଆର୍ଥିକ ଅବସ୍ଥାକୁ ଉନ୍ନତ କରିବାରେ ସାହାଯ୍ୟ କରିବ। ଏଠାରେ ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବରରୁ ୨୨ରୁ ଦେଶରେ ୪ ବଦଳରେ କେବଳ ୫% ଏବଂ ୧୮% ଦୁଇଟି ଜିଏସ୍‌ଟି ସ୍ଲାବ୍ ରହିବ। ଏହା ସାବୁନ, ସାମ୍ପୁ, ଏସି ଏବଂ କାର ଭଳି ସାଧାରଣ ଜିନିଷରଗୁଡିକୁ ଶସ୍ତା କରିବ।

**ମାଫିଆଙ୍କ ସାହାରା ଅଖ୍ୟାତ ରାଜନୈତିକ ଦଳ**

# ଧଳା ହେଉଛି କଳା ଟଙ୍କା

**ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି):** ଦେଶରେ ୬ଟି ଜାତୀୟ ଓ ୬୭ଟି ଆଞ୍ଚଳିକ ଦଳ ରହିଛି। ୨୦୨୪ ଲୋକସଭା ନିର୍ବାଚନରେ ୨୮୦୦ରୁ ଅଧିକ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳ ମଧ୍ୟରୁ ମାତ୍ର ୬୯୦ଟି ଦଳ ନିର୍ବାଚନ କରିଛନ୍ତି। ବିଡ଼ମ୍ବନା ହେଉଛି ରାଜନୈତିକ ଭାବରେ ସକ୍ରିୟ ନ ଥିବା ଦଳ ସଂଖ୍ୟା ଦେଶରେ ବଢ଼ି ଚାଲିଛି ଏବଂ ଏଗୁଡ଼ିକ ମାଧ୍ୟମରେ କିଛି ଦୁର୍ନୀତିଗ୍ରସ୍ତ ବ୍ୟକ୍ତି, ଅନୁଷ୍ଠାନ ଓ ଶିଳ୍ପପତି ନିଜ କଳାଧନକୁ ଧଳା କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଆଗତ ଏକ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ବୋଲି ଉଲ୍ଲେଖ କରି ନିର୍ବାଚନ କମିଶନ (ଇସି) ଓ କେନ୍ଦ୍ର ସରକାରଙ୍କୁ ପକ୍ଷ ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ଏଭଳି ଏକ ରାଜନୈତିକ ଦଳ ଧରା ପଡ଼ିଥିଲା ଯିଏ ୨୦ ପ୍ରତିଶତ କମିଶନ ନେଇ ଅସାଧୁ ଲୋକଙ୍କ କଳା ଧନକୁ ଧଳା କରୁଥିଲା କରୁଥିବା ସଂକ୍ରାନ୍ତରେ ଏକ ମାମଲା ସୁପ୍ରିମକୋର୍ଟରେ ରୁଜୁ ହୋଇଛି। ଏଥିରେ କୁହାଯାଇଛି ଯେ ଅପରାଧୀ ଓ ଅସାଧୁ ବ୍ୟବସାୟୀଙ୍କଠାରୁ ଅର୍ଥ ନେଇ କିଛି ରାଜନୈତିକ ଦଳଗୁଡ଼ିକ ସେମାନଙ୍କୁ ଭିନ୍ନଭିନ୍ନ ପଦରେ ନିଯୁକ୍ତି ଦେଉଛନ୍ତି। କିଛି ବିଛିନ୍ନତାବାଦୀ ଓ ଦେଶ ବିରୋଧୀ ମଧ୍ୟ ରାଜନୈତିକ ଦଳ ଗଠନ କରି ଚାନ୍ଦା ଆଦାୟ କରୁଛନ୍ତି। ସେହିପରି ଏହି ଆବେଦନରେ ଏଡ଼ିଆର୍ ଦ୍ୱାରା ପ୍ରଦତ୍ତ ତଥ୍ୟକୁ ମଧ୍ୟ ସଂଲଗ୍ନ କରାଯାଇଛି। ଦେଶରେ ନାମକୁମାତ୍ର ଭୋଟ ପାଉଥିବା ପଞ୍ଜୀକୃତ ଅଣମାନ୍ୟତାପ୍ରାପ୍ତ ରାଜନୈତିକ ଦଳ (ଆରୟୁପିପି) ଗୁଡିକର ଆୟର ୨୦୨୨-୨୩ରେ ୨୨୩ ପ୍ରତିଶତ ବୃଦ୍ଧି ପାଇଥିବା ଉଲ୍ଲେଖ କରାଯାଇଛି। ଗତ ନିର୍ବାଚନରେ ଗୁଜରାଟରେ ୧୧, ୪୯୬ ଭୋଟ ପାଇଥିବା ଭାରତୀୟ ନ୍ୟାସନାଲ ଜନତା ଦଳ ୯୫୭ କୋଟି ଟଙ୍କା ରାଜନୈତିକ ଚାନ୍ଦା ପାଇଥିବା ଦେଖାଯାଇଛି। ମାତ୍ର ୯୦୨୯ଟି ଭୋଟ ପାଇଥିବା ଅନ୍ୟଏକ ରାଜନୈତିକ ଦଳ ନ୍ୟୁ ଇଣ୍ଡିଆ ୟୁନାଇଟେଡ ପାର୍ଟି ୬୦୮ କୋଟି ଟଙ୍କା ନିର୍ବାଚନୀ ଚାନ୍ଦା ପାଇଛି। ୧୦୪୨ ଭୋଟ ପାଇଥିବା ସତ୍ୟବାଦୀ ରକ୍ଷକ ପାର୍ଟିକୁ ମିଳିଛି ୪୧୬ କୋଟି ଓ ମୋଟ ୪୮୦ ଭୋଟ ପାଇଥିବା ଜନ ମନ ପାର୍ଟି ୧୩୪ କୋଟି ଟଙ୍କା ଚାନ୍ଦା ଏକାଠି କରିଛି। ସବୁଠାରୁ କୌତୂହଳ କଥା ହେଉଛି ନିର୍ବାଚନରେ ମୋଟ ୧୪୦ ଭୋଟ ପାଇଥିବା ସୌରାଷ୍ଟ୍ର ଜନତା ପାର୍ଟି ୨୦୦ କୋଟି ଟଙ୍କାର ରାଜନୈତିକ ଚାନ୍ଦା ଠୁଳ କରିବାକୁ ସକ୍ଷମ ହୋଇଛି। ଏଡିଆର ରିପୋର୍ଟ ଅନୁଯାୟୀ ଦେଶରେ ୨୭୬୪ଟି ଅଣ ମାନ୍ୟତାପ୍ରାପ୍ତ ଦଳ ଅଛନ୍ତି। ଏଥିରୁ ୭୩ ପ୍ରତିଶତରୁ ଅଧିକ ଦଳ ୨୦୨୫ର ଆର୍ଥିକ ରେକର୍ଡ ସାର୍ବଜନୀନ କରିନାହାନ୍ତି।

ଅନ୍ୟ ୭୩୯ଟି ଦଳ ଦେଇଥିବା ତଥ୍ୟର ବିଶ୍ଳେଷଣ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଆବେଦନକାରୀ ସୁପ୍ରିମକୋର୍ଟରେ ତଥ୍ୟ ରଖିଛନ୍ତି। ରାଜନୈତିକ ଭାବେ ସକ୍ରିୟ ନ ଥିବା ଦଳ ମାଧ୍ୟମରେ ଟିକସ ଚୋରି ଓ ମନି ଲଣ୍ଡରିଂକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଅତି ଗୁରୁତର ମାମଲା ବୋଲି ଉଲ୍ଲେଖ କରିଛନ୍ତି। କେନ୍ଦ୍ର ସରକାର, ଆଇନ କମିଶନ ଓ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି ସହ ରାଜନୈତିକ ଦଳଙ୍କ କାର୍ଯ୍ୟକୁ ନେଇ କଡ଼ା ନିୟମ ପ୍ରସ୍ତୁତି ସଂକ୍ରାନ୍ତରେ ରିପୋର୍ଟ ତଲବ କରିଛନ୍ତି ଓ ଚାରି ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜନୈତିକ ଦଳଙ୍କ ପଞ୍ଜିକରଣ ଏବଂ ପରିଚାଳନା ସମ୍ବନ୍ଧରେ କଠୋର ଆଇନ କାହିଁକି ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି।

**ଇସି ଓ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ**

- ୧୪୦ ଭୋଟ ପାଇଥିବା ଦଳକୁ ୨୦୦ କୋଟି ଟଙ୍କା ଚାନ୍ଦା
- ୧୦୪୨ ଭୋଟ ପାଇଥିବା ଦଳ ପାଇଛି ୪୧୬ କୋଟି ଟଙ୍କା
- ୯୦୨୯ ଭୋଟ ପାଇଥିବା ଦଳ ଠୁଳ କରିଛି ୬୦୮ କୋଟି
- ୧୧୪୯୬ ଭୋଟ ପାଇଥିବା ଦଳ ପାଇଛି ୯୫୭ କୋଟି



# ୬ କୋଟି ଲୋକ ଭରିଲେ ରିଟର୍ଣ୍ଣ

**ନୂଆଦିଲ୍ଲୀ,୧୪।୯ (ଏଜେନ୍ସି):** ଆୟକର ରିଟର୍ଣ୍ଣ (ଆଇଟିଆର୍) ଦାଖଲ କରିବାର ଶେଷ ତାରିଖ ସୋମବାର ଅର୍ଥାତ୍ ଚଳିତମାସ ୧୫ ତାରିଖ। ଏଥର ଆୟକର ବିଭାଗ ରିଟର୍ଣ୍ଣ ଦାଖଲର ଶେଷ ଅବଧି ଚଳିତବର୍ଷ ଜୁଲାଇ ୩୧ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା, ଯାହା ଦ୍ୱାରା କରଦାତାମାନେ ଏଥିପାଇଁ ଅତିରିକ୍ତ ସମୟ ପାଇପାରିବେ। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୬ କୋଟି ଲୋକ ରିଟର୍ଣ୍ଣ ଦାଖଲ କରିସାରିଲେଣି।

# ମାରୁତି ସୁଜୁକି 'ନୂଆ ଭିକ୍ଟୋରିସ୍'ର ବଜାର ପ୍ରବେଶ




**କଟକ, ୧୪।୯ (ସମିସ):** ମାରୁତି ସୁଜୁକି ବଜାରକୁ ଏହାର ନୂଆ କାର 'ଭିକ୍ଟୋରିସ୍' ଚାଡିଛି। କଟକ ଭାଣପୁରସ୍ଥିତ ପୁରାତନ ଡିଲର ସ୍କାଏ ଅଟୋମୋବାଇଲ୍ସ ଏରିନା ପକ୍ଷରୁ ନୂଆ 'ଭିକ୍ଟୋରିସ୍'ର ବଜାର ପ୍ରବେଶ କରାଯାଇଛି। ଏହି ଗାଡି ୫ସିଟର ହୋଇଥିବାବେଳେ ଏଥିରେ ଯୁବପିଢ଼ୀଙ୍କୁ ସୁହାଇଲା ଭଳି ୫.୧ ସରାଉଣ୍ଡ ସାଉଣ୍ଡ ସିଷ୍ଟିମ୍‌ରେ ୮ଟି ସ୍ପିକର ରହିଛି। ଏଥିରେ ସୁରକ୍ଷା ପାଇଁ ୬ଟି ବେଲୁନ୍, ଅଟୋ ବ୍ରେକିଂ ସିଷ୍ଟମ୍ ଯୋଗୁ ହଠାତ୍ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଚାଳକର ଅଜାଣତରେ ମଧ୍ୟ ଗାଡିଟି ଦୁର୍ଘଟଣାରୁ ଏଡେଇ ଯାଇଥାଏ। ଇଞ୍ଜିନ୍ ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ମୋଡ୍ ଥିବାରୁ ଲିଟର ପିଛା ମାଇଲେଜ୍ ୨୮.୫ କିମି ରହିଛି। ଗାଡିର ଲମ୍ବା ୪୩୬୦ ମିମି, ଚଉଡା ୧୭୯୫ମିମି ଓ ଉଚ୍ଚତା ୧୬୫୫ମିମି ହୋଇଥିବାରୁ ସହଜରେ ଗାଡିଟି ଗୋଟିଏ ଅଣଓସାରିଆ ରାସ୍ତାରେ ମଧ୍ୟ ବୁଲିଯାଇପାରେ। ଗାଡିର ଅତ୍ୟାଧୁନିକ ଲାଇଟ୍ ସିଷ୍ଟମ୍ ଯୋଗୁ ଘନ କୁହୁଡି, ବର୍ଷା ଓ ରାତିରେ ମଧ୍ୟ ଅନାୟାସରେ ଗାଡିଟି ଘାଟି ରାସ୍ତାରେ ଯାତାୟତ କରିଥାଏ। ଗାଡିର ପଛ ଡିକିଟି ଖୋଲିବା ପାଇଁ ଏଭଳି ସୁଇଂ ସିଷ୍ଟମ୍ କରାଯାଇଛି ଯାହାକି ଗୋଡ ଦ୍ୱାରା ମଧ୍ୟ ଡିକି ଖୋଲାଯାଇପାରିବ। ଗାଡିର ଏକ୍ସ ସୋ'ରୁମ୍ ମୂଲ୍ୟ ପ୍ରାୟତଃ ୧୨ରୁ ୧୭ ଲକ୍ଷ ଟଙ୍କା ରହିବା ଆକଳନ କରାଯାଉଛି। ଯାହାଫଳରେ ବର୍ତ୍ତମାନ ସୁଦ୍ଧା ୧୧ହଜାର ଟଙ୍କା ଦେଇ ପ୍ରାୟ ୩୦୦ ଗାଡି ବୁକିଂ ସରିଥିବା ସିଓଓ ତୁଷାର ରଞ୍ଜନ ବେହେରା ପ୍ରକାଶ କରିଛନ୍ତି । ଉକ୍ତ ଗାଡିଟି ୧୦ଟି ଆକର୍ଷଣୀୟ ରଙ୍ଗ ସହ ଏବେ ଦୁଇଟି ନୂଆ ରଙ୍ଗ ମାଇଷ୍ଟ୍ରିକ୍ ଗ୍ରୀନ୍ ଓ ଏଟରନାଲ ବ୍ଲୁ ବଜାରରେ ଉପଲବ୍ଧ ବୋଲି ଜେନେରାଲ୍ ମ୍ୟାନେଜର ସଞ୍ଜୟ କୁମାର ଗୁପ୍ତା କହିଛନ୍ତି। ବଜାର ପ୍ରବେଶ ଅବସରରେ ସିନିୟର ସେଲ୍ସ ମ୍ୟାନେଜର ଜଗନ୍ନାଥ ପ୍ରସାଦ ସାହୁ, କ୍ୱାଲିଟି ମ୍ୟାନେଜର ରଶ୍ମି ରେଖା ମିଶ୍ର ଓ ଟ୍ରେନର ସ୍ନେହାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଓଆଇର ରି-କେୱାଇସି ପରିପୂର୍ତ୍ତୀ ଅଭିଯାନ ଶିବିର




**ଭୁବନେଶ୍ୱର,୧୪।୯ (ସିମସ):** ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଅରଖକୁଦା ଓ ଗୋପିନାଥପୁର ପଞ୍ଚାୟତ ପୁରୀଠାରେ ରି-କେୱାଇସି ପରିପୂର୍ତ୍ତୀ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ଅରଖକୁଦା ପଞ୍ଚାୟତର ସରପଞ୍ଚ ସୁମିତ୍ରା ବେହେରା, ଗୋପିନାଥପୁର ପଞ୍ଚାୟତର ସରପଞ୍ଚ ସରୋଜ କୁମାର ଲେଙ୍କା ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରି-କେୱାଇସି, ପିଏମ୍‌ଜେଜେୱାଇ, ପିଏମ୍‌ଏସ୍‌ବିୱାଇ, ଅଟଳ ପେନ୍‌ସନ୍ ଯୋଜନା ଏବଂ ଓମ୍ବୁଡ୍‌ସମ୍ୟାନ୍ ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଦାସ ସମାଜରେ ସାମାଜିକ ସୁରକ୍ଷା ଯୋଜନାର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିବା ସହ ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବାର ପ୍ରବେଶ ଉପରେ ଗୁରୁତ୍ୱ ଦେଇଥିଲେ।

# ଟାଟା ଷ୍ଟିଲ୍‌ର ଯୋଡ଼ା ୱେଷ୍ଟ ମାଇନ୍, ଗୋପାଳପୁର ପ୍ଲାଣ୍ଟ ପୁରସ୍କୃତ

**ଭୁବନେଶ୍ୱର, ୧୪।୯ (ସମିସ):** କେନ୍ଦୁଝରର ଟାଟା ଷ୍ଟିଲ୍ ଯୋଡ଼ା ୱେଷ୍ଟ ଲୁହାପଥର ଓ ମାଙ୍ଗାନିଜ ଖଣି ଏବଂ ଗଞ୍ଜାମର ଗୋପାଳପୁରରେ ଥିବା ଫେରୋ ଆଲୟଜ ପ୍ଲାଣ୍ଟ (ଏଫ୍‌ଏପି)କୁ ସମ୍ମାନଜନକ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଏସ୍‌ଏଚ୍‌ଇ ଏକ୍ସଲେନ୍ସ ପୁରସ୍କାର ମିଳିଛି। କୋଲକାତାଠାରେ ସିଆଇଆଇ ପକ୍ଷରୁ ଆୟୋଜିତ ୧୯ତମ ସୁରକ୍ଷା ସିମ୍ପୋଜିୟମ୍ ଓ ଏକ୍ସପୋଜିସନରେ ଏହି ଆୱାର୍ଡ ମିଳିଛି। ଏହି ଦୁଇଦିନିଆ ସମ୍ମିଳନୀରେ ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶଜନିତ (ଏଚ୍‌ଏସ୍‌ଇ) ଉତ୍କୃଷ୍ଟତାକୁ ଆଗକୁ ବଢାଇବାକୁ ପ୍ରତିବଦ୍ଧ ଥିବା ଶିଳ୍ପସଂସ୍ଥାର ଲିଡରମାନେ ଅଂଶଗ୍ରହଣ କରିଥିଲେ। କମ୍ପାନୀର ଏଫ୍‌ଏଏମ୍‌ଡି ଡିଭିଜନର ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ ମୁଖ୍ୟ ରାଜେଶ କୁମାର ରଞ୍ଜନ ଓ ଏରିଆ ମ୍ୟାନେଜର (ସୁରକ୍ଷା) ପୁଲୁରୀ ଶଶାଙ୍କ କମ୍ପାନି ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି, ଏଫ୍‌ଏପି ଗୋପାଳପୁରକୁ ସୁରକ୍ଷା ନବସୃଜନ ଓ କର୍ମଚାରୀ କଲ୍ୟାଣ ପ୍ରତି ପ୍ରତିବଦ୍ଧତା ପାଇଁ ବୃହତ୍ କ୍ଷେତ୍ର ନିର୍ମାଣ (୨୫୦୦ ପର୍ଯ୍ୟନ୍ତ କର୍ମଚାରୀ) ବର୍ଗରେ ରାଜ୍ୟ ସ୍ତରୀୟ ବିଜେତା ପୁରସ୍କାର ଓ ଆଞ୍ଚଳିକ ସ୍ତରୀୟ ପ୍ରଥମ ରନର୍ ଅପ୍ (ଉପ ବିଜେତା) ପୁରସ୍କାର ପ୍ରଦାନ କରାଯାଇଥିଲା। ଏଫ୍‌ଏଏମ୍‌ଡିର ସୁରକ୍ଷା ମୁଖ୍ୟ ଅଟ୍‌ଲା ରାମବାବୁ ଓ ଏଫ୍‌ଏପି ଗୋପାଳପୁରର ସୁରକ୍ଷା ପ୍ରବନ୍ଧକ ବଳରାମ ମିଶ୍ର ପୁରସ୍କାର ଗ୍ରହଣ କରିଥିଲେ।




# ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ

ତ୍ରିଶୁଳିଆ,୧୪।୯ (ସମିସ)

ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ଏକ ଶହ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇ ସାରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ରୂପାୟନ କରିଛି ଏକ ଗରିମାପୂର୍ଣ୍ଣ ସମାରୋହ । ଏହି କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଓ ଏହି ସମାରୋହରେ ଅନୁଷ୍ଠାନର ଚେୟାରମ୍ୟାନ୍ ଡ଼ ଦେବଦତ୍ତ ସ୍ୱାଇଁ ପ୍ରଧାନ ଅତିଥି ଭାବରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅରୁଣ ବିଶ୍ୱାଳ, ପ୍ରିନ୍ସିପାଲ୍ ଡ଼ ବିଶ୍ୱଜିତ ତ୍ରିପାଠୀ ଏବଂ ଆକାଡେମିକ୍ ଡିନ୍ ବ୍ୟୋମକେଶ ମିଶ୍ର ସହିତ ବିଭିନ୍ନ ଗଣମାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ସମାରୋହକୁ ସମ୍ବୋଧନ କରି ଚେୟାରମ୍ୟାନ୍ ଶିକ୍ଷକମାନଙ୍କୁ ଭବିଷ୍ୟତ ଗଠନକାରୀ ଏବଂ ରାଷ୍ଟ୍ର ନିର୍ମାତା ଭାବରେ ବର୍ଣ୍ଣନା କରିଥିଲେ। ତାଙ୍କ ଭାଷଣରେ କହିଥିଲେ, ଶିକ୍ଷା କେବଳ ଏକ ବୃତ୍ତି ନୁହେଁ, ଏହା ଏକ ମହାନ ସାମାଜିକ ଦାୟିତ୍ୱ। ଶିକ୍ଷକଗଣ ଛାତ୍ରଛାତ୍ରୀଙ୍କ ମନ ନୁହେଁ, ବରଂ ତାଙ୍କ ଚରିତ୍ର, ମୂଲ୍ୟବୋଧ ଏବଂ ଆଦର୍ଶକୁ ଗଠନ କରିଥାନ୍ତି। ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଉଲ୍ଲେଖ କରିଥିଲେ। ତାଙ୍କ ଭାଷଣରେ ରେସିଡେନ୍ସିଆଲ୍ କଲେଜରେ ଉପଲବ୍ଧ ସୁଯୋଗ ସୁବିଧା ଯଥା ସ୍ମାର୍ଟ କ୍ଲାକବୋର୍ଡ, ଏୟାରକଣ୍ଡିସନ୍ଡ କ୍ଲାସରୁମ୍, ଉନ୍ନତ ପ୍ରୟୋଗାଗାର ଏବଂ ଅନୁଭବୀ ଶିକ୍ଷକମାନଙ୍କ ଉପସ୍ଥିତି ବିଷୟରେ ମଧ୍ୟ ଜଣାଇଥିଲେ ଓ ଶିକ୍ଷକମାନଙ୍କ ଅସୀମ ଧ୍ୟାନ, ଅବିରତ ପରିଶ୍ରମ ଏବଂ ତ୍ୟାଗକୁ କାର୍ଯ୍ୟକ୍ରମରେ ଗଭୀର କୃତଜ୍ଞତା ପ୍ରକାଶ କରାଯାଇଥିଲା।




ଏହି ସମ୍ବର୍ଦ୍ଧନା କେବଳ ଅତୀତର ଅବଦାନକୁ ସୂଚାଇବା ନୁହେଁ, ବରଂ ଭବିଷ୍ୟତରେ ମଧ୍ୟ ସେମାନଙ୍କୁ ସମ୍ମାନ ପ୍ରଦାନର ଏକ ପ୍ରତିଶୃତି ବୋଲି ଘୋଷଣା କରାଯାଇଥିଲା ଓ ଶେଷରେ ଶିକ୍ଷକମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯାଇ ସମ୍ବର୍ଦ୍ଧିତ ଶିକ୍ଷକମାନଙ୍କୁ ପୁରସ୍କାର ଏବଂ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା ଓ ଏହି ଅଭିନବ ପଦକ୍ଷେପରେ ଉପସ୍ଥିତ ସମସ୍ତେ ଆନନ୍ଦିତ ହୋଇଥିଲେ।

# ଟିପିସିଓଡିଏଲ୍ ଉପଭୋକ୍ତା ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୧୪।୯ (ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନୟାଗଡ଼ ଡିଭିଜନରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ସମାରୋହରେ 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍' ଅଧୀନରେ ୬୬ ଜଣ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବକେୟା ନ ଥିବା ଯୋଗ୍ୟ ଉପଭୋକ୍ତାମାନଙ୍କୁ ଏକ ଲକି ଡ୍ର' ଜରିଆରେ ଚୟନ କରାଯାଇଥିଲା ଏବଂ ସେମାନଙ୍କୁ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ଦିଆଯାଇଥିଲା। ଏହି ସ୍କିମ୍ ଠିକ୍ ସମୟରେ ବିଲ୍ ପଇଠକୁ ପ୍ରୋତ୍ସାହିତ କରୁଥିବାବେଳେ ମୂଲ୍ୟବାନ ଉପଭୋକ୍ତାଙ୍କୁ ମାନ୍ୟତା ଦେବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ଏଭଳି ଅଭିଯାନ ଜରିଆରେ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣଠାରୁ ଆଗକୁ ବଢ଼ି ଟିପିସିଓଡିଏଲ୍ ଉପଭୋକ୍ତାମାନଙ୍କ ସହ ଦୃଢ଼ ସମ୍ପର୍କ ସ୍ଥାପନ କରୁଛି। 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍' ହେଉଛି ବିଭିନ୍ନ ଡିଭିଜନରେ କାର୍ଯ୍ୟକାରୀ କରାଯାଇଥିବା ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ଯାହା ଉପଭୋକ୍ତା ସନ୍ତୁଷ୍ଟି ଓ ଗୋଷ୍ଠୀ ବିକାଶଉପରେ କମ୍ପାନିର ଗୁରୁତ୍ୱକୁ ଦୋହରାଉଛି।

ଦେଶ ବିଦେଶ
ସକାଳ THE SAKALA
www.sakalaepaper.com

# ଜାପାନରେ ୧ ଲକ୍ଷ ଲୋକଙ୍କ ବୟସ ୧୦୦ରୁ ଊର୍ଦ୍ଧ୍ୱ




ଟୋକିଓ,୧୪।୯ (ଏଜେନ୍ସି): ଜାପାନରେ ପାଖାପାଖି ୧ ଲକ୍ଷ ନାଗରିକ ୧୦୦ ବର୍ଷ ପୂରଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ତକାମାରୋ ପୁକୋକା କହିଛନ୍ତି। ଦେଶରେ ୮୭,୭୮୪ ମହିଳା ଓ ୧୧, ୯୭୯ ପୁରୁଷଙ୍କ ବୟସ ୧୦୦ରୁ ଊର୍ଦ୍ଧ୍ୱ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ୧୦୦ ବର୍ଷ ପୂରଣ କରିଥିବା ଲୋକଙ୍କ ମଧ୍ୟରେ ୮୮ ପ୍ରତିଶତ ମହିଳା ଅଛନ୍ତି। ଏହା ଦେଶର ମୋଟ ଲୋକସଂଖ୍ୟା ୧୨.୪ କୋଟିର ୦.୮୧ ପ୍ରତିଶତ। ଜାପାନ କ୍ରମାଗତ ୫୫ ବର୍ଷ ଧରି ଏହି ରେକର୍ଡକୁ ବଜାୟ ରଖିଛି। ଜାପାନରେ ସେପ୍ଟେମ୍ବର ୧୫କୁ ବୃଦ୍ଧଜନ ଦିବସ ଭାବେ ପାଳନ କରାଯାଏ। ଏହି ଦିନ ଜାପାନରେ ୧୦୦ରୁ ଊର୍ଦ୍ଧ୍ୱ ବର୍ଷର ଲୋକଙ୍କୁ ଅଭିନନ୍ଦନ ପତ୍ର ସହ ରୂପା ଗ୍ଲାସ ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ। ଏବର୍ଷ ୫୨,୩୧୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନୀତ କରାଯିବ। ୧୧୪ ବର୍ଷୀୟ ଶିଗେକେ କାଗାବା ଜାପାନର ସବୁଠାରୁ ବୟସ୍କ ମହିଳା ଓ ୧୧୧ ବର୍ଷୀୟ କିୟୋଟାକା ମିଜୁନୋ ସବୁଠାରୁ ବୟସ୍କ ପୁରୁଷ ବିବେଚିତ ହୋଇଛନ୍ତି। ଜାପାନରେ ଲୋକଙ୍କ ହାରାହାରି ବୟସ ୯୫ ବର୍ଷ ରହିଛି। ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଜାପାନ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ପୁରୁଷଙ୍କ ତୁଳନାରେ ମହିଳା ଅଧିକ ବର୍ଷ ବଞ୍ଚିଥାନ୍ତି। ସେହିପରି ବିଶ୍ୱରେ ସ୍ୱାସ୍ଥ୍ୟସମ୍ପର୍ଣ୍ଣ ଦେଶମାନଙ୍କ ମଧ୍ୟରେ ଜାପାନ ଦ୍ୱିତୀୟ ସ୍ଥାନରେ ରହିଛି ଓ ସିଙ୍ଗାପୁର ପ୍ରଥମ, ଦକ୍ଷିଣ କୋରିଆ ତୃତୀୟ, ତାଇୱାନ ଚତୁର୍ଥ ଓ ଇସ୍ରାଏଲ୍ ୫ମ ସ୍ଥାନରେ ରହିଛି। ଜାପାନରେ ବଞ୍ଚିବାର ଜୀବନ ଶୈଳୀ ଉନ୍ନତ ଥିବାରୁ ଏଠାରେ ଲୋକେ ଅଧିକ ବୟସ ବଞ୍ଚିବାରେ ସକ୍ଷମ ହେଉଛନ୍ତି।

ଅନ୍‌ଲାଇନ ବେଟିଂ ଆପ୍‌ର ପ୍ରଚାର ମାମଲା

# ଉର୍ବଶୀ ରୌତେଲା ଓ ମିମି ଚକ୍ରବର୍ତ୍ତୀଙ୍କୁ ଇଡି ସମନ





ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ଅଭିନେତ୍ରୀ ଉର୍ବଶୀ ରୌତେଲା ଏବଂ ଟିଏମ୍‌ସିର ପୂର୍ବତନ ସାଂସଦ ତଥା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ ଅନ୍‌ଲାଇନ ବେଟିଂ ଆପ୍ ପାଇଁ ପ୍ରଚାର ମାମଲାରେ ଫସିଛନ୍ତି। ଅନ୍‌ଲାଇନ ବେଟିଂ ପ୍ଲାଟଫର୍ମ '୧xବେଟ୍' ସମ୍ବନ୍ଧିତ ମାମଲାରେ ଏହି ଦୁଇ ଅଭିନେତ୍ରୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ଏହି ପ୍ଲାଟଫର୍ମ ମନି ଲଣ୍ଡରିଂ ଯାଞ୍ଚରେ ସନ୍ଦେହଘେରରେ ରହିଛି। ଇଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଉଭୟ କଳାକାର '୧xବେଟ୍'ର ବିଜ୍ଞାପନ ଏବଂ ପ୍ରଚାରପ୍ରସାରରେ ଦୁଇ ଅଭିନେତ୍ରୀ ସାମିଲ ଥିଲେ। ଆସନ୍ତା ମଙ୍ଗଳବାର ଦିଲ୍ଲୀ ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବା ପାଇଁ ଉର୍ବଶୀଙ୍କୁ ଏବଂ ମିମିଙ୍କୁ ସୋମବାର ଉପସ୍ଥିତ ହେବାକୁ କୁହାଯାଇଛି। ଏହି ମାମଲାରେ ଉଭୟଙ୍କ ବୟାନ ରେକର୍ଡ କରାଯିବ। ଏହି ଆପ୍‌ରେ ଉଭୟଙ୍କ କି ଭୂମିକା ଥିଲା ତାହାର ଯାଞ୍ଚ କରାଯିବ ବୋଲି କୁହାଯାଉଛି।

ପୂର୍ବରୁ ଏହି ମାମଲାରେ ଅନେକ ସେଲିବ୍ରିଟିଙ୍କୁ ଜେରା କରାଯାଇଥିଲା। ଚଳିତ ମାସରେ ପୂର୍ବତନ କ୍ରିକେଟର ଶିଖର ଧାୱନଙ୍କୁ ମଧ୍ୟ ସମନ କରାଯାଇଥିଲା। ସୁରେଶ ରୈନା ମଧ୍ୟ ଇଡି ନିକଟରେ ହାଜର ହୋଇଥିଲେ। ଏହି ମାମଲାରେ ଜୁଲାଇ ୨୩ରେ ଯାଞ୍ଚ ହାଜର ହେବାକୁ ଅଭିନେତା ରାଣା ଦାଗୁବତିଙ୍କୁ କୁହାଯାଇଥିଲା। କିନ୍ତୁ ଫିଲ୍ମ ସୁଟିଂ ଯୋଗୁଁ ସେ ହାଜର ହୋଇପାରି ନ ଥିଲେ। ପରେ ହାଇଦରାବାଦର ଇଡି ଅଫିସରେ ଯାଞ୍ଚ ପାଇଁ ଉପସ୍ଥିତ ହୋଇଥିଲେ। ଗତ ମେ' ମାସରେ ବେଟିଂ ପ୍ଲାଟଫର୍ମର ପ୍ରଚାରପ୍ରସାର କରିଥିବାରୁ ତେଲଙ୍ଗାନା ପୁଲିସ ପ୍ରକାଶ ରାଜ, ମଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ଅନନ୍ୟା ନାଗଲ୍ଲା, ଶ୍ରୀମୁଖୀ ପ୍ରମୁଖଙ୍କୁ ବିରୋଧରେ ପୁଲିସ ମାମଲା ରୁଜୁ କରିଥିଲା।

# ନେପାଳ ହିଂସା ମୃତକଙ୍କୁ ମିଳିବ ସହିଦ ମାନ୍ୟତା



- ପୀଡ଼ିତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦିଆଯିବ
- ୬ ମାସ ମଧ୍ୟରେ ନିର୍ବାଚନ କରାଇ ପଦ ଛାଡ଼ିବି: ସୁଶୀଳା
- ନେପାଳ ହିଂସାରେ ୩ ପୂର୍ବତନ ପ୍ରଧାନମନ୍ତ୍ରୀ ବାସହରା

କାଠମାଣ୍ଡୁ,୧୪।୯ (ଏଜେନ୍ସି): ନେପାଳରେ ଜେନ୍- ଜେଡ୍ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ 'ସହିଦ' ଆଖ୍ୟା ଦିଆଯିବ ବୋଲି ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି କହିଛନ୍ତି। ପୁଣି ପ୍ରତ୍ୟେକ ପୀଡ଼ିତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ସେ ରବିବାର ଘୋଷଣା କରିଛନ୍ତି। ଏହି ଆନ୍ଦୋଳନ ଓ ହିଂସାରେ ମୋଟ୍ ୫୧ ଜଣ ଲୋକ ପ୍ରାଣ ହରାଇଥିଲେ। ତେବେ ମୃତ୍ୟୁ ସଂଖ୍ୟା ଏବେ ୭୨ରେ ପହଞ୍ଚିଛି ବୋଲି କୁହାଯାଇଛି। ଏଥିରେ ଜଣେ ଭାରତୀୟ ମହିଳା ମଧ୍ୟ ସାମିଲ ରହିଥିଲେ। ଦେଶରେ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ସେ ସଂକଳ୍ପ ନେଇଛନ୍ତି। ନେପାଳରେ ପ୍ରଥମଥର ପାଇଁ ଲଗାତର ୭୨ ଘଣ୍ଟା ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା ଓ ଏହା ଏକ ବଡ଼ କଥା। ଶାସନରେ ୬ ମାସରୁ ଅଧିକ ସମୟ ରହିବି ନାହିଁ ଓ ନିର୍ବାଚନ କରାଇ ନୂଆ ସରକାରଙ୍କୁ ଦାୟିତ୍ୱ ଦେଇ ପଦ ଛାଡିବି ବୋଲି ସେ କହିଛନ୍ତି। କାର୍କି ସେପ୍ଟେମ୍ବର ୧୨ରେ କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରେ ସାଧାରଣ ନିର୍ବାଚନ କରାଇବାକୁ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ବରତା ଆଚରଣ ପ୍ରଦର୍ଶନ କରିଥିବା ଲୋକଙ୍କୁ ଯାଞ୍ଚ କରାଯାଇ ଦଣ୍ଡିତ କରାଯିବ।

ଅନ୍ୟପକ୍ଷରେ ନେପାଳ ହିଂସାରେ ୩ ଜଣ ପୂର୍ବତନ ପ୍ରଧାନମନ୍ତ୍ରୀ ଯଥା କେପି ଶର୍ମା ଓଲି, ଶେର ବାହାଦୂର ଦେଓବା ଓ ପୁଷ୍ପ କମଲ ଦହଲ ଓରଫ୍ ପ୍ରଚଣ୍ଡ ବାସହରା ହୋଇଛନ୍ତି। ସେପ୍ଟେମ୍ବର ୯ରେ ଜେନ୍- ଜେଡ ପ୍ରଦର୍ଶନକାରୀମାନେ ଏହି ୩ ଜଣଙ୍କ ଘରେ ନିଆଁ ଲଗାଇବା ସହ ଜାଳି ଦେଇଛନ୍ତି। ବର୍ତ୍ତମାନେ ଏହି ୩ ନେତା ସେନା ଶିବିରରେ ରହୁଛନ୍ତି। ଏମାନଙ୍କ ସମର୍ଥକମାନେ ଏବେ ଏହି ନେତାଙ୍କ ପାଇଁ ଘର ଖୋଜିବା ଆରମ୍ଭ କରିଛନ୍ତି। ଜେନ- ଜେଡ ଆକ୍ରୋଶ କମ୍ ନ ହେବା ପର୍ଯ୍ୟନ୍ତ ରାଜଧାନୀ କାଠମାଣ୍ଡୁ ବାହାରର ସହର ପୋଖରାରେ ରହିବାକୁ ଚାହୁଁଛନ୍ତି। ଏବେ ସୁଶୀଳା ମନ୍ତ୍ରିମଣ୍ଡଳ ଗଠନ ନେଇ ପ୍ରୟାସ ଆରମ୍ଭ କରିଛନ୍ତି। ୧୫ ଜଣଙ୍କୁ ନେଇ ଏକାସଙ୍ଗେ ମନ୍ତ୍ରୀ ମଣ୍ଡଳ ଗଠନ କରିବେ ବୋଲି କାଠମାଣ୍ଡୁ ପୋଷ୍ଟ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି। ଏ ନେଇ ଆଇନ୍ ବିଶେଷଜ୍ଞଙ୍କ ସହ ସେ ବିଚାର ବିମର୍ଶ ଆରମ୍ଭ କରିଛନ୍ତି। କିନ୍ତୁ ଜେନ୍- ଜେଡ ନେତା ଏହି ମନ୍ତ୍ରିମଣ୍ଡଳରେ ସାମିଲ ହେବ ନାହିଁ ବୋଲି ପୂର୍ବରୁ କହିଛନ୍ତି। ତେବେ ନବଗଠିତ ସରକାର ତଥା ମନ୍ତ୍ରୀ ମଣ୍ଡଳର କାର୍ଯ୍ୟକୁ ନିରୀକ୍ଷଣ କରିବେ ବୋଲି ଏହି ନେତାମାନେ କହିଛନ୍ତି। ତେଣୁ ଆଗାମୀ କେତୋଟି ମାସରେ ନେପାଳ ପାଇଁ ପରୀକ୍ଷା ସୃଷ୍ଟି ହେବ ବୋଲି କୁହାଯାଉଛି। ନେପାଳରେ ୨୦୨୬ ମାର୍ଚ୍ଚ ୫ରେ ନିର୍ବାଚନ କରାଯିବ ବୋଲି କୁହାଯାଉଛି।

# ରୁଷିଆର ସର୍ବବୃହତ୍ ତୈଳ ବିଶୋଧନାଗାରରେ ୟୁକ୍ରେନର ଆକ୍ରମଣ



କିଭ୍,୧୪।୯ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ବର୍ଷରେ ପହଞ୍ଚିଛି। ରୁଷିଆର ସର୍ବବୃହତ ତୈଳ ବିଶୋଧନ କେନ୍ଦ୍ର ଉପରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣ କରିଛି। ଏ ନେଇ ରୁଷୀୟ ଅଧିକାରୀ ଓ ୟୁକ୍ରେନ ସେନା ତରଫରୁ ସୂଚନା ଦିଆଯାଇଛି। ଲେନିନଗ୍ରାଡ ଅଞ୍ଚଳରେ ଥିବା କିରିଶି ତୈଳ ବିଶୋଧନ କେନ୍ଦ୍ର ଉପରେ ଏହି ଆକ୍ରମଣ ହୋଇଥିଲା। ପ୍ରତିବର୍ଷ ଏହି କେନ୍ଦ୍ରରୁ ୧୭.୭ ମିଲିଅନ ମେଟ୍ରିକ୍ ଟନ୍ ବା ଦିନକୁ ୩,୫୫,୦୦୦ ବ୍ୟାରେଲ ଅଶୋଧିତ ତୈଳ ଉତ୍ପାଦନ ହୋଇଥାଏ। ତେବେ ଏହି ଆକ୍ରମଣରେ କେହି ମୃତାହତ ହୋଇନାହାନ୍ତି ଓ ନିଆଁ ଲାଗିବା ମାତ୍ରେ ତାହାକୁ ଲିଭାଇ ଦିଆଯାଇଥିଲା ରୁଷ୍ ତରଫରୁ କୁହାଯାଇଛି। ଗତ ରାତିରେ ୟୁକ୍ରେନର ପାଖାପାଖି ୮୦ଟି ଡ୍ରୋନ୍ ଧ୍ୱଂସ କରାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

# ସ୍କୁଲ୍‌ରେ ଚାଲିଥିଲା ନିଶା କାରଖାନା

- ନିର୍ଦ୍ଦେଶକଙ୍କ ସମେତ ୩ ଗିରଫ

ହାଇଦରାବାଦ୍,୧୪।୯ (ଏଜେନ୍ସି): ତେଲଙ୍ଗାନା ରହାଇଦରାବାଦ ପୁଲିସ୍ ଏକ ଘରୋଇ ସ୍କୁଲରେ ନିଶାଦ୍ରବ୍ୟ କାରଖାନା ଠାବ କରିଛି। ମେଧା ନାମକ ଏହି ସ୍କୁଲ୍‌ର ନିର୍ଦ୍ଦେଶକ ମାଲେଲା ଜୟା ପ୍ରକାଶ ଗୌଡ଼ ସହିତ ୩ ଜଣ ଲୋକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ସ୍କୁଲର ଶ୍ରେଣୀ କୋଠରୀ ଓ ନିଷେଦ୍ଧାଞ୍ଚଳକୁ ଅଲପ୍ରାଜୋଲାମ୍ ଭଳି ନିଶାଦ୍ରବ୍ୟ ଉତ୍ପାଦନକାରୀ କାରଖାନାରେ ପରିଣତ କରିଥିଲେ। ଅଲପ୍ରାଜୋଲାମ୍‌କୁ ତାଡି ତଥା ନିଶାଦ୍ରବ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ। ସ୍କୁଲ ବିଲ୍ଡିଂର ଦ୍ୱିତୀୟ ମହଲାରେ ପାଖାପାଖି ଗତ ୬ ମାସ ହେବ ଏହି କାରଖାନା ଚାଲିଆସୁଥିଲା। ତଳ ଓ ପ୍ରଥମ ମହଲାରେ ପିଲାଙ୍କୁ ପଢ଼ାଯାଉଥିଲା। ଏହି କାରଖାନାରେ ସପ୍ତାହର ୬ ଦିନ ଡ୍ରଗ୍ସ ତିଆରି କରାଯାଉଥିଲା ଓ ରବିବାର ଏହାକୁ ବାହରକୁ ବାହାର କରାଯାଇ ବଜାରରେ ପହଞ୍ଚା ଯାଉଥିଲା। ପୁଲିସ ସ୍କୁଲ ଉପରେ ଚଢାଉ କରି ୭ କେଜିରୁ ଊର୍ଦ୍ଧ୍ୱ ଆଲପ୍ରାଜୋଲାମ, ନଗଦ ୨୧ ଲକ୍ଷ ଟଙ୍କା, ବହୁ ପରିମାଣରେ ରାସାୟନିକ ପଦାର୍ଥ ଜବତ କରିଛି। ପୁଲିସ ଏକ କେମେଷ୍ଟ୍ରୀ ଲାବ୍ ମଧ୍ୟ ଦେଖିବାକୁ ପାଇଛି। ଏଠାରେ ବହୁ ପରିମାଣର ଡ୍ରଗ୍ସ ଉତ୍ପାନଦ କରିବା ପାଇଁ ବ୍ୟବହାର କରାଯାଉଥିଲା ବୋଲି ପୁଲିସ କହିଛି। ଏହି ଲାବ୍‌ରେ ୮ଟି ରିଆକ୍ଟର ଓ ଡ୍ରାୟର ଲଗାଯାଇଥିଲା। ସ୍କୁଲ ନିର୍ଦ୍ଦେଶକ ମାଲେଲା ଗୁରୁବେଣ୍ଡ୍ରୀ ନାମକ ଜଣେ ଲୋକଠାରୁ ଡ୍ରଗ୍ସ ତିଆରି ପ୍ରକ୍ରିୟା ଶିକ୍ଷା କରିଥିଲା ବୋଲି ପୁଲିସ୍ କହିଛି।

# ପ୍ରବଳ ବର୍ଷା ଯୋଗୁ ବୈଷ୍ଣୋଦେବୀ ଯାତ୍ରା ସ୍ଥଗିତ

**ଉତ୍ତରପ୍ରଦେଶ ୪% କମ୍, ହିମାଚଳରେ ୧୩୩% ଅଧିକ ବର୍ଷା**

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ପ୍ରବଳ ବର୍ଷା ଓ ଖରାପ ପାଗ କାରଣରୁ ବୈଷ୍ଣୋଦେବୀ ଯାତ୍ରାକୁ ସ୍ଥଗିତ ରଖାଯାଇଛି। ୧୯ ଦିନ ଏହି ଯାତ୍ରା ସ୍ଥଗିତ ରହିବା ପରେ ରବିବାର ପୁଣି ଆରମ୍ଭ ହୋଇଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଏହି ଯାତ୍ରା ଆପାତତଃ ସ୍ଥଗିତ ରଖାଯାଇଛି ବୋଲି କୁହାଯାଇଛି। ଗତ ଅଗଷ୍ଟ ୨୪ ତାରିଖରେ ମନ୍ଦିର ରାସ୍ତାରେ ଭୂସ୍ଖଳନ କାରଣରୁ ୩୪ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ। ସେହିପରି ଉତ୍ତରପ୍ରଦେଶରେ ଲଗାତର ବର୍ଷା କାରଣରୁ ଗଙ୍ଗା, ଯମୁନା ନଦୀର ଜଳସ୍ତର ଏବେ ମଧ୍ୟ ଉଚ୍ଚସ୍ତରରେ ରହିଛି। ବଲିଆ ଛକି ନୌରଙ୍ଗା ଗାଁରେ ୫ ଘର ଓ ୫ ଦୋକାନ ଜଳମଗ୍ନ ହୋଇଛି। ଉତ୍ତରପ୍ରଦେଶରେ ଏଥର ମୌସୁମୀ ବର୍ଷା ୪ ପ୍ରତିଶତ କମ୍ ହୋଇଛି। ରାଜ୍ୟରେ ହାରହାରି ୬୭୯.୩ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ୬୫୪.୨ ମିମି ବର୍ଷା ହୋଇଛି।

ଅନ୍ୟପଟେ ହିମାଚଳରେ ମଣ୍ଡି ଜିଲ୍ଲାର ଧର୍ମପୁରରେ ସଫଡି ରୋହ ଗାଁରେ ଶନିବାର ଭୂସ୍ଖଳନ ହୋଇଥିଲା। କେତୋଟି ଘରେ କାଦୁଅ ମିଶା ପାଣି ପଶିଯାଇଛି। ୮ଟି ଘରକୁ ଖାଲି କରାଯାଇଥିଲା। ରାଜ୍ୟରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ଏବେ ୩୮୬ରେ ପହଞ୍ଚିଛି। ରାଜ୍ୟରେ ଏଥର ୧୩୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ରବିବାରଠାରୁ ଦେଶର ଉତ୍ତର ପଶ୍ଚିମ ରାଜ୍ୟ ରାଜସ୍ଥାନରୁ ମୌସୁମୀ ବିଦାୟ ନେବା ଆରମ୍ଭ କରିଛି। କିନ୍ତୁ ମଧ୍ୟପ୍ରଦେଶରେ ଏବେ ମଧ୍ୟ ମୌସୁମୀ ଦୁଇ ସପ୍ତାହ ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ଉତ୍ତରପୂର୍ବ ରାଜ୍ୟ ସିକ୍କିମରେ ବର୍ଷା କାରଣରୁ ଭୂସ୍ଖଳନ ହେବା କାରଣରୁ ଜଣେ ପଞ୍ଚାୟତ ଅଧକ୍ଷ ମୃତ୍ୟୁବରଣ କରିଛନ୍ତି। ଅରୁଣଚଳ ପ୍ରଦେଶରେ ୬ଟି ଜିଲ୍ଲା ପ୍ରବଳ ବର୍ଷା ହେବ ବୋଲି ରେଡ ଆଲର୍ଟ ଜାରି କରାଯାଇଛି। ପଞ୍ଜାବରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧରା କାର୍ଯ୍ୟ ଜୋରସୋରରେ ଚାଲିଛି। ପଞ୍ଜାବର ବିଭିନ୍ନ ନଦୀରେ ଜଳସ୍ତର ତଳକୁ ଖସିଛି।

ପୁଣି ଚର୍ଚ୍ଚାରେ ଆରଜି କର କଲେଜ

# ଛାତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ

**ବଏଫ୍ରେଣ୍ଡ ବିଷ ଦେଇଥିବା ଅଭିଯୋଗ କଲା ପରିବାର**

କୋଲକାତା, ୧୪।୯ (ଏଜେନ୍ସି): କୋଲକାତାର ଆରଜି କର ମେଡିକାଲ କଲେଜରେ ଆଉଏକ ଘଟଣା ଘଟିଛି। ଏହି କଲେଜରେ ଅନ୍ତିମ ବର୍ଷର ଜଣେ ଛାତ୍ରୀ ଶନିବାର ମାଲଦାର ଏକ ହସ୍ପିଟାଲରେ ରହସ୍ୟଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ଏହି ଛାତ୍ରୀ ହେଉଛନ୍ତି ୨୪ ବର୍ଷୀୟା ଅନିନ୍ଦିତା ସୋରେନ। ପ୍ରେମିକ ଉଜ୍ଜ୍ୱଳ ସୋରେନଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି ଅନିନ୍ଦିତାଙ୍କ ପ୍ରେମିକ। ଉଜ୍ଜ୍ୱଳ ଅନିନ୍ଦିତାଙ୍କୁ ବିଷ ଦେବା ଫଳରେ ତାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ କହିଛନ୍ତି। ଦୁହେଁ ପରସ୍ପରକୁ ଡେଟ୍ କରୁଥିଲେ। ଅନିନ୍ଦିତା ଉଜ୍ଜ୍ୱଳଙ୍କୁ ବିବାହ ପାଇଁ ଚାପ ପକାଉଥିଲା। ତେବେ ଏହାକୁ ଉଜ୍ଜ୍ୱଳ ମନା କରୁଥିଲା। ଏଥିପାଇଁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା ବୋଲି ଅନିନ୍ଦିତାଙ୍କ ମାଆ ଅଞ୍ଜନା ଟୁଡୁ କହିଛନ୍ତି। ଗତ ୧୨ ତାରିଖରେ ଅନିନ୍ଦିତାର ଦେହ ଖରାପ ହୋଇଛି ଓ ତାଙ୍କୁ ମାଲଦାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଉଜ୍ଜ୍ୱଳ ଫୋନ କରି ସୂଚନା ଦେଇଥିଲେ। କିନ୍ତୁ ଏହାପରେ ଅନିନ୍ଦିତା ମୃତ୍ୟୁବରଣ କରିଥିଲେ। ତେବେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ଏବେ ଉଜ୍ଜଳର ବୟାନ ନେବାକୁ ପୁଲିସ ତାକୁ ଖୋଜୁଛି। ଉଲ୍ଲେଖଥାଉ କି, ଗତବର୍ଷ କୋଲକାତାର ଏହି ଆରଜି କଲେଜ ଚର୍ଚ୍ଚାରେ ରହିଥିଲା। ୨୦୨୪ ଅଗଷ୍ଟ ୯ରେ ଜଣେ ଟ୍ରେନି ଡାକ୍ତରାଣୀଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିଲା ଏହି ଘଟଣାକୁ ନେଇ ପଶ୍ଚିମବଙ୍ଗ ସମେତ ସାରା ଦେଶରେ ଚର୍ଚ୍ଚା ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି।

# ଆସାମରେ ୫.୯ ତୀବ୍ରତାର ଭୂକମ୍ପ

- ଭୂଟାନ, ପଶ୍ଚିମବଙ୍ଗରେ ମଧ୍ୟ ଝଟ୍‌କା
- ମୃତାହତ, କ୍ଷୟକ୍ଷତି ନେଇ ସୂଚନା ନାହିଁ

ଗୌହାଟୀ,୧୪।୯ (ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମରେ ରବିବାର ସନ୍ଧ୍ୟାରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ୟୁନାଇଟେଡ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଏ ନେଇ ସୂଚନା ଦେଇଛି। ଅପରାହ୍ଣ ୪.୪୧ରେ ଏହି ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଉଦଲଗୁରି ଜିଲ୍ଲାର ପୂର୍ବକୁ ୧୪ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା। ଏହା ଭୂପୃଷ୍ଠର ୧୦କିମି ଗଭୀରତାରେ ସୃଷ୍ଟି ହୋଇଥିଲା ବୋଲି ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ତେବେ ଭାରତର ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜୀରେ ଭୂକମ୍ପର ତୀବ୍ରତା ୫.୮ ଥିଲା ଓ ଏହାର ଗଭୀରତା ୫.୫ କିମି ଥିଲ ବୋଲି କହିଛି। ଭୂକମ୍ପ ପରେ ଏହି ଅଞ୍ଚଳରେ ୩.୧ ଓ ୨.୯ ତୀବ୍ରତାର ପରବର୍ତ୍ତୀ ଭୂକମ୍ପ ଝଟ୍‌କା ଯଥାକ୍ରମେ ସନ୍ଧ୍ୟା ୪.୫୮ ଓ ୫.୨୧ରେ ଅନୁଭୂତ ହୋଇଥିଲା ବୋଲି କୁହାଯାଇଛି। ଏହି ଭୂକମ୍ପ ମଧ୍ୟ ଭୂଟାନ ଓ ପଶ୍ଚିମବଙ୍ଗର କିଛି ଅଞ୍ଚଳରେ ଅନୁଭୂତ ହୋଇଛି। ଭୂକମ୍ପ ଝଟ୍‌କା ପରେ ଗୌହାଟୀରେ ଲୋକମାନେ ଜୀବନ ବଞ୍ଚାଇବାକୁ ଘର ଓ ଅଫିସ ବାହାରକୁ ଦୌଡୁଥିବାର ଲକ୍ଷ୍ୟ କରାଯାଇଥିଲା।

# 'ଅପରେସନ ସିନ୍ଦୂର' ବେଳେ ମୁନୀର ବଙ୍କରରେ ଲୁଚିଥିଲେ: ପୂର୍ବତନ ଲେଫ୍ଟନାଣ୍ଟ ଜେନେରାଲ

**ପାକିସ୍ତାନ ଆମ ମିସାଇଲକୁ ରୋକିପାରି ନଥିଲା**

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଅପରେସନ ସିନ୍ଦୂର ଚାଲିଥିବା ବେଳେ ପାକିସ୍ତାନ ସେନାମୁଖ୍ୟ ଆସିମ ମୁନୀର ଏକ ବଙ୍କରରେ ଲୁଚି ରହିଥିଲେ ବୋଲି ଭାରତୀୟ ସେନାବାହିନୀର ପୂର୍ବତନ ଲେଫ୍ଟନାଣ୍ଟ ଜେନେରାଲ କନୱାଲ ଜିତ୍ ସିଂ ଧିଲନ କହିଛନ୍ତି। ୪ ଦିନର ଏହି ଛୋଟିଆ ଯୁଦ୍ଧ ପରେ ଜନତାଙ୍କ ରୋଷରୁ ବଞ୍ଚିବା ପାଇଁ ସେ ନିଜକୁ ଫିଲ୍ଡ ମାର୍ଶାଲ ପଦରେ ଅଧିଷ୍ଠିତ କରାଇଥିଲେ ବୋଲି ଧିଲନ ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। ମେ' ୧୦ରେ ଭାରତ ପାକିସ୍ତାନର ୧୧ଟି ଏୟାର ବେସ୍ ଉପରେ ସଠିକତାର ସହ ଆକ୍ରମଣ କରିଥିଲା। ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ ଏତେ ଦୁର୍ବଳ ଥିଲା ଯେ, ଆମର ଗୋଟିଏ ହେଲେ ବି ମିସାଇଲକୁ ରୋକିବାରେ ସମର୍ଥ ହୋଇ ନଥିଲା। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ଭାରତର ୨୬ ଲୋକ ପ୍ରାଣ ହରାଇଥିଲେ। ଫଳରେ ଏହାର ପ୍ରତିଶୋଧ ନେବାକୁ ଯାଇ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଏବଂ ପାକିସ୍ତାନରେ ଥିବା ଆତଙ୍କବାଦୀ ଠିକଣାକୁ ଭାରତୀୟ ବାୟୁସେନା ଧ୍ୱଂସ କରିବାରେ ସମର୍ଥ ହୋଇଥିଲା। ମେ' ୧୦ରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷିତ ହୋଇଥିଲା। ପାକିସ୍ତାନ ଯୁଦ୍ଧବିରତି ପାଇଁ ଭିକ୍ଷା କରିଥିଲା ବୋଲି ଧିଲନ କହିଛନ୍ତି। ମେ ୧୦ରେ ପାକିସ୍ତାନ ଡିଜିଏମ୍‌ଓ ଅପରାହ୍ଣ ୩ଟା ୩୫ରେ ଭାରତର ଡିଜିଏମ୍‌ଓଙ୍କୁ ଫୋନ କରି ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲେ। ତେଣୁ ଏହି ଯୁଦ୍ଧରେ ଭାରତ ବିଜୟୀ ହୋଇଥିଲା ବୋଲି ସେ କହିଛନ୍ତି। ଯେତେବେଳେ ପାକିସ୍ତାନ ମଧ୍ୟସ୍ଥତା ଓ ଅସ୍ତ୍ରବିରତି ପାଇଁ ଆମେରିକା ଓ ସାଉଦି ଆରବ ଶରଣ ପଶେ ତାହାକୁ ଓ ଯଦି ଆମେ ନୀତିଗତ ଭାବେ ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ପ୍ରତ୍ୟାଖାନ କରିଥାଉ ତାହାକୁ ଆମର ବିଜୟ କୁହାଯିବ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ଭାରତ ପାକିସ୍ତାନରେ ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିବା ସହ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିପାତ କରିଥିଲା।

# ରୂପାଣୀଙ୍କ ଅନ୍ତିମ ସଂସ୍କାରର ଖର୍ଚ୍ଚ ଦେବାକୁ ମନାକଲା ବିଜେପି

ଅହମଦାବାଦ, ୧୪।୯ (ଏଜେନ୍ସି): ଜୁନ୍ ୧୨ରେ ଅହମଦବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ଅନ୍ତିମ ସଂସ୍କାର ଖର୍ଚ୍ଚ ଦେବାକୁ ବିଜେପି ମନା କରିଦେଇଛି। ଏଥିରେ ଖର୍ଚ୍ଚ ହୋଇଥିବା ୨୦-୨୫ ଲକ୍ଷ ଟଙ୍କା ରୂପାଣୀଙ୍କ ପରିବାର ଦେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ସୂଚନା ଅନୁଯାୟୀ ଅନ୍ତିମ ଯାତ୍ରା ପାଇଁ ଫୁଲ, ଟେଣ୍ଟ ଏବଂ ଅନ୍ୟ ବ୍ୟବସ୍ଥା କରିଥିବା ବ୍ୟବସାୟୀମାନେ ଜୁଲାଇରେ ରୂପାଣୀଙ୍କ ଘରକୁ ଯାଇ ଟଙ୍କା ମାଗିଥିଲେ। ବିଜେପି ପକ୍ଷରୁ ଟଙ୍କା ଦିଆଯାଇ ନ ଥିବା ଜାଣିବା ପରେ ପରିବାର ସଦସ୍ୟଙ୍କୁ ବଡ଼ ଝଟ୍‌କା ଲାଗିଥିଲା। ରୂପାଣୀ ପରିବାରର ଜଣେ ବନ୍ଧୁ କହିଛନ୍ତି ଯେ ଟଙ୍କାକୁ ନେଇ ପ୍ରଶ୍ନ ଉଠାଯାଉ ନାହିଁ। ମାତ୍ର ବିଜେପିର ଏଭଳି ଆଭିମୁଖ୍ୟ ଯନ୍ତ୍ରଣାଦାୟକ। ଦଳ ଏ ନେଇ ପୂର୍ବରୁ କୌଣସି ସୂଚନା ଦେଇ ନ ଥିଲା। ଜଣେ ପରିବାର ସଦସ୍ୟଙ୍କ ଅନୁଯାୟୀ ଘର ଲୋକଙ୍କ ପାଖରେ ଟଙ୍କାର ଅଭାବ ନାହିଁ। କିନ୍ତୁ ବିଜେପିର ଏପରି ଆଭିମୁଖ୍ୟକୁ ମାନବିକତା ଏବଂ ସମ୍ମାନ ଦୃଷ୍ଟିରୁ ଉଚିତ ଧରାଯାଇପାରିବ ନାହିଁ।

'କୁକୁର ରାୟ' ବିରୋଧୀଙ୍କୁ ମୋଦୀଙ୍କ କଟାକ୍ଷ

# 'ଗାଈକୁ ପଶୁ ମାନନ୍ତିନି ପଶୁପ୍ରେମୀ'

ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ସାରା ଦେଶରେ ସୁପ୍ରିମକୋର୍ଟଙ୍କ ବୁଲା କୁକୁର ରାୟକୁ ନେଇ ବିବାଦ ଜାରି ରହିଛି। ଏପରି ସମୟରେ ପଶୁପ୍ରେମୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଟାକ୍ଷ କରିଛନ୍ତି। ଗତ ୧୨ ତାରିଖରେ ଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୋଦୀ କହିଥିଲେ ଯେ କିଛି ଦିନ ତଳେ ସେ କେତେ ଜଣ ପଶୁପ୍ରେମୀଙ୍କୁ ଭେଟିଥିଲେ। ଆମ ଦେଶରେ ଏଭଳି ବହୁତ ପଶୁପ୍ରେମୀ ଅଛନ୍ତି। ତେବେ ବିଶେଷ କଥା ହେଉଛି ଯେ ସେମାନେ ଗାଈକୁ ପଶୁ ମାନନ୍ତି ନାହିଁ। ପ୍ରଧାନମନ୍ତ୍ରୀଙ୍କ ଏପରି ଟିପ୍ପଣୀ ଶୁଣି କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ହଲ୍‌ରେ ଥିବା ଅନ୍ୟମାନେ ଜୋର୍‌ସୋର୍‌ରେ ହସିବାରେ ଲାଗିଥିଲେ। ପରେ କାହିଁକି ଏତେ ହସ ଲାଗିଲା ବୋଲି ମୋଦୀ ପଚାରି ଥିଲେ। ଏବେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହା ପୂର୍ବରୁ ଅଗଷ୍ଟ ୧୧ରେ ସୁପ୍ରିମକୋର୍ଟ ଦିଲ୍ଲୀ-ଏନ୍‌ସିଆରରୁ କୁକୁରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ସାରା ଦେଶରେ ବିକ୍ଷୋଭ ହେବା ପରେ କୋର୍ଟ ନିଜ ରାୟ ସମୀକ୍ଷା କରିଥିଲେ।

# ଭାରତକୁ ପୁଣି ଟ୍ରମ୍ପ ମନ୍ତ୍ରୀଙ୍କ ଧମକ

ୱାଶିଂଟନ, ୧୪।୯ (ଏଜେନ୍ସି): ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ଲାଗି ରହିଛି। ଆମେରିକା ରାଷ୍ଟ୍ରପତି ଭାରତ ସହ ସମ୍ପର୍କ ସୁଧାରିବାକୁ ଚାହୁଁଥିବାବେଳେ ତାଙ୍କ ବାଣିଜ୍ୟ ମନ୍ତ୍ରୀ ହାଭର୍ଡ ଲୁଟନିକ ପୁଣି ଭାରତକୁ ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ଭାରତକୁ ଶୁଳ୍କ ହ୍ରାସ କରିବାକୁ ପଡିବ। ଏପରି ନ କଲେ ଭାରତ ବ୍ୟବସାୟରେ କଡ଼ା ଆହ୍ୱାନର ସମ୍ମୁଖୀନ ହେବ। ସେ ଏକ ସାକ୍ଷାତକାରରେ ଏହି ଟିପ୍ପଣୀ ଦେଇଥିଲେ। ଏଠାରେ ତାଙ୍କୁ ଭାରତ, କାନାଡ଼ା ଏବଂ ବ୍ରାଜିଲ ଭଳି ସହଯୋଗୀ ଦେଶଙ୍କ ଉପରେ ଶୁଳ୍କ ଲଗାଇ ସମ୍ପର୍କକୁ ଆମେରିକା ଖରାପ କରୁଛି କି ନାହିଁ ବୋଲି ତାଙ୍କୁ ପଚରା ଯାଇଥିଲା। ଉତ୍ତରରେ ଲୁଟ୍‌ନିକ କହିଥିଲେ ଯେ ଭାରତରେ ୧.୪ ବିଲିୟନ ଲୋକ ଥିବା ଦାବି କରାଯାଉଛି। କିନ୍ତୁ ଏହି ଦେଶ ଆମେରିକାରୁ ୨୫ କିଲୋ ମକା ବି କିଣୁନାହିଁ। ମାତ୍ର ଆମେରିକା ଖୋଲାଖୋଲି ଭାବେ ଭାରତୀୟ ସାମଗ୍ରୀ କିଣୁଛି। ବିକ୍ରି କରିବା ବେଳକୁ ଭାରତ ବଡ଼ କାନ୍ଥ ଛିଡ଼ା କରିଦେଉଛି। ସବୁ ସାମଗ୍ରୀ ଉପରେ ଶୁଳ୍କ ଲଗାଉଛି। ଏହି ସମ୍ପର୍କ ଏକପାଖିଆ। ଭାରତ ଆମେରିକାର ଲାଭ ଉଠାଉଛି। କିନ୍ତୁ ଆମେରିକାକୁ ନିଜ ଅର୍ଥନୀତିଠାରୁ ଦୂରରେ ରଖିଛି। ରାଷ୍ଟ୍ରପତି ଟ୍ରମ୍ପ ନିରପେକ୍ଷ ଏବଂ ପାରସ୍ପରିକ ବ୍ୟାପାର ଚାହୁଁଛନ୍ତି। ଦୀର୍ଘ ବର୍ଷ ହେଲା ଚାଲି ଆସିଥିବା ଭୁଲ୍‌କୁ ଦେଶ ସୁଧାରିବାକୁ ଚାହୁଁଛି।

# '୨୦ ନ ଦେଲେ ୧୦୦ରେ ଲଢ଼ିବୁ'

**ଏନ୍‌ଡିଏ ଉପରେ ମାନ୍‌ଝୀ ଚାପ**

ପାଟନା, ୧୪।୯ (ଏଜେନ୍ସି): ନିଜର ଏବଂ ପୁଅ-ବୋହୂଙ୍କ କ୍ୟାରିୟର ଗଢ଼ି ସାରିବା ପରେ କେନ୍ଦ୍ରମନ୍ତ୍ରୀ ତଥା ହାମ୍ ମୁଖ୍ୟ ଜିତନ ରାମ ମାନଝୀ ନିଜ ଦଳକୁ ଆଞ୍ଚଳିକରୁ ଜାତୀୟ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ଡିଏ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ୧୫ରୁ ୨୦ ଆସନ ନ ମିଳିଲେ ୫୦ରୁ ୧୦୦ ଆସନରେ ଲଢ଼ିବୁ ବୋଲି କହିଛନ୍ତି। ସେ ଗୟାଜୀରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଏହି ଟିପ୍ପଣୀ ଦେଇଥିଲେ। ମାନ୍‌ଝୀ କହିଥିଲେ ଯେ ହମ୍ ଛୋଟମୋଟ ଦଳ ନୁହେଁ। ଏହା ୧୦ ବର୍ଷ ପୁରୁଣା ଦଳ। ଏହା ଜାତୀୟ ସ୍ତରୀୟ ଦଳ ହେଉ ବୋଲି ସେ ଚାହୁଁଛନ୍ତି। ଏଥିପାଇଁ ଦୁଇଟି ମାନଦଣ୍ଡ ଅଛି। ଗୋଟିଏ ବିଧାନସଭାରେ ୬୦% ଆସନ ଜିତିବାକୁ ପଡିବ। ଯଦି ଆମେ ୧୫ ରୁ ୨୦ ଆସନ ପାଇବୁ, ତେବେ ଆମେ ୮-୯ ଆସନ ଜିତିବୁ। କିମ୍ବା ମୋଟ ୬% ଭୋଟ ପାଇବାକୁ ହେବ। ସେହି ଅନୁସାରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଆମର ୧୦ ରୁ ୧୫ ହଜାର ଭୋଟ ଅଛି। ଯଦି ଏନ୍‌ଡିଏ ମେଣ୍ଟ ମୋତେ ୧୫ ରୁ ୨୦ ଆସନ ନ ଦିଏ, ତେବେ ଆମେ ୫୦ ରୁ ୧୦୦ ଆସନରେ ଏକା ଲଢ଼ିବୁ। ସେହି ଅନୁସାରେ ଦଳ ମୋଟ୍ ଭୋଟରୁ ୬% ପାଇପାରିବ। ଏହା ପରେ ହାମ୍‌କୁ ଜାତୀୟ ଦଳର ମାନ୍ୟତା ମିଳିବ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।


**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୮୭୬- ବଙ୍ଗଳା ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମ।
- ୧୯୩୧- ଗାନ୍ଧୀ-ଇରୱିନ୍ ଚୁକ୍ତି ସ୍ୱାକ୍ଷରିତ।
- ୧୯୫୯- ଦୂରଦର୍ଶନର ପ୍ରସାରଣ ସେବା ଆରମ୍ଭ ହେଲା।
- ୧୯୯୮- ଗୁଗଲ୍ ଡଟ୍‌କମ୍ ଡୋମେନ୍ ନେମ୍ ଭାବେ ପଞ୍ଜୀକୃତ ହେଲା।
- ୨୦୦୧- ଆମେରିକୀୟ ସିନେଟ୍ ରାଷ୍ଟ୍ରପତିଙ୍କୁ ଆଫଗାନିସ୍ତାନରେ ସେନା କାର୍ଯ୍ୟକଳାପ ପାଇଁ ଅନୁମତି ଦେଲା।

## 'ଦୃଶ୍ୟମ୍ ୩'ର ରିଲିଜ୍ ଡେଟ୍ ଫାଇନାଲ



'ଦୃଶ୍ୟମ୍' ଭାରତୀୟ ସିନେମା ଇତିହାସରେ ଏପରି ଏକ ଫିଲ୍ମ ଯାହାକୁ ଦର୍ଶକେ ବାରମ୍ବାର ଦେଖିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି। ମଲାୟାଲମ୍ ଭାଷାରେ ନିର୍ମିତ ଏହି ଫିଲ୍ମରେ ମୋହନଲାଲ ଜର୍ଜ କୁଟ୍ଟି ଭୂମିକାରେ ଅଭିନୟ କରିଥିଲେ। ଏହାର ହିନ୍ଦୀ ଭର୍ସନରେ ଅଜୟ ଦେବଗନ୍ ଲିଡ୍ ରୋଲରେ ନଜର ଆସିଥିଲେ। 'ଦୃଶ୍ୟମ୍' ସିରିଜ୍‌ର ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ଏବେ ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ 'ଦୃଶ୍ୟମ୍ ୩'ର ଲେଖକ ତଥା ନିର୍ଦ୍ଦେଶକ ଜିତୁ ଜୋସେଫ୍‌ଙ୍କର ଏକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ସେ କହିଛନ୍ତି, 'ମୋତେ ବକ୍ସ ଅଫିସ୍ କଲେକ୍ସନ୍‌କୁ ନେଇ ଚିନ୍ତା ନାହିଁ। ଏହି ଫିଲ୍ମ ଦର୍ଶକଙ୍କୁ ଏକ ଭଲ ଅନୁଭବ ଦେଉ। ଏହାର କାହାଣୀ 'ଦୃଶ୍ୟମ୍'ର ଅଲଗା ଦୁଇଟି ଫିଲ୍ମଠାରୁ ପୂରାପୂରି ଭିନ୍ନ ହେବ। ଏଥିରେ 'ଦୃଶ୍ୟମ୍ ୨'ର ଚାରି ବର୍ଷ ପରର କାହାଣୀକୁ ଦେଖାଯିବ। ଏଥିରେ ଜର୍ଜକୁଟ୍ଟୀଙ୍କ ଜୀବନର ଏକ ନୂଆ ଦିଗ ଦର୍ଶକଙ୍କ ସାମ୍ନାକୁ ଆସିବ।' 'ଦୃଶ୍ୟମ୍ ୩'ର ସୁଟିଂ ଆସନ୍ତା ଅକ୍ଟୋବରରୁ ହିନ୍ଦୀ ଓ ମଲାୟାଲମ୍ ଦୁଇଟି ଭାଷାରେ ଆରମ୍ଭ ହେବ। ଏହା ପୂର୍ବ ନିର୍ଦ୍ଧାରିତ ଡେଟ୍ ଅନୁଯାୟୀ, ୨ ଅକ୍ଟୋବର, ୨୦୨୬ରେ ରିଲିଜ୍ ହେବ ବୋଲି ଜିତୁ କହିଛନ୍ତି। ଏହାର ହିନ୍ଦୀ ଭର୍ସନ୍‌ରେ ଅଜୟ ଦେବଗନ୍ ଓ ମଲାୟାଲମ୍‌ରେ ମୋହନଲାଲଙ୍କୁ ପୁଣି ଥରେ ଜର୍ଜ କୁଟ୍ଟି ଭୂମିକାରେ ଦେଖିବାକୁ ମିଳିବ।

## କାଫେରେ ନୀରବତା

ଜେନରେସନ ଜେଡ୍‌ଙ୍କ ମଧ୍ୟରେ ଆଜିକାଲି ବିଭିନ୍ନ ପ୍ରକାର ଟ୍ରେଣ୍ଡ ଭାଇରାଲ ହେଉଛି। ସେଥିରୁ ଅନ୍ୟତମ ସାଇଲେଣ୍ଟ କାଫେ। ଏହା ହେଉଛି ଏମିତି ଏକ କାଫେ, ଯେଉଁଠି କଥାବାର୍ତ୍ତା ନ ଥାଏ। ଏଠାରେ ଯୁବକଯୁବତୀମାନେ କାହାରି ସହିତ କଥାବାର୍ତ୍ତା ନ କରି ନିଜ କାମ କରନ୍ତି, ପଢ଼ନ୍ତି, ଲେଖାଲେଖି କରନ୍ତି ଏବଂ ନିଜ ଭାବନାରେ ମଗ୍ନ ରହିବାକୁ ଭଲପାଆନ୍ତି। ସେହିପରି ଏଭଳି କାଫେରେ ସଙ୍ଗୀତର ଧୂନ୍ ନ ଥାଏ କି ଲୋକଙ୍କ କଥାବାର୍ତ୍ତା। ତେବେ ଆଜିର ନୂଆପିଢ଼ି ନିଜ କାମ ଓ ବ୍ୟକ୍ତିଗତ ଜୀବନରେ ଅଧିକ ବ୍ୟସ୍ତ ରହିବା ଯୋଗୁଁ ନିଜ ପାଇଁ ସମୟ ବାହାର କରିପାରୁନାହାନ୍ତି। ଏଭଳି କ୍ଷେତ୍ରରେ ସାଇଲେଣ୍ଟ କାଫେ ସେମାନଙ୍କୁ ଶାନ୍ତିରେ ବସି କାମ କରିବାର ସୁଯୋଗ ପ୍ରଦାନ କରୁଛି। ସେହିପରି ସାଇଲେଣ୍ଟ କାଫେ ଲୋକଙ୍କୁ ସ୍କ୍ରିନ୍‌ଠାରୁ ଦୂରେଇ ରହିବାର ଅବସର ପ୍ରଦାନ କରୁଛି। ବିଶେଷକରି ଛାତ୍ରଛାତ୍ରୀ ତଥା କ୍ରିଏଟିଭ୍ ପ୍ରଫେସନାଲଙ୍କ ମଧ୍ୟରେ ଏହି ଟ୍ରେଣ୍ଡ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ଏଭଳି କାଫେରେ ବସି ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତି କରିବା, ନିଜର କ୍ରିଏଟିଭ୍ ପ୍ରୋଜେକ୍ଟ ଉପରେ କାମ କରିବାକୁ ପସନ୍ଦ କରୁଛନ୍ତି। ବିଶେଷକରି ଲେଖକ ଓ ଚିତ୍ରଶିଳ୍ପୀଙ୍କ ପାଇଁ ଏହା ଏକ ଉତ୍ତମ ସ୍ଥାନ ପାଲଟିଛି। ବହୁତ ଲୋକ ନିଜ ସାଙ୍ଗସାଥୀଙ୍କ ସହିତ ଏଠାକୁ ଆସି ବହିପଢ଼ିବା ସହ ନିଜର ଅନ୍ୟାନ୍ୟ କାମ କରି କଫିର ମଜା ନେଇଥାନ୍ତି। ଅନ୍ୟପଟେ ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ, ପୁନେର ଲୋକେ ସାଇଲେଣ୍ଟ କାଫେ କଲଚରକୁ ଖୁବ୍ ପସନ୍ଦ କରୁଛନ୍ତି।



# ଜାତୀୟ ଯନ୍ତ୍ରୀ ଦିବସ ଓ ସାର୍ ବିଶ୍ୱେଶ୍ୱରାୟା

ଇଂ ପ୍ରଦୀପ୍ତ କୁମାର ଶତପଥି



ଆଜି ଇଞ୍ଜିନିୟର ଦିବସ। ଦେଶର ଉନ୍ନତିରେ ଯନ୍ତ୍ରୀଙ୍କ ଭୂମିକାକୁ ମନେପକାଇବା ଲାଗି ମହାନ୍ ଇଞ୍ଜିନିୟର ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନରେ ଜାତୀୟ ଯନ୍ତ୍ରୀ ଦିବସ ପାଳିତ ହୁଏ। ସାର୍ ବିଶ୍ୱେଶ୍ୱରାୟଙ୍କ ସଫଳତାକୁ ସ୍ମରଣ କରିବା ଏବଂ ସେଥିରୁ ଅନୁପ୍ରାଣିତ ହୋଇ ଭବିଷ୍ୟତରେ ଇଞ୍ଜିନିୟରିଂ କ୍ଷେତ୍ରକୁ କିପରି ଆହୁରି ଉନ୍ନତ ଓ ପ୍ରଶସ୍ତ କରାଯିବ ସେସମ୍ବନ୍ଧରେ ଚିନ୍ତନ ମନ୍ଥନ କରିବା ଉଦ୍ଦେଶ୍ୟରେ ଏହି ଦିବସର ପରିକଳ୍ପନା କରାଯାଇଛି। ୧୯୬୮ ମସିହାରେ ପ୍ରଥମେ ଇଞ୍ଜିନିୟର ଦିବସ ପାଳନ କରାଯାଇଥିଲା। ଇଞ୍ଜିନିୟରମାନଙ୍କ ଅକ୍ଲାନ୍ତ ଉଦ୍ୟମ ଓ ଅସାଧାରଣ ବୁଦ୍ଧି ଯୋଗୁଁ ଆମେ ଆଜି ଏକ ଆଧୁନିକ ତଥା ଉନ୍ନତ ସମାଜରେ ବାସ କରିବା ସମ୍ଭବ ହୋଇପାରିଛି। ସମାଜ ପ୍ରତି ଯନ୍ତ୍ରୀମାନଙ୍କର ଉଲ୍ଲେଖନୀୟ ଉପଲବ୍ଧି ଓ ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କ ଅଭିନବ ବିଚାରକୁ ସ୍ୱୀକୃତି ଦେବା ଏବଂ ବିଶ୍ୱ ଗଠନରେ ସେମାନଙ୍କର ଅପରିହାର୍ଯ୍ୟ ଭୂମିକାକୁ ଉଲ୍ଲେଖ କରିବା ପାଇଁ ଏହି ଦିବସ ଉତ୍ସର୍ଗୀକୃତ। ସାର୍ ବିଶ୍ୱେଶ୍ୱରାୟା ଖାଲି ଯେ ଜଣେ ଇଞ୍ଜିନିୟର ଥିଲେ ତାହା ନୁହେଁ, ସେ ଜଣେ ଦୂରଦର୍ଶୀ ବିଦ୍ୱାନ ହେବା ସହ ଜଣେ ନିପୁଣ ରାଜନେତା ମଧ୍ୟ ଥିଲେ। ସରଳ ଜୀବନ ଯାପନ ଏବଂ ଉଚ୍ଚ ଚିନ୍ତାଧାରା ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ସାର୍ ବିଶ୍ୱେଶ୍ୱରାୟା ବାଙ୍ଗାଲୋର ନିକଟ ମୁଦ୍ଦେନାହାଲ୍ଲିଠାରେ ୧୮୬୧ ମସିହା ସେପ୍ଟେମ୍ବର ୧୫ ତାରିଖରେ ଏକ ତାମିଲ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କୁ ୧୫ ବର୍ଷ ହୋଇଥିବାବେଳେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ପିତାଙ୍କ ଦେହାନ୍ତ ପରେ ସାର୍ ବିଶ୍ୱେଶ୍ୱରାୟା ବାଙ୍ଗାଲୋରରେ ତାଙ୍କ ମାମୁଁଘରେ ରହି ପାଠ ପଢ଼ିଥିଲେ। ମାଧ୍ୟମିକ ଶିକ୍ଷା ସମାପ୍ତ ପରେ ସେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ୧୮୮୧ ମସିହାରେ ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ କାଳରେ ସେ ପୁନା ଇଞ୍ଜିନିୟରିଂ କଲେଜରୁ ସିଭିଲ ଇଂଜିନିୟରିଂ ପାସ୍ କରିଥିଲେ। ମହାରାଷ୍ଟ୍ର ସରକାର ସାର୍ ବିଶ୍ୱେଶ୍ୱରାୟାଙ୍କୁ ୧୮୮୫ ମସିହାରେ ନାସିକଠାରେ ସହକାରୀ ଯନ୍ତ୍ରୀ ଭାବରେ ନିଯୁକ୍ତି ପ୍ରଦାନ କରିଥିଲେ ଏବଂ ଦୀର୍ଘ ୬୫ ବର୍ଷ ଧରି ସେ ସେଠାରେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ସାର୍ ବିଶ୍ୱେଶ୍ୱରାୟା ଭାରତର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ଉଚ୍ଚକୋଟୀର ଇଞ୍ଜିନିୟରିଂ ପ୍ରକଳ୍ପମାନ ନିର୍ମାଣ କରିଥିଲ। ଦାକ୍ଷିଣାତ୍ୟ ମାଳଭୂମିରେ ଅତ୍ୟାଧୁନିକ ଜଳସେଚନ ପ୍ରଣାଳୀର ଡିଭାଇନ୍ ଓ ନିର୍ମାଣ, ହାଇଦ୍ରାବାଦ ପାଇଁ ଏକ ବନ୍ୟା ନିରୋଧକ ପ୍ରକଳ୍ପର ଡିଜାଇନ୍ ଓ ନିର୍ମାଣ, ବିଶାଖାପାଟଣା ବନ୍ଦରକୁ ସମୁଦ୍ର ଜୁଆରରୁ ରକ୍ଷା କରିବା ପାଇଁ ପ୍ରତିରୋଧକ ପ୍ରକଳ୍ପ ନିର୍ମାଣ, ମହୀଶୁର ସାବୁନ କାରଖାନାର ଯୋଜନା ପ୍ରଣୟନ ଏବଂ ନିର୍ମାଣ, ମହୀଶୂରର ଭଦ୍ରାବତୀ ଲୌହ ଏବଂ ଇସ୍ପାତ ପ୍ରକଳ୍ପ ନିର୍ମାଣ, ନଦୀବନ୍ଧ ଯୋଜନା ଏବଂ ବ୍ୟାରେଜଗୁଡ଼ିକ ପାଇଁ ସ୍ୱୟଂଚାଳିତ ଫାଟକର ନିଜ ଡିଜାଇନ୍ ଏବଂ ନିର୍ମାଣ ତାଙ୍କ କାର୍ଯ୍ୟଦକ୍ଷତାର ପ୍ରମାଣ ଦିଏ। ବ୍ରିଟିଶ ଇଞ୍ଜିନିୟରମାନେ ସାର୍ ବିଶ୍ୱେଶ୍ୱରାୟାଙ୍କ କାର୍ଯ୍ୟକୁଶଳତା ପାଇଁ ତାଙ୍କୁ ଅନେକଥର ପ୍ରଶଂସା କରିଥିଲେ। ୧୯୦୯ ମସିହାରେ ସେ ମହୀଶୂର ରାଜ୍ୟର ମୁଖ୍ୟଯନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ୧୯୧୨ ମସିହାରେ ତତ୍‌କାଳୀନ ମହୀଶୂର ମହାରାଜା ତାଙ୍କୁ ମହୀଶୂର ରାଜ୍ୟର ଦେୱାନ ଭାବେ ମନୋନୀତ କରିଥିଲେ। ତାଙ୍କ କାର୍ଯ୍ୟକାଳରେ ସେ ମହୀଶୂର ରାଜ୍ୟର ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥାର ଉନ୍ନତି ପାଇଁ ବିଶେଷ ଧ୍ୟାନ ଦେଇଥିଲେ। ୧୯୩୦ ମସିହାରେ ସାର୍ ବିଶ୍ୱେଶ୍ୱରାୟା କ୍ରିଷ୍ଣରାଜା ସାଗର ବନ୍ଧ ଉନ୍ନୟନ ଯୋଜନାର ମୁଖ୍ୟଯନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। କାବେରୀ ନଦୀ ଉପରେ ନିର୍ମିତ ଏହି ବହୁମୁଖୀ ନଦୀବନ୍ଧ ଯୋଜନାର ଡିଜାଇନ୍ ଏବଂ ନିର୍ମାଣ କାର୍ଯ୍ୟର ସେ ବ୍ୟକ୍ତିଗତ ଭାବରେ ତଦାରଖ କରୁଥିଲେ। ଏହି ନଦୀବନ୍ଧ ଯୋଜନା ଏବଂ କେନାଲମାନ ନିର୍ମାଣ ହେବା ପରେ ସେହି ଅଞ୍ଚଳର ଜଳସେଚନ ଏବଂ କୃଷିଭିତ୍ତିକ ଯୋଜନାମାନଙ୍କରେ ବ୍ୟାପକ ଉନ୍ନତି ହୋଇଥିଲା। ଭାରତରେ ବ୍ରିଟିଶ ଶାସନ ସମୟରେ ରାଜା ପଞ୍ଚମ ଜର୍ଜ ତାଙ୍କର ବୁଦ୍ଧିମତା, କାର୍ଯ୍ୟକୁଶଳତା ଓ ସମାଜପ୍ରତି ତାଙ୍କର ଅବଦାନ ପାଇଁ ତାଙ୍କୁ "ନାଇଟ କମାଣ୍ଡର" ଉପାଧିରେ ଭୂଷିତ କରିଥିଲେ। ୧୯୫୫ ମସିହାରେ ଭାରତ ସରକାର ସାର୍ ବିଶ୍ୱେଶ୍ୱରାୟଙ୍କୁ "ଭାରତ ରତ୍ନ"ଉପାଧିରେ ଭୂଷିତ କରିଥିଲେ। ୧୯୬୨ ମସିହା ଏପ୍ରିଲ ୧୪ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ।

ଅବସର ପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ତଥା
ସ୍ୱତନ୍ତ୍ର ଶାସନ ସଚିବ ଜଳ ସମ୍ପଦ ବିଭାଗ
ଓଡ଼ିଶା

## ଦେବଶିଳ୍ପୀ ବିଶ୍ୱକର୍ମା



ପ୍ରତିବର୍ଷ କନ୍ୟା ସଂକ୍ରାନ୍ତି ଦିନ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ଏହିଦିନ ଭଗବାନ ବିଶ୍ୱକର୍ମାଙ୍କ ଜନ୍ମ ହୋଇଥିଲା। ବିଶ୍ୱକର୍ମାଙ୍କୁ ବିଶ୍ୱର ପ୍ରଥମ ଯନ୍ତ୍ରୀ କୁହାଯାଏ। ସକଳ ଶିଳ୍ପକଳାର ସେ ଜନକ। ତାଙ୍କୁ ନିର୍ମାଣର ଅଧିଦେବତା ବୋଲି କୁହାଯାଏ। ବ୍ରହ୍ମାଙ୍କ ନିର୍ଦ୍ଦେଶନାରେ ଦେବଶିଳ୍ପୀ ବିଶ୍ୱକର୍ମା ସମଗ୍ର ସୃଷ୍ଟି ଅର୍ଥାତ ବିଶ୍ୱ ଭୁବନ ନିର୍ମାଣ କରିଥିଲେ। ଦେବତାମାନଙ୍କର ସମସ୍ତ ଶସ୍ତ୍ର, ବିମାନ ଆଦି ତାଙ୍କ ଦ୍ୱାରା ନିର୍ମିତ। ସ୍ୱର୍ଗର ଅମରାବତୀ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ। ବିଶ୍ୱକର୍ମା ଇନ୍ଦ୍ରପୁରୀ, ଦ୍ୱାରିକା, ହସ୍ତିନାପୁର, ସ୍ୱର୍ଗଲୋକ, ସ୍ୱର୍ଣ୍ଣଲଙ୍କା ଆଦି ନିର୍ମାଣ କରିଛନ୍ତି। ସେଥିପାଇଁ ଏହି ଅବସରରେ ବିଭିନ୍ନ ଯନ୍ତ୍ର ତଥା ଯନ୍ତ୍ରପାତିର ପୂଜା କରାଯାଇଥାଏ।

ଏହିଦିନ କଳକାରଖାନା ଶିଳ୍ପ ପ୍ରତିଷ୍ଠାନରେ ବିଧିବିଧାନ ସହ ଭଗବାନ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥାଏ। ବିଭିନ୍ନ ଶିଳ୍ପକଳାରେ ଜଡ଼ିତ ଗୋଷ୍ଠୀ ବେଶ୍ ଜାକଜମକରେ ବିଶ୍ୱକର୍ମା ପୂଜା କରିଥାନ୍ତି। ବିଶ୍ୱକର୍ମାଙ୍କ ପୂଜା କରିବା ଦ୍ୱାରା ଭକ୍ତମାନଙ୍କର ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଥାଏ। ଏହାସହ ବ୍ୟବସାୟରେ ମଧ୍ୟ ସୁଧାର ଆସିଥାଏ। କେବଳ ସେତିକି ନୁହେଁ, ବିଶ୍ୱକର୍ମାଙ୍କୁ ପୂଜା କରିବା ଦ୍ୱାରା ଘରେ ଧନ ସମ୍ପତ୍ତିର ଅଭାବ ରହି ନ ଥାଏ। ଚଳିତବର୍ଷ ଏହି ପୂଜା ସେପ୍ଟେମ୍ବର ୧୭ ତାରିଖରେ ପାଳନ କରାଯିବ।

## ସ୍ୱସ୍ତି

## ଆଶ୍ୱିନ ମାସର ନିୟମ



ଏବେ ଆଶ୍ୱିନ ମାସ ଚାଲିଛି। ହିନ୍ଦୁ ଧର୍ମରେ ଆଶ୍ୱିନ ମାସର ବିଶେଷ ମହତ୍ତ୍ୱ ଅଛି। ଏହି ମାସରେ ପୂଜା-ପାଠ କରିବା ଦ୍ୱାରା ବିଶେଷ ଫଳ ପ୍ରାପ୍ତି ହୁଏ। ଏହି ମାସରେ 'ପିତୃପକ୍ଷ', ଦେବୀ ପକ୍ଷ, 'ଶାରଦୀୟ ନବରାତ୍ରୀ', 'ବିଜୟଦଶମୀ', 'ନରକ ଚତୁର୍ଦ୍ଦଶୀ' ଭଳି ପର୍ବ ପାଳନ କରାଯାଏ।

- ଆଶ୍ୱିନ ମାସ ପିତୃପକ୍ଷ ଅବଧି ମଧ୍ୟରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରିବା ଉଚିତ। ଏହା ଦ୍ୱାରା ବିଶେଷ ଫଳପ୍ରାପ୍ତି ହୁଏ।
- ସେହିପରି ପିତୃପକ୍ଷ ଶେଷ ସହ ଶାରଦୀୟ ନବରାତ୍ରୀ ଆରମ୍ଭ ହୁଏ। ଏହି ନଅଦିନ ଯାକ ମା' ଭଗବତୀଙ୍କ ଦିବ୍ୟରୂପକୁ ଉପାସନା କଲେ, ମନୋକାମନା ପୂରଣ ହୁଏ।
- ଆଶ୍ୱିନ ନବରାତ୍ର ସମୟରେ ପ୍ରତ୍ୟେକ ଦିନ ଦୁର୍ଗାସପ୍ତସତୀ ପାଠ କରିବା ଉଚିତ।
- ଏହି ମାସରେ ସ୍ନାନ-ଦାନ କରିବା ଦ୍ୱାରା ବିଶେଷ ଲାଭ ମିଳେ।
- ଏହି ମାସରେ ଗୁଡ଼ ଖାଇବା ଭଲ।
- ଆଶ୍ୱିନ ମାସରେ କ୍ଷୀର ଓ କଦଳୀ ଖାଇବା ମନା। ଏହାସହ ଆମିଷ, ବାଇଗଣ, ଚଣା, ସୋରିଷ ଶାଗ ନ ଖାଇବା ଭଲ।

## ପିତୃକର୍ମରେ ପଞ୍ଚବଳି ଶ୍ରାଦ୍ଧର ମହତ୍ତ୍ୱ

ଚାଲିଛି ପିତୃପକ୍ଷ। ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ। ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି। ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ। ଏହି ପିତୃକର୍ମରେ ପଞ୍ଚବଳି ଶ୍ରାଦ୍ଧର ବିଶେଷ ମହତ୍ତ୍ୱ ଅଛି। ଏହା ବିନା ପିତୃକର୍ମ ଅନୁଷ୍ଠାନ ପୂରା ହୁଏ ନାହିଁ।

ଧାର୍ମିକ ମାନ୍ୟତାନୁସାରେ, ପିତୃପକ୍ଷରେ ପୂର୍ବପୁରୁଷମାନେ ପଶୁପକ୍ଷୀଙ୍କ ରୂପରେ ଆସନ୍ତି। ଦିଆଯାଉଥିବା ଶ୍ରାଦ୍ଧକୁ ସେମାନେ ଏହି ରୂପରେ ସ୍ୱୀକାର କରନ୍ତି। ଏଥିରେ ତୃପ୍ତ ତଥା ପ୍ରସନ୍ନ ହୋଇ ସେମାନେ ପରିବାରକୁ ଆଶୀର୍ବାଦ ଦିଅନ୍ତି। ଶ୍ରାଦ୍ଧ ଭୋଜନ ପ୍ରସ୍ତୁତି ସମୟରେ କିଛି ଭାଗ ପିତୃପୁରୁଷଙ୍କ ପାଇଁ ଅଲଗା ରଖାଯାଏ। ଏହି ଭୋଜନକୁ ଅଲଗା ଅଲଗା ଭାଗରେ ବଣ୍ଟନ କରି ଗାଈ, କୁକୁର, କାଉ, ପିମ୍ପୁଡ଼ି, ଦେବତାଙ୍କୁ ଅର୍ପଣ କରାଯାଏ। ଏହି ପାଞ୍ଚ ଜଣଙ୍କ ପାଇଁ ଭୋଜନର ଯେଉଁ ଅଂଶ କାଢ଼ି ଅର୍ପଣ କରାଯାଏ, ଏହାକୁ ପଞ୍ଚବଳି କର୍ମ ବା ପଞ୍ଚବଳି ଶ୍ରାଦ୍ଧ କୁହାଯାଏ। ଏଠାରେ ବଳିର ଅର୍ଥ କୌଣସି ପ୍ରାଣୀ ବଳି କଥା କୁହାଯାଇ ନାହିଁ, ବରଂ ପିତୃପୁରୁଷଙ୍କ ନିମିତ୍ତ ୫ ଭାଗରେ ଆହର ଅର୍ପଣ କରିବାର ଏହା ହେଉଛି ପରମ୍ପରା। ଯାହା ମାଧ୍ୟମରେ ପିତୃପୁରୁଷ ତୃପ୍ତ ହୁଅନ୍ତି। ପଞ୍ଚବଳି କର୍ମ କରିବାର ବିଧି ମଧ୍ୟ ରହିଛି। ପଞ୍ଚବଳିରେ ୫ ଭାଗର ଅଲଗା ମହତ୍ତ୍ୱ ଅଛି। ଏଥିରେ କୁକୁର ଜଳ ତତ୍ତ୍ୱର ପ୍ରତୀକ ହୋଇଥିବା ବେଳେ ପିମ୍ପୁଡ଼ି ଅଗ୍ନି ତତ୍ତ୍ୱର, କାଉ ବାୟୁ ତତ୍ତ୍ୱର, ଗାଈ ପୃଥିବୀର ପ୍ରତିନିଧିତ୍ୱ କରୁଥିବା ବେଳେ ଦେବତା ଆକାଶର ପ୍ରତୀକ ହୋଇଥାନ୍ତି। ତେବେ ମାନବ ଶରୀର ଏହି ପଞ୍ଚ ତତ୍ତ୍ୱର ମିଶ୍ରଣରେ ତିଆରି ଏବଂ ମୃତ୍ୟୁ ପରେ ଶରୀର ଏହି ପଞ୍ଚ ତତ୍ତ୍ୱରେ ବିଲୀନ ହୋଇଥାଏ। ତେଣୁ ପଞ୍ଚବଳି ଶ୍ରାଦ୍ଧ ମାଧ୍ୟମରେ ଭୋଜନ ଏବଂ ଜଳ ଅର୍ପଣ କରାଯାଏ।



## ପିତୃପୁରୁଷଙ୍କୁ ପିଣ୍ଡଦାନ

**ଆଶ୍ୱିନ କୃଷ୍ଣ ପକ୍ଷ ପିତୃପକ୍ଷ ଭାବେ ପରିଚିତ। ଏହି ପକ୍ଷର ଶେଷଦିନ ଅର୍ଥାତ୍ ଅମାବାସ୍ୟା ତିଥିକୁ 'ମହାଳୟା' ଭାବେ ପାଳନ କରାଯାଏ। ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଏହିଦିନ ଅପରପକ୍ଷର ଶେଷ ଶ୍ରାଦ୍ଧ ଅର୍ପଣ କରାଯାଉଥିବାରୁ ଏହାକୁ ପିତୃପର୍ବ ବୋଲି କୁହାଯାଏ। ମହାଳୟା ଅମାବାସ୍ୟାରେ ପିତୃକୁଳ ଏବଂ ମାତୃକୁଳକୁ ପିଣ୍ଡଦାନ କରାଯାଏ। ପିଣ୍ଡଦାନ ଦ୍ୱାରା ପରଲୋକଗତ ଆତ୍ମାର ସଦ୍‌ଗତି ପ୍ରାପ୍ତି ହୋଇଥାଏ। ତେବେ ଧାର୍ମିକ ପରମ୍ପରା ଅନୁସାରେ, ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧକର୍ମ ମଧ୍ୟରେ ମହାଳୟା ସବୁଠୁ ଶ୍ରେଷ୍ଠ।**

ମହାଳୟାକୁ 'ସାମ୍ବତ୍ସରିକ ଶ୍ରାଦ୍ଧ', 'ପାର୍ବଣ ଶ୍ରାଦ୍ଧ' ଏବଂ 'ମଉଳା ଶ୍ରାଦ୍ଧ' ମଧ୍ୟ କୁହାଯାଏ। ଯଦି କୌଣସି ବ୍ୟକ୍ତି ନିଜ ପୂର୍ବପୁରୁଷଙ୍କ ଦେହାନ୍ତ ତିଥି ମନେ ରଖି ନାହାନ୍ତି, ସେମାନଙ୍କ ଶ୍ରାଦ୍ଧକର୍ମ ପିତୃପକ୍ଷର ଶେଷଦିନ ଅର୍ଥାତ୍ ମହାଳୟା ଅମାବାସ୍ୟାରେ କରାଯିବ ଉଚିତ। ମହାଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ପ୍ରଜାପତି, ଆଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଃଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ, ସନତ, ସନ୍ଦନ, ସନାତନ, କପିଳ, ଆସୁରୀ, ଡୋବୁ ଏବଂ ପଞ୍ଚଶିଖ ଇତ୍ୟାଦି ସପ୍ତ ଋଷିଙ୍କୁ ଦୁଇଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣରେ ଆପ୍ୟାୟିତ କରାଯାଏ। ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁ ରୂପେ ଏବଂ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ କଳ୍ପିତ କରାଯାଏ। ପିଣ୍ଡଦାତାଙ୍କ ଆଳୟରେ ସର୍ବଦେବ, ଋଷି ଏବଂ ପିତୃପୁରୁଷଙ୍କ ଉପସ୍ଥିତି ହେତୁ ଏହାକୁ ମହାଳୟା ଶ୍ରାଦ୍ଧ କୁହାଯାଏ।

କିମ୍ବଦନ୍ତୀ ଅନୁସାରେ, ମହାଦାନୀ କର୍ଣ୍ଣଙ୍କର ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଥିଲା। କିନ୍ତୁ ଖାଦ୍ୟ ଦିଆଯାଇ ନ ଥିଲା। କାରଣ ସେ ଜୀବିତାବସ୍ଥାରେ କେବେ ଅନ୍ନଦାନ କରି ନ ଥିଲେ। ଯମରାଜଙ୍କୁ ପ୍ରାର୍ଥନା କରି ସେ ଚଉଦ ଦିନ ପାଇଁ ମର୍ତ୍ତ୍ୟମଣ୍ଡଳକୁ ଆସି ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ କରିଥିଲେ। ଫଳରେ ଯମପୁର ଫେରିବା ପରେ ତାଙ୍କୁ ଆଉ ଅନ୍ନରୁ ବଞ୍ଚିତ କରାଯାଇ ନ ଥିଲା। ତେବେ ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ଥିଲା ପିତୃପକ୍ଷ। ଏହି ଶ୍ରାଦ୍ଧରେ ସନ୍ତୁଷ୍ଟ ହେଲେ ପିତୃଗଣ ସେମାନଙ୍କ ଦାୟାଦମାନଙ୍କୁ ଆଶୀର୍ବାଦ ଢ଼ାଳିଥାନ୍ତି ବୋଲି ମାର୍କଣ୍ଡ ପୁରାଣରେ ଉଲ୍ଲେଖ ରହିଛି। ପିତୃପକ୍ଷରେ ଗୟାରେ ପିଣ୍ଡଦାନର ବିଶେଷ ମହତ୍ତ୍ୱ ରହିଥାଏ। ସେହିପରି ଓଡ଼ିଶାର ବିଭିନ୍ନ ଘାଟରେ ପିଣ୍ଡଦାନ କରିବାର ପରମ୍ପରା ଅଛି। ଅନ୍ୟପଟେ ମହାଳୟା ପରଦିନରୁ ଆଶ୍ୱିନ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୋଇଥାଏ ନବରାତ୍ରୀ।

### ଏସିଆ କପ୍: ୭ ୱିକେଟରେ ଭାରତର ଦମ୍‌ଦାର ବିଜୟ

# ଦୁବାଇରେ ଧୂଳି ଚାଟିଲା ପାକିସ୍ତାନ

ଦୁବାଇ,୧୪।୯ (ଏଜେନ୍ସି)

ବୋଲରଙ୍କ ଚମତ୍କାର ଓ ବ୍ୟାଟରଙ୍କ ବିସ୍ଫୋରକ ପ୍ରଦର୍ଶନ ବଳରେ ଏଠାରେ ରବିବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ହାଇଭୋଲଟେଜ୍ ମ୍ୟାଚ୍‌ରେ ଭାରତ ତାହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତୀୟ ସ୍ପିନର କୁଲଦୀପ ଯାଦବ ଓ ଅକ୍ଷର ପଟେଲ ମିଳିତଭାବେ ୫ଟି ଓ ଯଶପ୍ରୀତ୍ ବୁମ୍‌ରା ଆଉ ୨ଟି ୱିକେଟ ନେବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କରିଥିଲା ୧୨୭ ରନ୍। ଜବାବରେ ୧୨୮ ରନ୍‌ର ଲକ୍ଷ୍ୟକୁ ପିଛା କରି ଭାରତ ୧୫.୫ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ୩୧, ତିଳକ ବର୍ମା ୩୧ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅପରାଜିତ ୪୭ ରନ୍ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ୯ ୱିକେଟରେ ହରାଇଥିବା ଭାରତ ଗ୍ରୁପ୍-ଏ'ରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ପ୍ରଥମ ଦଳ ଭାବେ ସୁପର-୪'ରେ ପ୍ରବେଶ କରିଛି। ଆସନ୍ତା ୧୯ ତାରିଖରେ ଓମାନ ସହ ଭାରତ ତାହାର ଶେଷ ଗ୍ରୁପ୍ ଲିଗ୍ ମ୍ୟାଚ୍ ଖେଳିବ। ପାକିସ୍ତାନ ବିପକ୍ଷ ଆଜିର ମୁକାବିଲାରେ ୪ ଓଭର ବୋଲିଂ କରି ୧୮ ରନ୍‌ରେ ୩ଟି ୱିକେଟ ନେଇଥିବା ଭାରତର ବାମହାତୀ ସ୍ପିନର କୁଲଦୀପ ଯାଦବ ପୁଣିଥରେ ମ୍ୟାଚ୍ ବିଜେତା ସାବ୍ୟସ୍ତ ହୋଇଛନ୍ତି।

ଏଠାରେ ପାକିସ୍ତାନ ପ୍ରଦତ୍ତ ୧୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ବ୍ୟାଟର ଧୂଆଁଧାର ଆରମ୍ଭ କରିଥିଲେ। ବିଶେଷ କରି ଅଭିଷେକ ଶର୍ମା ତାଙ୍କ ଟ୍ରେଡମାର୍କ ଷ୍ଟାଇଲ୍‌ରେ ବ୍ୟାଟିଂ କରିଥିଲେ। ସେ ୧୩ ବଲ୍‌ରେ ୪ଚୌକା ଓ ୨ଛକା ସହ ୩୧ ଓ ତିଳକ ବର୍ମା ୩୧ ବଲ୍‌ରେ ୩୧ ରନ୍ କରି ଆଉଟ ହୋଇଥିଲେ। ଶୁବମନ ଗିଲ୍ (୧୦)ଙ୍କୁ ବୋକା ବନାଇ ଆଉଟ କରିଥିଲେ। ଏହି ୩ଜଣ ଖେଳାଳିଙ୍କୁ ଆଉଟ କରିଥିଲେ ଯୁବ ଅଫ୍ ସ୍ପିନର ସାଏମ ଆୟୁବ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ (ଅପରାଜିତ ୪୭ ରନ୍, ୩୭ ବଲ, ୫ ଚୌକା, ୧ଛକା) ଛକା ମାରି ଭାରତକୁ ଏହି ବିଜୟ ପ୍ରଦାନ କରିଥିଲେ।



ପୂର୍ବରୁ ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ଭାରତୀୟ ବୋଲରଙ୍କୁ ମୁକାବିଲା କରି ନପାରି ଜଣଙ୍କ ପରେ ଜଣେ ଆଉଟ ହୋଇଥିଲେ। ଦଳ ୯ ୱିକେଟରେ ୧୨୭ ରନ୍ କରିଥିଲା। ଯୁବ ଓପନର ସାହିବଜାଦା ଫରହିନ୍ ସର୍ବାଧିକ ୪୦ ଓ ଫକର ଜମାନ ୧୭ ରନ୍ କରିଥିଲେ। କିନ୍ତୁ ଶେଷ ଭାଗରେ ସାହିନ ଆଫ୍ରିଦି ୧୬ ବଲ୍‌ରେ ୪ଛକା ସହ ଅପରାଜିତ ୩୩ ରନ୍ କରିବା ଫଳରେ ପାକିସ୍ତାନ ୧୦୦ ରନ୍ ଅତିକ୍ରମ କରିଥିଲା। ଭାରତ ପକ୍ଷରୁ ସ୍ପିନରମାନେ ୬ଟି ଓ ପେସ୍ ବୋଲର ୩ଟି ୱିକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ: ୧୨୭/୯, ୨୦ ଓଭର (ଫରହାନ- ୪୦, ଆଫ୍ରିଦୀ- ୩୩, ଫାଖର- ୧୭, କୁଲଦୀପ୍- ୩/୧୮, ଅକ୍ଷର- ୨/୧୮, ବୁମରା- ୨/୨୮)
ଭାରତ: ୧୩୧/୩, ୧୫.୫ ଓଭର (ଅଭିଷେକ- ୩୧, ସୂର୍ଯ୍ୟକୁମାର-୪୭, ତିଳକ- ୩୧, ଗିଲ୍- ୧୦, ଆୟୁବ- ୨/୧୯)

### ହାତ ମିଳାଇଲେ ନାହିଁ

ଭାରତ ଓ ପାକିସ୍ତାନ କ୍ରିକେଟ ମୁକାବିଲା ଯେପରି ହାଇଭୋଲଟେଜ୍ ହେବା କଥା ତାହା ଏଠାରେ ଅନୁଷ୍ଠିତ ଏସିଆ କପ୍ ମୁକାବିଲାରେ ଦେଖିବାକୁ ମିଳିନାହିଁ। ଏହି ମ୍ୟାଚ୍ ବନ୍ଦ କରିବାକୁ ସୁପ୍ରିମକୋର୍ଟରେ ମକଦ୍ଦମା, ବୟକଟ କରିବାକୁ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କ ଆବେଦନ ଆଦି ଘଟଣା ଏହି ମୁକାବିଲା ପୂର୍ବରୁ ବେଶ ବିବାଦ ସୃଷ୍ଟି କରିଥିଲା। ଏହାର ପ୍ରଭାବ ମଧ୍ୟ ଖେଳାଳିଙ୍କ ଉପରେ ପଡ଼ିଥିଲା। ମ୍ୟାଚ୍ ଆରମ୍ଭ ପୂର୍ବରୁ ଟସ୍ ପଡ଼ିବା ପରେ ଉଭୟ ଦଳର ଅଧିନାୟକ ପରସ୍ପର ସହ ହାତ ମିଳାଇଥାନ୍ତି। କିନ୍ତୁ ଏଠାରେ ପାକିସ୍ତାନର ଅଧିନାୟକ ସଲମାନ ଅଲି ଆଘାଙ୍କ ସହ ସୂର୍ଯ୍ୟକୁମାର ଯାଦବ ହାତ ମିଳାଇ ନ ଥିଲେ। ଏଭଳି ଘଟଣା ମଧ୍ୟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅଧିନାୟକଙ୍କ ସାମ୍ବାଦିକ ସମ୍ମିଳନୀରେ ଦେଖିବାକୁ ମିଳିଥିଲା। ସେହିପରି ପାକିସ୍ତାନକୁ ୭ ୱିକେଟରେ ହରାଇବା ପରେ ମଧ୍ୟ ଉଭୟ ଦଳର ଖେଳାଳି ପରସ୍ପର ସହ ହାତ ମଧ୍ୟ ମିଳାଇ ନ ଥିଲେ। ସୂର୍ଯ୍ୟକୁମାର ବିଜୟସୂଚକ ଛକା ମାରିବା ପରେ ଦୁବେଙ୍କ ସହ ସିଧା ପଡ଼ିଆ ବାହାରକୁ ଚାଲିଯାଇଥିଲେ।

DP WORLD ASIA CUP
ଆଜିର ମ୍ୟାଚ୍

| | |
|---|---|
| ୟୁଏଇ-ଓମାନ୍ | ଖେଳ ଆରମ୍ଭ : ସନ୍ଧ୍ୟା ୫.୩୦ |
| ଶ୍ରୀଲଙ୍କା-ହଂକଂ | ଖେଳ ଆରମ୍ଭ : ରାତି ୮.୦୦ |

■ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ଟାଇଗର୍ସ-ପାନ୍ଥର୍ସ ଉଦ୍‌ଘାଟନୀ ମୁକାବିଲା

କଟକ,୧୪।୯ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୭ରୁ କଟକ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଖେଳାଯିବ। ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧୀନ ଭୁବନେଶ୍ୱର ଟାଇଟନ୍ସ ଏବଂ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ। ପ୍ରଥମ ଦିବସରେ ଗୋଟିଏ ମ୍ୟାଚ୍ ରହିଛି। ପରେ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୨ଟି ଲେଖାଏ ଲିଗ୍ ମ୍ୟାଚ୍ ଖେଳାଯିବ। ୨୫ ତାରିଖରେ ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଏବଂ ୨୬ ତାରିଖରେ ଫାଇନାଲ ମୁକାବିଲା ହେବ ବୋଲି ଆଜି ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ବିଜୟ ଦ୍ୱାରରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୪।୯ (ଏଜେନ୍ସି): କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲା ଏକତରଫା ଭାବେ ଶେଷ ହେବା ଦ୍ୱାରରେ ପହଞ୍ଚିଛି। ସୋମବାର ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସ ହୋଇଥିବାବେଳେ କେନ୍ଦ୍ରାଞ୍ଚଳ ସାମ୍ନାରେ ବିଜୟ ଲକ୍ଷ୍ୟ ମାତ୍ର ୬୫ ରନ ରହିଛି। ତେଣୁ ୧୧ ବର୍ଷ ପରେ ଏହି ସମ୍ମାନଜନକ ଟ୍ରଫି ଜିତିବା ଲାଗି କେନ୍ଦ୍ରାଞ୍ଚଳ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ଶେଷଥର ଲାଗି କେନ୍ଦ୍ରାଞ୍ଚଳ ୨୦୧୪-୧୫ ସିଜନରେ ଦୁଲୀପ୍ ଟ୍ରଫି ବିଜୟୀ ହୋଇଥିଲା। ୩୬୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍‌ରେ ୧୨୯ ରନ କରିଥିଲା। ରବିବାର ଚତୁର୍ଥ ଦିବସରେ ଦକ୍ଷିଣାଞ୍ଚଳର ବ୍ୟାଟର୍‌ମାନେ ମିଳିତ ଭାବେ ଲଢୁଆ ପ୍ରଦର୍ଶନ କରିବାରୁ ଦଳ ୪୨୬ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଫଳରେ କେନ୍ଦ୍ରାଞ୍ଚଳ ଆଗରେ ୬୫ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଦ୍ୱିତୀୟ ପାଳିରେ ଦକ୍ଷିଣାଞ୍ଚଳ ପକ୍ଷରୁ ଅଙ୍କିତ ଶର୍ମା ୯୯, ଆନ୍ଦ୍ରେ ସିଦ୍ଧାର୍ଥ ୮୪, ସ୍ମରଣ ରବିଚନ୍ଦ୍ରନ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପୂର୍ବରୁ ଏହି ମ୍ୟାଚରେ ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ୧୪୯ ଓ କେନ୍ଦ୍ରାଞ୍ଚଳ ୫୧୧ ରନ କରିଥିଲା।

## ଡେଭିସ୍ କପ୍ ମୁଖ୍ୟ ଡ୍ର'ରେ ଭାରତ


ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ସ୍ୱିଜରଲାଣ୍ଡକୁ ୩-୧ ରେ ପରାସ୍ତ କରି ଭାରତ ୱାର୍ଲ୍ଡ ଗ୍ରୁପ୍-୧ ଡେଭିସ୍ କପ୍ ମୁକାବିଲା ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ଭାରତ ବିଦେଶ ମାଟିରେ ୧୯୯୩ ପରେ ପ୍ରଥମଥର କୌଣସି ୟୁରୋପୀୟ ଦେଶକୁ ପରାସ୍ତ କରିବାର ଗୌରବ ଲାଭ କରିଛି। ୧୯୯୩ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସକୁ ଶେଷଥର ଲାଗି ବିଦେଶ ମାଟିରେ ପରାସ୍ତ କରିଥିଲା। ସେହିପରି କୌଣସି ୟୁରୋପୀୟ ଦଳକୁ ଯଥା ଡେନ୍‌ମାର୍କରୁ ୨୦୨୨ ଦିଲ୍ଲୀରେ ହରାଇଥିଲା।

## ସୁଟିଂ ବିଶ୍ୱକପ୍‌ରେ ଭାରତ ୫ମ



ନିନ୍‌ବୋ,୧୪।୯ (ଏଜେନ୍ସି): ଭାରତର ମେଘନା ସାଜନର ଚୀନର ନିନ୍‌ବୋରେ ଚାଲିଥିବା ବର୍ଷର ଶେଷ ଟୁର୍ଣ୍ଣାମେଣ୍ଟ ବା ଆଇଏସ୍‌ଏସ୍‌ଏଫ୍ ସୁଟିଂ ବିଶ୍ୱକପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଇଶା ସିଂ ସ୍ୱର୍ଣ୍ଣପଦକ ଜିତିଥିଲାବେଳେ ଭାରତ ଏହି ପ୍ରତିଯୋଗିତାରେ ୫ମ ସ୍ଥାନ ଅଧିକାର କରିଛି। ୩ ସ୍ୱର୍ଣ୍ଣ ସହ ଚୀନ୍ ପ୍ରଥମ ଓ ୨ ସ୍ୱର୍ଣ୍ଣ ସହ ନରୱେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ପ୍ରତିଯୋଗିତାରେ ୧୦ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ସ୍କୁଲ ଚେସ୍‌ରେ ଶିବମ୍ ବିଜେତା



ଭୁବନେଶ୍ୱର,୧୪।୯ (ସମିସ): ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଜେଭି ଶିବମ ସ୍ନିଗ୍ଧା ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି। ସେ ଗୋଟିଏ ଦିନରେ ଖେଳାଯାଇଥିବା ୫ ରାଉଣ୍ଡ ବିଶିଷ୍ଟ ଖେଳରେ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଟକର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍, ପଟିଆର ଦିବ୍ୟାଂଶୁ ପଶାୟତ ତୃତୀୟ, ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ଚତୁର୍ଥ ଓ ଆୟୋଜକ ଚନ୍ଦ୍ରଶେଖରପୁର ଡିଏଭିର ଆଶୁତୋଷ ଅରୁଣ ଦାସ ୫ମ ସ୍ଥାନ ଅଧିକାର କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ ସ୍ନିଗ୍ଧା ଏକାଡେମୀର ଏମ୍‌ଡି ବିଚିତ୍ରା ରଥ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ମନୋଜ କୁମାର ବେହେରା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏକାଡେମୀ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍ | ଭାରତର ଜୟସ୍ମିନ, ମିନାକ୍ଷୀଙ୍କୁ ସ୍ୱର୍ଣ୍ଣ





ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଇଂଲଣ୍ଡର ଲିଭରପୁଲଠାରେ ଶେଷ ହୋଇଥିବା ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତର ଦୁଇ ମହିଳା ପ୍ରତିଯୋଗୀ ଜୟସ୍ମିନ୍ ଲାମ୍ବୋରିଆ ଓ ମିନାକ୍ଷୀ ହୁଡା ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଏମାନେ ଭାରତର ପ୍ରଥମ ଦୁଇ ମହିଳା ଯିଏକି ଚଳିତ ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହେବାରେ ଗୌରବ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ଆଉ ଦୁଇ ଜଣ ମହିଳା ପ୍ରତିଯୋଗୀ ନୁପୁର ରୌପ୍ୟ ଓ ପୂଜା ରାଣୀ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ଭାରତ ଏହି ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ମୋଟ ୪ଟି ପଦକ ଜିତି ସମ୍ମାନର ସହ ସ୍ୱଦେଶ ଫେରିଛି। କିନ୍ତୁ ପ୍ରଥମଥର ଲାଗି ପୁରୁଷ ବକ୍ସରମାନେ ଗୋଟିଏ ହେଲେ ପଦକ ଜିତିବାକୁ ସମର୍ଥ ହୋଇନାହାନ୍ତି।

ଶନିବାର ରାତି ଥିଲା ଭାରତୀୟ ମହିଳା ବକ୍ସିଂ ଲାଗି ଇତିହାସର ଦିନ। ଏହି ଦିନ ମହିଳା ୫୭ କିଲୋଗ୍ରାମ ଲଢ଼େଇରେ ଜୟସ୍ମିନ୍ ଅଲିମ୍ପିକ ରୌପ୍ୟ ପଦକ ବିଜେତା ପୋଲାଣ୍ଡର ୟୁଲିଆ ଜେରେମେଟାଙ୍କୁ ପରାସ୍ତ କରି ପ୍ରଥମଥର ଲାଗି ସ୍ୱର୍ଣ୍ଣପଦକ ଜିତିବା ସହ ଇତିହାସ ସୃଷ୍ଟି କରିଥିଲେ। ଏହା ପରେ ମହିଳା ୮୦ କେଜିରୁ ଉଦ୍ଧ୍ୱର୍ ବିଭାଗ ଫାଇନାଲରେ ନୁପୁର ହାରିଯିବାରୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ରବିବାର ପ୍ରତିଯୋଗିତାର ଶେଷ ଦିନରେ ମିନାକ୍ଷୀ ୪୮ କିଲୋଗ୍ରାମ୍ ଶ୍ରେଣୀରେ ସ୍ୱର୍ଣ୍ଣପଦକ ଜିତି ଭାରତର ଗୌରବକୁ ଆହୁରି ବଢ଼ାଇଦେଇଥିଲେ। ଫାଇନାଲରେ ସେ କାଜାକସ୍ତାନର ନାଜିମ କିଜେବେଙ୍କୁ ୪-୧ରେ ପରାସ୍ତ କରିଥିଲେ। ଜୟସ୍ମିନ୍ ମଧ୍ୟ ୪-୧ ବ୍ୟବଧାନରେ ଜିତିଥିଲେ। ୨୦୨୨ ଏସିଆନ୍ ଚାମ୍ପିଅନସିପ୍‌ରେ ମିନାକ୍ଷୀ ରୌପ୍ୟ ପଦକ ଜିତିଥିଲେ। ଉଭୟ ଜୟସ୍ମିନ୍ ଓ ମିନାକ୍ଷୀ ହରିଆଣାର ବାସିନ୍ଦା। ଜୟସ୍ମିନ୍ ଜଣେ ବକ୍ସିଂ ପରିବାରୀଚ ଆସିଥିଲାବେଳେ ମିନାକ୍ଷୀ ଜଣେ ଅଟୋ ଡ୍ରାଇଭରଙ୍କ ଝିଅ। ଏମାନଙ୍କ ସଫଳତା ଭାରତର ମହିଳା ବକ୍ସିଂକୁ ଆଉ ପାଦେ ଆଗେଇ ନେବାରେ ସହାୟତା କରିବ। ଏମାନଙ୍କ ପୂର୍ବରୁ ଭାରତର ମେରୀ କମ୍ ୬ଥର, ନିଖତ ଜରିନ୍ ୨ଥର, ସରିତା ଦେବୀ, ଜେନି ଆର୍‌ଏଲ୍, ନୀତୁ ଘାଙ୍ଗାସ, ଲଭଲିନା ବୋରୋଗୋହାଇଁ ଓ ସ୍ୱିଟି ବୋରା ଥରେ ଲେଖାଏଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି।

### ମହିଳା ଦିନିକିଆ ସିରିଜ୍

## ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠୁ ହାରିଲା ଭାରତ

ଚଣ୍ଡିଗଡ଼, ୧୪।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ରବିବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଭାରତ ପରାସ୍ତ ହୋଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳ ଏହି ମ୍ୟାଚକୁ ୮ ୱିକେଟ୍‌ରେ ହାରିଯାଇଥିଲା। ଭାରତ ପକ୍ଷରୁ ଧାର୍ଯ୍ୟ ୨୮୧ ରନର ବଡ଼ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୪୪.୧ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ବିଜୟୀ ଅଷ୍ଟ୍ରେଲିଆ ମହିଳା ଦଳ ପକ୍ଷରୁ ଓପନର୍ ଫୋଏବ ଲିଚଫିଲ୍ଡ (୮୮ ରନ), ବେଥ୍ ମୁନୀ (୭୭) ଓ ଆନାବେଲ୍ ସଦରଲାଣ୍ଡ (୫୪) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭାରତୀୟ ଖେଳାଳିମାନେ ଦୁର୍ବଳ ଫିଲ୍ଡିଂ କରି ଏକାଧିକ କ୍ୟାଚ୍ ହାତଛଡ଼ା କରିବା ମହଙ୍ଗା ପଡ଼ିଥିଲା। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ମହିଳା ଦଳ ସମସ୍ତ ବ୍ୟାଟର୍‌ଙ୍କ ଉପଯୋଗୀ ପାଳି ଯୋଗୁ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୧ ରନ କରିଥିଲା। ବ୍ୟାଟିଂକ୍ରମର ପ୍ରଥମ ୩ଜଣ ବ୍ୟାଟର୍ ପ୍ରତୀକା ରାୱଲ ୬୪, ସ୍ମୃତି ମନ୍ଧାନା ୫୮ ଓ ହର୍ଲିନ ଦେଓଲ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପରାଜୟ ସହ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ପଛୁଆ ରହିଛି। ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳାଯିବ।



### ମନ୍ଧାନାଙ୍କ ୧୫୦ତମ ମ୍ୟାଚ୍


୧- ମନ୍ଧାନାଙ୍କ ଏହା ୧୫୦ତମ ମ୍ୟାଚ୍ ଥିଲା। ମିତାଲି ରାଜ (୨୩୨ଟି) ଓ ଝୁଲଣ ଗୋସ୍ୱାମୀ (୨୦୪)ଙ୍କ ପରେ ୩ୟ ଭାରତୀୟ ଭାବେ ସେ ୧୫୦ ଦିନିକିଆ ମ୍ୟାଚ୍ ଖେଳିବା କ୍ଲବରେ ସାମିଲ ହୋଇଛନ୍ତି।


୨- ମନ୍ଧାନା ଓ ପ୍ରତିକା ଓପନିଂ ୱିକେଟ୍‌ରେ ୧୧୪ ରନ ସଂଗ୍ରହ କରିଥିଲେ। ଦିନିକିଆରେ ଏହି ଯୋଡ଼ି ୫ମଥର ଲାଗି ଶତକୀୟ ଭାଗୀଦାରି ଗଢ଼ିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ୱିକେଟ୍‌ରେ ମଧ୍ୟ ଏହା ଭାରତର ସର୍ବାଧିକ ଭାଗୀଦାରି।

୩- ଦିନିକିଆ କ୍ରିକେଟ୍‌ରେ ୬ଷ୍ଠଥର ଲାଗି ଭାରତର ପ୍ରଥମ ୩ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ହଂକଂ ଓପନ୍‌ରେ ଭାରତକୁ ୨ ରୌପ୍ୟ

### ଫାଇନାଲ୍‌ରେ ନିରାଶ କଲେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ





ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ପାଞ୍ଚଲକ୍ଷ ଡଲାର ପୁରସ୍କାର ରାଶିବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନରେ ଭାରତ ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛି। ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ଏବଂ ଡବଲ୍ସରେ ସାତ୍ତ୍ୱିକସାଇରାଜନ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଫାଇନାଲରେ ପରାସ୍ତ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫାଇନାଲରେ ଲକ୍ଷ୍ୟ ୧୫-୨୧, ୧୨-୨୧ ସିଧାସଳଖ ଗେମରେ ଚୀନର ଲି ଶି ଫେଙ୍ଗ୍‌ଙ୍କ ନିକଟରୁ ହାରି ରନର୍ସଅପ୍ ହୋଇଥିଲେ। ଚଳିତ ବର୍ଷ ଲକ୍ଷ୍ୟଙ୍କ ଏହା ପ୍ରଥମ ଫାଇନାଲ ଥିଲା। ସେହିଭଳି ପୁରୁଷ ଡବଲ୍ସ ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୯, ୧୪-୨୧, ୧୭-୨୧ରେ ଚୀନର ଲିଆଙ୍ଗ୍ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କଠାରୁ ହାରିଯାଇଥିଲେ। ଏଥିପୂର୍ବରୁ ସାତ୍ତ୍ୱିକ-ଚିରାଗ ଯୋଡ଼ି ନିକଟରେ ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ଏସିଆ କପ୍ ମହିଳା ହକିରେ ଭାରତ ରନର୍ସଅପ୍

ହାଙ୍ଗଝୋଉ, ୧୪।୯ (ଏଜେନ୍ସି)

ମହିଳା ଏସିଆ କପ୍ ହକିର ଏକାଦଶ ସଂସ୍କରଣରେ ଆୟୋଜକ ଚୀନ ଚାମ୍ପିଅନ ହୋଇଛି। ରବିବାର ଖେଳାଯାଇଥିବା ଏକତରଫା ଫାଇନାଲରେ ଭାରତୀୟ ମହିଳା ଦଳ ୧-୪ ଗୋଲ୍‌ରେ ଚୀନ ନିକଟରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଚାମ୍ପିଅନ ସହ ଚୀନ ଆସନ୍ତାବର୍ଷ ବେଲ୍‌ଜିୟମ ଓ ନେଦରଲାଣ୍ଡସରେ ମିଳିତ ଭାବେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ସପ୍ତମ ଦେଶ ଭାବେ ଚୀନ ଆଗାମୀ ମହିଳା ହକି ବିଶ୍ୱକପ୍ ଟିକଟ୍ ହାସଲ କରିଛି।

ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚର ପ୍ରଥମ ମିନିଟ୍‌ରେ ହିଁ ଭାରତ ଗୋଲ୍ ଦେବାରେ ସଫଳ ହୋଇଥିଲା। ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ନବନୀତ୍ କୌର ଭାରତକୁ ପ୍ରଥମ କ୍ୱାର୍ଟରରେ ୧-୦ରେ ଆଗୁଆ କରାଇଥିଲେ। ନିଜର ୨୦୦ତମ ମ୍ୟାଚରେ ଗୋଲ୍ ଦେଇ ନବନୀତ୍ ଏହାକୁ ଆହୁରି ସ୍ମରଣୀୟ କରିଥିଲେ। ଏହାପରେ କିନ୍ତୁ ଘରୋଇ ଟୀମ ଖେଳାଳିମାନେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଗୋଟିଏ ଲେଖାଏ ଏବଂ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇ ଚୀନ ମ୍ୟାଚକୁ ୪-୧ ଗୋଲ୍‌ରେ ଜିତି ଏସିଆ କପ୍ ଟ୍ରଫି ହାତେଇନେଇଥିଲା। ଉଲ୍ଲେଖଯୋଗ୍ୟ, ନିକଟରେ ବିହାରରେ ଶେଷ ହୋଇଥିବା ପୁରୁଷ ଏସିଆ କପ୍ ହକିରେ ଭାରତ ୪-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଚାମ୍ପିଅନ ହୋଇଥିଲା।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS